


ସୁଟିଂ ସାରିଲେ ସାହିଦ

▶ପୃଷ୍ଠା 9 ଦେଖନ୍ତୁ...

◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-71 ◆THURSDAY ◆4 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୭୧ ◆ଗୁରୁବାର ◆୪ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

## ସେବି ଉପରେ ମାମଲା ରୁଜୁ କଲା ଆମେରିକୀୟ କମ୍ପାନୀ

■ **ମୁମ୍ବଇ, ୩।୯ (ଏଜେନ୍ସି):** ଭାରତୀୟ ସେୟାର ବଜାର ନିୟାମକ ସେବି ତଥା 'ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ' ବିରୋଧରେ ଆମେରିକୀୟ ଟ୍ରେଡିଂ କମ୍ପାନୀ 'ଜେନ୍ ଷ୍ଟ୍ରିଟ୍ ଗ୍ରୁପ' ମାମଲା ରୁଜୁ କରିଛି। ଜାଲିଆତି କରି ୪,୮୪୪ କୋଟି ଟଙ୍କାର ଲାଭ (ବେଆଇନ) ଉଠାଇ ଥିବା ଅଭିଯୋଗରେ ସେବି ପୂର୍ବରୁ ଏହି କମ୍ପାନୀକୁ ସେୟାର ବଜାରରୁ ନିଷିଦ୍ଧ କରିଦେଇଥିଲା। ରିପୋର୍ଟ ଅନୁଯାୟୀ ସେବିର ଏହି ନିଷ୍ପତ୍ତିକୁ ବିରୋଧ କରି ଜେନ୍ ଷ୍ଟ୍ରିଟ ସିକ୍ୟୁରିଟିଜ୍ ଅପିଲେଟ ଟ୍ରିବ୍ୟୁନାଲ (ସ୍ୟାଟ)ରେ ଆବେଦନ ଦାଏର କରିଛି। ସେୟାର ବଜାରକୁ ନେଇ ନିୟାମକ ଦେଇଥିବା ନିଷ୍ପତ୍ତି ଉପରେ ସ୍ୟାଟ୍‌ରେ ଶୁଣାଣି ହୋଇଥାଏ। ତେବେ ଏହାକୁ ଜେନ୍ ଷ୍ଟ୍ରିଟ୍ କିମ୍ବା ସେବି ପକ୍ଷରୁ କୌଣସି ଟିପ୍ପଣୀ ଦିଆଯାଇ ନାହିଁ। ସୂଚନା ଅନୁଯାୟୀ ଗତ ଜୁଲାଇ ୩ ତାରିଖରେ ଜେନ୍ ଷ୍ଟ୍ରିଟ୍‌ର କାରବାର ଉପରେ ସେବି କଟକଣା ଲଗାଇ ଦେଇଥିଲା। ଏହି କମ୍ପାନୀ ନିଫ୍ଟି-୫୦ ଏବଂ ବ୍ୟାଙ୍କ ନିଫ୍ଟିରେ ଜାଲିଆତି କରି ବିପୁଳ ଲାଭ କମାଇ ଥିବା କୁହାଯାଇଥିଲା। ୨୦୨୩ ଜାନୁଆରୀରୁ ୨୦୨୫ ମେ' ମଧ୍ୟରେ ଜେନ୍ ଷ୍ଟ୍ରିଟ୍ ୩୬, ୬୭୧ କୋଟି ଟଙ୍କା ଲାଭ କରିଥିଲା। ଏଥିରୁ ୪,୮୪୪ କୋଟି ଟଙ୍କାର ଲାଭ ବେଆଇନ ଭାବେ ଉପାର୍ଜନ କରିଥିଲା। ପୁଣି ଥରେ କାରବାର କରିବା ପାଇଁ ଏହି ଅର୍ଥକୁ ଏସ୍କ୍ରୋ ଆକାଉଣ୍ଟରେ ଜମା କରିବାକୁ ସେବି ନିର୍ଦ୍ଦେଶ ଦେଇଥିଲା। ପରେ ଜୁଲାଇ ୧୧ରେ ଜେନ୍ ଷ୍ଟ୍ରିଟ ଏହି ରାଶି ଜମା କରିଥିଲା। ଜୁଲାଇ ୧୮ରେ ସେବି ଏହି କମ୍ପାନୀକୁ କିଛି ସର୍ତ୍ତରେ ପୁଣି କାରବାର ପାଇଁ ଅନୁମତି ଦେଇଥିଲା ବୋଲି ସୂଚନା ମିଳିଛି। ତେବେ ଜାଲିଆତି କରୁଥିବା ସହଯୋଗୀ କମ୍ପାନୀଠାରୁ ଦୂରେଇ ରହିବାକୁ ଜେନ୍ ଷ୍ଟ୍ରିଟ୍‌କୁ ଚେତାବନୀ ଦେଇଥିଲା।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୪ ମୃତ

■ **କ୍ୱେଟା, ୩।୯ (ଏଜେନ୍ସି):** ପାକିସ୍ତାନର କ୍ୱେଟାରେ ମଙ୍ଗଳବାର ରାତିରେ ଆୟୋଜିତ ବାଲୋଚ୍ ନ୍ୟାସନାଲ ପାର୍ଟି (ବିଏନ୍‌ପି)ର ଏକ ରାଲିରେ ହୋଇଥିବା ଆତ୍ମଘାତୀ ବିସ୍ଫୋରଣରେ ୧୪ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୩୦ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି।

ଆହତଙ୍କ ମଧ୍ୟରେ ବିଏନ୍‌ପି ନେତା ଅହମ୍ମଦ ନୱାଜ ଓ ମୁସା ବାଲୋଚ ସାମିଲ ରହିଛନ୍ତି। ବେଲୁଚିସ୍ତାନ ପୂର୍ବତନ ମୁଖ୍ୟମନ୍ତ୍ରୀ ସର୍ଦ୍ଦାର ଅତାଉଲ୍ଲା ମେନଗାଲଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀରେ ଶାହୱାନୀ ଷ୍ଟାଡିୟମରେ ଏହି ରାଲିର ଆୟୋଜନ କରାଯାଇଥିଲା। ରାଲି ସରିବାର କିଛି ସମୟ ପୂର୍ବରୁ ପାର୍କିଂ ଅଞ୍ଚଳରେ ଏହି ବିସ୍ଫୋରଣ ହୋଇଥିଲା। ଗତ ମାର୍ଚ୍ଚରେ ଲାକଡାରାରେ ମଧ୍ୟ



ଏଭଳି ଏକ ଆତ୍ମଘାତୀ ବିସ୍ଫୋରଣ ଘଟିଥିଲା। ତେବେ ଘଟଣା ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଜଣେ ୩୫ରୁ ୪୦ ବର୍ଷର ବ୍ୟକ୍ତି ୮ କେଜିର ବିସ୍ଫୋରକ ନେଇ ଏହି କାଣ୍ଡ ଘଟାଇଛି ବୋଲି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

# ଉତ୍ତର ଭାରତରେ ବର୍ଷାର ତାଣ୍ଡବ



- ପଞ୍ଜାବରେ ଭୀଷଣ ବନ୍ୟା; ୩୦ ମୃତ
- ହିମାଚଳରେ ଭୂସ୍ଖଳନ ଯୋଗୁଁ ୧୧ ମୃତ
- ଦିଲ୍ଲୀରେ ପଶିଲା ଯମୁନା ନଦୀର ପାଣି
- ୧୦ ହଜାର ଲୋକ ସୁରକ୍ଷିତ ସ୍ଥାନାନ୍ତର
- ୟୁପିର ୨୦ ସହରରେ ବି ପ୍ରବଳ ବର୍ଷା

■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦେଶର ସମ୍ପୂର୍ଣ୍ଣ ଉତ୍ତର ପଶ୍ଚିମ ଭାଗରେ ପ୍ରବଳ ବର୍ଷା ଜାରି ରହିଛି।। ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ହିମାଚଳ, ଜମ୍ମୁ- କଶ୍ମୀର, ରାଜସ୍ଥାନ ଓ ଉତ୍ତରାଖଣ୍ଡରେ ଆଜି ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଫଳରେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ବର୍ଷା ଓ ବନ୍ୟା ଯୋଗୁଁ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି ପଞ୍ଜାବ। ରାଜ୍ୟର ୨୩ଟି ଜିଲ୍ଲାର ଏବେ ବି ୧୨୦୦ ଗାଁ ପାଣି ଘେରରେ ରହିଛି। ବର୍ଷା ଓ ବନ୍ୟାରେ ୩୦ ଜଣ ପ୍ରାଣ ହରାଇଲେଣି ଏବଂ ୩ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ରାଜ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ସବୁ ସ୍କୁଲ ଓ କଲେଜକୁ ବନ୍ଦ କରିଦିଆଯାଇଛି। ହରିୟାଣାର ଝାଜର, ହିସାର, ଯମୁନାନଗର, କୁରୁକ୍ଷେତ୍ର, ଅମ୍ବାଲା ଓ ପଞ୍ଚକୁଲା ଜିଲ୍ଲାର ଅଧିକାଂଶ ଅଞ୍ଚଳ ପାଣିରେ ବୁଡ଼ି ରହିଛି ଓ ୩ରୁ ୫ ଫୁଟ ଉଚ୍ଚରେ ପାଣି ଜମି ରହିଛି। ଖାସ୍ କରି ଅମ୍ବାଲାର ସ୍ଥିତି ଗମ୍ଭୀର ରହିଛି। ହଜାର ହଜାର ଘରେ ୨ରୁ ୪ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ୨୦୦ରୁ ଅଧିକ ସ୍କୁଲକୁ ବନ୍ଦ କରିଦିଆଯାଇଛି।

ରାଜଧାନୀ ଦିଲ୍ଲୀ ଅବସ୍ଥା ମଧ୍ୟ ଖରାପ। ବର୍ଷା ଓ ବନ୍ୟା ଯୋଗୁଁ ରାଜଧାନୀ ବେହାଲ। ଦିଲ୍ଲୀରେ ଯମୁନା ନଦୀର ଜଳ ବିପଦ ସଂକେତ (୨୦୫ ମିଟର) ଉପରେ ଅର୍ଥାତ ୨୦୭.୮ ମିଟରରେ ପ୍ରବାହିତ ହେଉଛି। ୧୨ ବର୍ଷ ପରେ ପ୍ରଥମ ଥର ଲାଗି ଯମୁନା ଭୟଙ୍କର ରୂପ ଧାରଣ କରିଛି। ଦିଲ୍ଲୀର ଯମୁନା ବଜାର, ତିବତ୍ତ ବଜାର, ମୋନେଷ୍ଟ୍ରି ବଜାରରେ ପାଣି ପଶି ଯାଇଛି। ତଳିଆ ଅଞ୍ଚଳରେ ୧୦ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ଦିଲ୍ଲୀରେ ସ୍କୁଲକୁ ବନ୍ଦ ରଖାଯାଇଛି ଓ ଅନ୍‌ଲାଇନ୍ କ୍ଲାସ ଜାରି ରହିଛି। ଇନ୍ଦିରା ଗାନ୍ଧୀ ବିମାନବନ୍ଦରରେ ପଶରି ଜମି ରହିଥିବାରୁ ୩୪୦ରୁ ଅଧିକ ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନେକ ସ୍ଥାନରେ ପାଣି ଜମି ରହିଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି।

ସେହିପରି ରାଜସ୍ଥାନର ଜୟପୁରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଏଠାରେ ଥିବା ସବୁଠୁ ବଡ଼ ଏସ୍‌ଏମ୍‌ଏସ୍ ହସ୍ପିଟାଲରେ ପାଣି ପଶିଯାଇଛି। କୋଟାର ଦରା ରେଲୱେ ଷ୍ଟେସନ ନିକଟ ଥିବା ରେଲୱେ ଟ୍ରାକ୍ ଉପରେ ଭୂସ୍ଖଳନ ହୋଇଛି। ହିମାଚଳ ପ୍ରଦେଶରେ ୧୩୦୦ରୁ ଊର୍ଦ୍ଧ୍ୱ ▶ପୃଷ୍ଠା-୭

### ଜିଏସ୍‌ଟି ପରିଷଦ ବୈଠକ ଆରମ୍ଭ

## ୧୨%, ୨୮% ଟିକସ ସ୍ଲାବ୍ ହଟାଇବାକୁ ମଞ୍ଜୁରୀ



■ **ନୂଆଦିଲ୍ଲୀ, ୩।୯ (ଏଜେନ୍ସି):** ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି) ପରିଷଦର ୫୬ତମ ବୈଠକ ବୁଧବାର ନୂଆଦିଲ୍ଲୀରେ ଆରମ୍ଭ ହୋଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକର ପ୍ରଥମ ଦିନରେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତ ସ୍ଲାବକୁ ହଟାଇବା ପାଇଁ ମଞ୍ଜୁରି ମିଳିଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ବର୍ତ୍ତମାନର ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ଶୁଳ୍କ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହା ସହିତ ବ୍ୟବସାୟୀଙ୍କ ଉପରୁ ବୋଝ କମ୍ କରିବା ପାଇଁ ସହମତି ପ୍ରକାଶ ପାଇଛି। ଏଥିରେ

- **୫%, ୧୮% ସ୍ଲାବ ଲାଗୁ ହେବ**
- **ଷ୍ଟାର୍ଟଅପ୍ ପଞ୍ଜିକରଣ ସମୟସୀମା ତିନି ଦିନକୁ ହ୍ରାସ**
- **ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ**
- **ରାଜସ୍ୱ ସୁରକ୍ଷା ପାଇଁ ବିରୋଧୀ ଶାସିତ ରାଜ୍ୟଙ୍କ ଦାବି**

ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ର ପଞ୍ଜିକରଣ ସମୟକୁ ୩୦ ଦିନରୁ ତିନି ଦିନ ହ୍ରାସ ▶ପୃଷ୍ଠା-୭

### ଦିଲ୍ଲୀରେ ମୋହନ, ମନମୋହନ

## ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ !

■ **ଭୁବନେଶ୍ୱର, ୩।୯ (ସମିସ):** ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନାଜଳ୍ପନା ଜାରି ରହିଥିବା ବେଳେ ବୁଧବାର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ମନମୋହନ ଦିଲ୍ଲୀ ଯିବା ଚର୍ଚ୍ଚାକୁ ଅଧିକ ଖୋରାକ୍ ଯୋଗାଇଛି। ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣର ସମ୍ଭାବନା ରହିଥିବା ନେଇ ରାଜନୈତିକ ସମୀକ୍ଷକ ଅନୁମାନ କରୁଛନ୍ତି। ଏପରିସ୍ଥଳରେ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ବିଜେପି ସଭାପତିଙ୍କ ଏକା ସମୟରେ ଦିଲ୍ଲୀ ଗସ୍ତ ପରେ ଖୁବଶୀଘ୍ର ରାଜ୍ୟରେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ଓ ମନ୍ତ୍ରୀ ପରିଷଦରେ ଆଉ ୬ ମନ୍ତ୍ରୀଙ୍କୁ ସ୍ଥାନ ମିଳିବା ଚର୍ଚ୍ଚା ଦାନା ବାନ୍ଧିଛି। ଗତ ଅଗଷ୍ଟରେ ମଧ୍ୟ ମୋହନ-ମନମୋହନ ଯୋଡ଼ି ଏକାସାଙ୍ଗରେ ଦିଲ୍ଲୀ ଗସ୍ତ କରିଥିଲେ। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ସେତେବେଳେ ଆଲୋଚନା ହୋଇଥିଲେ ହେଁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ଏହାପରେ ଏକାଧିକ ବାର ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ସଂଗଠନ ବିସ୍ତାର ନେଇ ଏକାଧିକ ବାର ରାଜ୍ୟ ଓ ଶୀର୍ଷ ନେତୃତ୍ୱ ଆଲୋଚନା କରି ସାରିଛନ୍ତି। ମାତ୍ର ପ୍ରତିଥର ବିଭିନ୍ନ କାରଣ ଯୋଗୁଁ ଏନେଇ କୌଣସି ନିର୍ଯ୍ୟାସ ବାହାରି ପାରିନାହିଁ।

ବିଜେପିର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବୃଦ୍ଧିକୁ ନେଇ ଶାସକ ଦଳରେ ଏକ ଅସ୍ୱସ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସରକାର ଗଠନର ୧୪ ମାସ ବିତିଥିଲେ ମଧ୍ୟ ବିଭିନ୍ନ ନିଗମ ଓ ବୋର୍ଡ଼‌ରେ ଦଳୀୟ ନେତାଙ୍କୁ ଥଇଥାନ ନ ହେବା ଯୋଗୁଁ ଦଳୀୟ ନେତାଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଏହା ବ୍ୟତୀତ ଦଳରେ ଗୋଷ୍ଠୀ ବିବାଦ ଓ ବିଭିନ୍ନ ନେତାଙ୍କ ସମର୍ଥକଙ୍କ ମଧ୍ୟରେ ସମ୍ଭାବ୍ୟ ମନ୍ତ୍ରୀପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଥିଲା। ଏହି ଖବର ▶ପୃଷ୍ଠା-୭

## ସ୍ନାତକଙ୍କ ପାଇଁ ବାହାରୁନି ଚାକିରି

■ **ଭୁବନେଶ୍ୱର, ୩।୯ (ସମିସ):** ସ୍ନାତକ ପଢୁଆ ପିଲାଙ୍କ ପାଇଁ ରାଜ୍ୟରେ ନୂତନ ନିଯୁକ୍ତି ବାହାରୁ ନାହିଁ। ଚଳିତବର୍ଷ ଓଡ଼ିଶା ଲୋକସେବା ଆୟୋଗ (ଏପିଏସ୍‌ସି) ପରିଚାଳିତ ମହାଲେଖାଗାର ଏଏସ୍‌ଓ ପଦରେ ନିଯୁକ୍ତି ପାଇଁ ୨୯ ଟି ପଦ ବ୍ୟତୀତ ଅନ୍ୟ କୌଣସି ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ରାଜ୍ୟରେ ବହୁ ପଦ ଖାଲି ପଡ଼ିଥିବା ସତ୍ତ୍ୱେ ନିଯୁକ୍ତି ବାହାରୁ ନ ଥିବାରୁ ଲକ୍ଷାଧିକ ଆଶାୟୀ ନିରାଶ ହେଉଛନ୍ତି।

ରାଜ୍ୟରେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାର ଘୋଷଣା କରିଛନ୍ତି। ଖୋଦ୍ ମୁଖ୍ୟମନ୍ତ୍ରୀ ଦୁଇବର୍ଷ ମଧ୍ୟରେ ୬୫ ହଜାର ଓ ୫ବର୍ଷରେ ଅଢ଼େଇ ଲକ୍ଷ ନିଯୁକ୍ତି ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା କହିଛନ୍ତି। ହେଲେ ଚଳିତ ବର୍ଷ କେବଳ ସ୍ନାତକ ଶିକ୍ଷାପ୍ରାପ୍ତ ପିଲାଙ୍କ ପାଇଁ ଆବଶ୍ୟକ ପଦ ବାହାରି ନାହିଁ। ସ୍ୱତନ୍ତ୍ର ଡିଗ୍ରୀଧାରୀଙ୍କ ପାଇଁ ଡାକ୍ତର, ନର୍ସ, ଶିକ୍ଷକ ପରି ପଦ ବାହାରିବା ସହ ନିଯୁକ୍ତି ପ୍ରକ୍ରିୟା ▶ପୃଷ୍ଠା-୭

**ଲଘୁଚାପ ସକ୍ରିୟ**

## ରାଜ୍ୟସାରା ନିର୍ଘୂମ୍ ବର୍ଷା

■ **ଭୁବନେଶ୍ୱର, ୩।୯ (ସମିସ):** ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅଧିକ ଘନୀଭୂତ ହୋଇ ସୁଦୃଶ ଲଘୁଚାପରେ ପରିଣତ ହୋଇଛି। ଏହା ପ୍ରଭାବରେ ବୁଧବାର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ

### ଫୁଲୁଛି ସବୁ ନଦୀ

ଉପକୂଳବର୍ତ୍ତୀ ଜିଲ୍ଲା ଓ ଏହାର ସଂଲଗ୍ନ ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ହୋଇଛି। ଯାଜପୁରରେ ସର୍ବାଧିକ ୧୪୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ଚାନ୍ଦବାଲିରେ ୯୦ ମିମି ବର୍ଷା ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ୬୭ ମିମି ବର୍ଷା ସହ ବାଲେଶ୍ୱର ୫୦, ପାରାଦୀପ ୪୨, ବାରିପଦା



୫୦, କେନ୍ଦୁଝର ୫୦, ଛତ୍ରପୁର ୫୦, ଦେବଗଡ଼ ୫୮, ନୂଆପଡ଼ା ମଧ୍ୟ ୩୮ ମିମି ବର୍ଷା ରେକର୍ଡ ହୋଇଛି।

ଏହି ସଦୃଶ ଲଘୁଚାପ ଟି ଆସନ୍ତା ୨୪ ଘଣ୍ଟା ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରିବା ସହ ଉତ୍ତର ଓଡିଶା ମଧ୍ୟ ଦେଇ ଝାଡ଼ଖଣ୍ଡ ଓ ଛତିଶଗଡ଼ ମୁହାଁ ହେବ। ଏହା ପ୍ରଭାବରେ ରାଜ୍ୟରେ ଗୁରୁବାର ମଧ୍ୟ ଅନେକ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ସୁନ୍ଦରଗଡ଼, ସମ୍ବଲପୁର ଓ ▶ପୃଷ୍ଠା-୭

# ନିଶା ନିବାରଣ କେନ୍ଦ୍ରରେ ହତ୍ୟା

■ **ଭୁବନେଶ୍ୱର, ୩।୯ (ସମିସ):** କିଛି ଦିନର ବ୍ୟବଧାନ ପରେ ପୁଣି ନିଶା ନିବାରଣ କେନ୍ଦ୍ରରେ ଘଟିଛି ଅଭାବନୀୟ ଘଟଣା। ନିଶା ଛାଡ଼ିବାକୁ ଆସିଥିବା ଜଣେ ଯୁବକ ପ୍ରାଣ ହରାଇଛନ୍ତି। ଭରତପୁର ଥାନା ଅନ୍ତର୍ଗତ ଜିଏ କଲୋନୀରେ ଥିବା ଡିୟର ଲାଇଫ୍ ୱେଲନେସ ହିଲନେସ୍ ସେଣ୍ଟରରେ ଏଭଳି ଅଘଟଣ ଘଟିଛି। ମୃତକ ହେଉଛନ୍ତି ବାଙ୍କୀ ସିଂହନାଥପୁରର ସୂର୍ଯ୍ୟକାନ୍ତ ମହାପାତ୍ର (୨୮)। ସୂର୍ଯ୍ୟକାନ୍ତଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରଶାନ୍ତ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ନିଶା ନିବାରଣ କେନ୍ଦ୍ରକୁ ନେଇ ରହିଥିବା ଏସ୍‌ଓପି ପାଳନ ହେଉନଥିବାରୁ ବାରମ୍ବାର ଏଭଳି ଅଘଟଣ ସାମ୍ନାକୁ ଆସୁଛି। ପୁଲିସ ନିଶା ନିବାରଣ କେନ୍ଦ୍ରଗୁଡ଼ିକ ପ୍ରତି କୋହଳ ମନୋଭାବ ପୋଷଣ କରୁଥିବାରୁ ଅନ୍ତେବାସୀଙ୍କ ଜୀବନ ଯାଉଛି ବୋଲି ଅଭିଯୋଗ ହୋଇଛି।



ଅଭିଯୋଗ ଅନୁଯାୟୀ, ସିଂହନାଥପୁରର ସୂର୍ଯ୍ୟକାନ୍ତଙ୍କୁ ଗତ ୨୯ ତାରିଖରେ ପରିବାର ଲୋକେ ଜିଏ କଲୋନୀସ୍ଥିତ ଡିୟର ଲାଇଫ୍ ୱେଲନେସ ହିଲନେସ୍ ନିଶା ନିବାରଣ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ମଙ୍ଗଳବାର ଅପରାହ୍ଣରେ ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଥିବା ନେଇ ନିଶା ନିବାରଣ କେନ୍ଦ୍ର କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ କଳିଙ୍ଗନଗରରେ ଥିବା ଏକ ଘରୋଇ ଡ଼ାକ୍ତରଖାନାକୁ ନିଆଯାଇଛି ବୋଲି କହିଥିଲେ। ସୂର୍ଯ୍ୟକାନ୍ତଙ୍କ ଦାଦା ପ୍ରଶାନ୍ତ ଓ ଅନ୍ୟ ସଦସ୍ୟମାନେ ଆସି ସେଠାରେ ପହଞ୍ଚିବା ବେଳକୁ ମୃତଦେହକୁ କ୍ୟାପିଟାଲ ହସପିଟାଲକୁ ସ୍ଥାନାନ୍ତର କରା ଯାଇଥିଲା। ସେଠାରୁ କ୍ୟାପିଟାଲ ହସପିଟାଲ ଯାଇଥିଲେ ମଧ୍ୟ ମୃତଦେହକୁ ଶବ ସଂରକ୍ଷଣ ଗୃହରେ

### ପାଳନ ହେଉନାହିଁ ମାର୍ଗଦର୍ଶିକା

### ପୁଲିସ ପାଖରେ ନାହିଁ କେନ୍ଦ୍ରର ତଥ୍ୟ


ରଖାଯାଇଥିବାରୁ ଆଉ ଦେଖିବାର ସୁଯୋଗ ମିଳି ନ ଥିଲା। ପରିବାର ଲୋକଙ୍କ କହିବାନୁଯାୟୀ ନିଶା ନିବାରଣ କେନ୍ଦ୍ରରେ ଛାଡ଼ିବା ବେଳେ ସୂର୍ଯ୍ୟକାନ୍ତଙ୍କର କୌଣସି ସ୍ୱାସ୍ଥ୍ୟଗତ ସମସ୍ୟା ନ ଥିଲା। ଏମିତି କି କେନ୍ଦ୍ରରେ ଛାଡ଼ିବା ପରଦିନ ମଧ୍ୟ ପରିବାର ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ତେବେ ସେ କାହିଁକି ▶ପୃଷ୍ଠା-୭

**ହାଇକୋର୍ଟରେ ସମ୍ବଲପୁର ମହାନଗର ନିଗମ ମାମଲା**

# ନିର୍ବାଚନ ପାଇଁ ଫିଟିଲା ବାଟ

### ୬ସପ୍ତାହ ମଧ୍ୟରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

■ **କଟକ, ୩।୯ (ସମିସ):** ଦୀର୍ଘ ୧୦ବର୍ଷ ପରେ ସମ୍ବଲପୁର ମହାନଗର ନିଗମ ନିର୍ବାଚନ ପାଇଁ ବାଟ ଫିଟିଛି। ଏକ ଦଶନ୍ଧି ଧରି ବିଚାରାଧୀନ ମାମଲାର ଶୁଣାଣିରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଥିସହ ଆସନ୍ତା ୬ସପ୍ତାହ ମଧ୍ୟରେ ସଂରକ୍ଷଣ ନିୟମ ଅନୁସାରେ ସାନି ୱାର୍ଡ ସଂରକ୍ଷଣ ବିଜ୍ଞପ୍ତି ଜାରି କରିବାକୁ ଅଦାଲତ ନିର୍ଦ୍ଦେଶ ପ୍ରଦାନ କରିବା ସହ ଗତ ୨୦୧୫ର ବିଜ୍ଞପ୍ତିକୁ ରଦ୍ଦ କରିଦେଇଛନ୍ତି। ଅଜୟ କୁମାର ମହାନ୍ତିଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏପରି ନିର୍ଦ୍ଦେଶ ପ୍ରଦାନ କରି ପୂର୍ବରୁ ଜାରି ଅନ୍ତରୀଣ ରହିତାଦେଶକୁ ଉଠାଇଦେଇଛନ୍ତି। ୨୦୧୩ ନଭେମ୍ବର ମାସ ୧୫ତାରିଖରେ ସମ୍ବଲପୁର ସହରକୁ



ପ୍ରକାଶ ପାଇବ ସାନି ୱାର୍ଡ ସଂରକ୍ଷଣ ତାଲିକା

ମହାନଗର ନିଗମର ମାନ୍ୟତା ମିଳିଥିଲା। ତେବେ ଆଜି ପର୍ଯ୍ୟନ୍ତ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରି ନାହିଁ। ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣ ପାଇଁ ୧୫ ଜାନୁଆରୀ ୨୦୧୫ରେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ସରକାର।

ସେହିଭଳି ୧୩ ଫେବୃଆରୀ ୨୦୧୫ରେ ୱାର୍ଡ ପୁନର୍ଗଠନ ଓ ସଂରକ୍ଷଣର ତାଲିକା ପ୍ରକାଶ ପାଇଥିଲା। ହେଲେ ସଂରକ୍ଷିତ ବର୍ଗଙ୍କ ପାଇଁ ନିୟମ ଉଲ୍ଲଙ୍ଘନ କରି ୫୦ ପ୍ରତିଶତରୁ ଅଧିକ ପଦ ସଂରକ୍ଷିତ ରହିବାକୁ ବିରୋଧ କରି ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ସେପଟେ ସମ୍ବଲପୁର ପୌର ପରିଷଦରେ ବୁର୍ଲା ଏନଏସି ଓ ହୀରାକୁଦ ଏନଏସି ସହ ଧନକଉଡା ଓ ମାନେଶ୍ୱରର ୧୨ଟି ପଞ୍ଚାୟତର ୫୬ଟି ଗାଁକୁ ନେଇ ମହାନଗର ନିଗମର ୪୧ ୱାର୍ଡ ଗଠନ ହୋଇଥିଲା।


ନିୟମାନୁସାରେ ସଂରକ୍ଷଣ ହୋଇନଥିବା ହେତୁ ହାଇକୋର୍ଟ ଏହି ପୌର ନିର୍ବାଚନ ଉପରେ ଗତ ୨୦୧୫ରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଯାହା ବିଭିନ୍ନ ସମୟରେ ବଳବତ୍ତର ରହିଆସିଥିଲା। ଫଳରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହୋଇପାରୁ ନ ଥିଲା।

## ଆଜିର ଇତିହାସ

- ୧୮୮୮ - ଗାନ୍ଧିଜୀ ଇଂଲଣ୍ଡକୁ ଜଳଯାତ୍ରା ଆରମ୍ଭ କଲେ।
- ୧୯୨୭ - ନାଗପୁର ଦଙ୍ଗାରେ ୨୨ ଲୋକଙ୍କ ମୃତ୍ୟୁ ଓ ୧୦୦ରୁ ଅଧିକ ଆହତ ହୋଇଥିଲେ।
- ୧୯୫୨ - ବଲିଉଡ୍ ଅଭିନେତା ଋଷି କପୁରଙ୍କ ଜନ୍ମ।
- ୧୯୬୭ - ମହାରାଷ୍ଟ୍ରରେ ୬.୫ ତୀବ୍ରତାର ଭୂମିକମ୍ପ ଆସିବା ଯୋଗୁଁ ୨୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୧୯୮୫ - ଟାଇଟାନିକ୍ ଜାହାଜ ବୁଡ଼ିବାର ୭୩ ବର୍ଷ ପରେ ଏହାର ଚିତ୍ର ସାମ୍ନାକୁ ଆସିଲା।
- ୨୦୦୦ - ସିଡ୍‌ନୀରେ ୨୭ତମ ଅଲମ୍ପିକ୍ ଖେଳର ଆରମ୍ଭ ହୋଇଥିଲା।
- ୨୦୧୯ - ପଞ୍ଜାବର ବାଟାଲାରେ ଏକ ବାଣ ଫ୍ୟାକ୍ଟ୍ରିରେ ବିସ୍ଫୋରଣ ଯୋଗୁଁ ୨୩ ଜଣଙ୍କ ମୃତ୍ୟୁ ହୋଇଥିଲା।

## ବିଶାଲଙ୍କ ଫିଲ୍ମର ସୁଟିଂ ସାରିଲେ ଶାହିଦ୍





ବଲିଉଡ୍ ଅଭିନେତା ଶାହିଦ୍ କପୁର ପୁଣି ଥରେ ବିଶାଲ ଭରଦ୍ୱାଜଙ୍କ ଏକ ଫିଲ୍ମରେ କାମ କରୁଛନ୍ତି। ଏହାପୂର୍ବରୁ ଶାହିଦ୍, ବିଶାଲଙ୍କ ଫିଲ୍ମ 'କମିନେ', 'ହୈଦର', 'ରେଙ୍ଗୁନ୍'ରେ କାମ କରିଥିଲେ। ଇତିମଧ୍ୟରେ ଶାହିଦ୍ ଏହି ଫିଲ୍ମର ସୁଟିଂ ମଧ୍ୟ ସାରି ଦେଇଛନ୍ତି। ଫିଲ୍ମର ଟାଇଟଲ କ'ଣ ହେବ ତାହା ଏଯାବତ୍ ଫାଇନାଲ କରାଯାଇ ନାହିଁ। ଏଥିରେ ତ୍ରିପ୍ତି ଡିମ୍ରି ଶାହିଦ୍‌ଙ୍କ ବିପକ୍ଷରେ ଦେଖାଯିବେ। ଦିଶା ପଟାନି, ନାନା ପାଟେକର, ଫରିଦା ଜଲାଲ, ଅବିନାଶ ତିୱାରି ପ୍ରମୁଖ ମଧ୍ୟ ଏଥିରେ ନଜର ଆସିବେ। ନିକଟରେ ଶାହିଦ୍ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ବିଶାଲ ଶାହିଦ୍‌ଙ୍କୁ କିଛି ବୁଝାଉଥିବାର ଦେଖାଯାଉଥିଲେ। ଶାହିଦ୍ ଏହି ଫଟୋ ସହିତ ଏକ ନୋଟ୍ ମଧ୍ୟ ଲେଖିଥିଲେ। ଶାହିଦ୍ ଲେଖିଥିଲେ ଯେ, 'ବିଶାଲଙ୍କ ସହ ମୋର ଚତୁର୍ଥ ଫିଲ୍ମର ସୁଟିଂ ଶେଷ ହୋଇଛି। ସବୁଥର ଭଳି ମୋ ପାଇଁ ଏକ ସଂପୂର୍ଣ୍ଣ ଏକ ନୂଆ ଦୁନିଆ ଓ ପୁରାପୁରି ଏକ ଅଲଗା ଚରିତ୍ର। ଖୁବ୍ ଶୀଘ୍ର ଫିଲ୍ମର ଘୋଷଣା କରାଯିବ। ତ୍ରିପ୍ତିଙ୍କ ସହ କାମ କରି ବହୁତ ଭଲ ଲାଗିଲା। ନାନା ପାଟେକରଙ୍କ ବହୁତ ଜଟିଳ ସିନ୍‌ଗୁଡ଼ିକ ବି ସରଳ କରି ଦେଇଥିଲେ। ଫରିଦା ଜଲାଲଙ୍କ ଶାନ୍ତତା ପାଇଁ ଧନ୍ୟବାଦ। ଅବିନାଶ ତିୱାରୀ ଆପଣଙ୍କ ପ୍ରେରଣା ପାଇଁ ଧନ୍ୟବାଦ। ଦିଶା ଆପଣ ଓ ମୁଁ ଦୁଇଟି ଗୀତରେ ବେଶ୍ ଭଲ ପ୍ରଦର୍ଶନ କରିଛନ୍ତି।' ଏହି ଫିଲ୍ମ ଡିସେମ୍ବର ୫ରେ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ଫୁଡ୍ ଡେଲିଭରି କରୁଛି ରୋବୋ ଡଗ୍




ଏଆଇ ଶିକ୍ଷା କ୍ଷେତ୍ରଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ କ୍ଷେତ୍ର ସବୁଠିକି ପ୍ରବେଶ କରି ସାରିଛି। ଅନଲାଇନ୍ ଫୁଡ୍ ଡେଲିଭରିରେ ମଧ୍ୟ ଏଆଇ ତା'ର ଆଧିପତ୍ୟ ବିସ୍ତାର କଲାଣି। ଏଯାବତ୍ ୧୦ ମିନିଟ୍‌ରେ ଖାଦ୍ୟ ପହଞ୍ଚାଇବାର କାମ ଡେଲିଭରି ବୟ କରୁଥିବା ବେଳେ ଏବେ ଏହି କାମ ଏଆଇ ରୋବଟ୍ କରିବା ଆରମ୍ଭ କଲାଣି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହା ଅଧିକ ନ ଯାଇ ଯେକୌଣସି ପ୍ରତିକୂଳ ସ୍ଥିତିରେ ବି ଗ୍ରାହକଙ୍କ ପାଖରେ ଖାଦ୍ୟକୁ ଠିକ୍ ସମୟରେ ପହଞ୍ଚାଇବ। ଏହା ଫୁଡ୍ ଡେଲିଭରି କାର୍ଯ୍ୟକୁ ଆହୁରି ସୁବିଧା ଓ ସହଜ କରିବ ବୋଲି ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି। ସୁଇଜରଲ୍ୟାଣ୍ଡର ଜ୍ୟୁରିଖ ସହରରେ ଏବେ ଖାଦ୍ୟ ଡେଲିଭରିର କାମ ଏଆଇ ରୋବୋ ଡଗ୍ କରୁଛନ୍ତି। ଡଚ୍ କମ୍ପାନି 'ଜଷ୍ଟ ଇଟ୍ ଟେକ୍‌ଆୱେ ଡଟ୍‌କମ୍' ସ୍ୱିସ୍ ରୋବୋଟିକ୍ସ କମ୍ପାନି 'ଆର୍‌ଆଇଭିଆର୍' ସହିତ ମିଶି ଖାଦ୍ୟ ଡେଲିଭରି କରିବା ଲାଗି ରୋବୋ ଡଗ୍ ବ୍ୟବହାର କରିବା ଆରମ୍ଭ କରିଛି। ଅବଶ୍ୟ ଏହି ଏଆଇ ରୋବୋ ଡଗ୍ ସାଧାରଣ ଡେଲିଭରି ରୋବଟ୍‌ଠାରୁ ଅଲଗା। ଖାଦ୍ୟ ଡେଲିଭରି ଲାଗି ଏମାନଙ୍କୁ କୌଣସି ଗାଡ଼ିର ଆବଶ୍ୟକତା ପଡ଼ି ନ ଥାଏ। ରୋବୋ ଡଗ୍‌ର ଗୋଡ଼ ସହ ଚକ ମଧ୍ୟ ଲାଗିଛି। ତେଣୁ ଏହା ସହରର ଅଣଓସରିଆ ତଥା ଅତି ସଂକୀର୍ଣ୍ଣ ରାସ୍ତାରେ ବି ଅତି ସହଜରେ ଗତି କରିପାରେ। ଏଥିରେ ଫିଜିକାଲ ଏଆଇ ଟେକ୍ନିକ୍‌ର ବ୍ୟବହାର କରାଯାଇଛି। ଏହା ସିଡ଼ିଗୁଡ଼ିକୁ ବେଶ୍ ସହଜରେ ଚଢ଼ିପାରେ। କେବଳ ସେତିକି ନୁହେଁ, ଏହା ମଣିଷ, ଗାଡ଼ି, ସାଇକଲ, ଡଷ୍ଟବିନ୍ ଆଦିକୁ ଏଡ଼ାଇ ବେଶ୍ ସହଜରେ ଚାଲିପାରେ। ଏହାବାଦ୍ ଅତ୍ୟଧିକ ବର୍ଷା, ଝଡ଼, ତୋଫାନ, ତୁଷାରପାତ ବେଳେ ବି ଏହା କାର୍ଯ୍ୟ କରିଥାଏ। ଏହା ଘଣ୍ଟା ପ୍ରତି ୧୫ କିଲୋମିଟର ବେଗରେ ଦୌଡ଼ି ପାରିବ। ଆବଶ୍ୟକ ପଡ଼ିଲେ ରିମୋଟ୍ ଦ୍ୱାରା ମଧ୍ୟ ଏହାକୁ ନିୟନ୍ତ୍ରଣ କରାଯାଇପାରିବ। ସେହିପରି ଏହା ହେଉଛି ୟୁରୋପର ପ୍ରଥମ କମ୍ପାନି, ଯାହାକି ଫୁଡ୍ ଡେଲିଭରି ଲାଗି ଫିଜିକାଲ ଏଆଇ ଟେକ୍ନିକ୍ ଯୁକ୍ତ ରୋବୋ ଡଗ୍‌କୁ ବ୍ୟବହାର କରୁଛି। ଅନ୍ୟପଟେ ରୋବୋ ଡଗ୍ କେବଳ ଫାଷ୍ଟଫୁଡ୍ ପର୍ଯ୍ୟନ୍ତ ସୀମିତ ନାହାନ୍ତି, ବରଂ ତେଜରାତି ଜିନିଷ, ଔଷଧ, ଡ୍ରେସ୍ ଆଦି ନିତିଦିନିଆ ଜିନିଷର ଡେଲିଭରି କରିବାକୁ ମଧ୍ୟ ସକ୍ଷମ। ଅନ୍‌ଲାଇନ୍ ସପିଂର ବଢ଼ୁଥିବା ଚାହିଦାକୁ ଦେଖିଲେ ସହରରେ ଡେଲିଭରି କାର୍ଯ୍ୟର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏଭଳି ସ୍ଥିତିରେ ଏ ପ୍ରକାର ରୋବଟ୍ ଡେଲିଭରି କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ ସୁବିଧାଜନକ କରିପାରିବ।

## କନ୍ୟା ସନ୍ତାନ ଜନ୍ମରେ ଡାକ୍ତର ନିଅନ୍ତିନି ଫି'



ସାଧାରଣତଃ କ୍ୱଚିତ୍ ଡାକ୍ତର ମାଗଣାରେ ରୋଗୀଙ୍କ ଚିକିତ୍ସା କରିଥାନ୍ତି। ଏହି କ୍ରମରେ ଏମିତି ବି ଜଣେ ଡାକ୍ତର ଅଛନ୍ତି, ସେ ଚିକିତ୍ସା କରୁଥିବା କୌଣସି ମହିଳା କନ୍ୟା ସନ୍ତାନକୁ ଜନ୍ମ ଦେଲେ ତାଙ୍କଠାରୁ ଆଦୌ ଫି' ନିଅନ୍ତି ନାହିଁ। ଏହି କଥା ବିଶିଷ୍ଟ ଉଦ୍ୟୋଗପତି ଆନନ୍ଦ ମହିନ୍ଦ୍ରା ସାମାଜିକ ଗଣମାଧ୍ୟମରେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହାସହ ସେ ଡାକ୍ତର ଗଣେଶ ରାଖଙ୍କ ଅସାଧାରଣ କରୁଣା ଏବଂ ମାନବିକତାକୁ ପ୍ରଶଂସା କରିଛନ୍ତି। ତେବେ ଡା. ଗଣେଶଙ୍କ ଏହି ମହାନ କାମ ସମ୍ପର୍କରେ ପ୍ରଥମେ ଆଇଏଏସ୍ ଅଧିକାରୀ ଡି. ପ୍ରଶାନ୍ତ ନାୟର ସାମାଜିକ ଗଣମାଧ୍ୟମରେ ସେୟାର୍ କରିଥିଲେ। ଆନନ୍ଦଙ୍କ ନଜର ଏହି ପୋଷ୍ଟ ଉପରେ ପଡ଼ିବା ପରେ ସେ ମଧ୍ୟ ଏହାକୁ ସେୟାର୍ କରିଥିଲେ। ନାୟରଙ୍କ ପୋଷ୍ଟ ଅନୁସାରେ, 'ଜଣେ ଦିନମଜୁରିଆ ନିଜ ସ୍ତ୍ରୀଙ୍କୁ ପ୍ରସବ ଲାଗି ହସ୍‌ପିଟାଲରେ ଭର୍ତ୍ତି କରାଇଥିଲେ। ଶ୍ରମିକ ଜଣକ ଭାବିଥିଲେ ସିଜରିଆନର ଖର୍ଚ୍ଚ ଉଠାଇବା ଲାଗି ଘର ଜମିବାଡ଼ି ବନ୍ଧା ପକାଇବାକୁ ପଡ଼ିପାରେ। ତେବେ ପିଲାଟି ଜନ୍ମ ପରେ ପୁଅ ନା ଝିଅ ହୋଇଛି ସେ ଡା. ଗଣେଶଙ୍କୁ ପଚାରିଥିଲେ। ଡା. ଗଣେଶ ତାଙ୍କ ଘରକୁ ପରୀ ଆସିଥିବା କହିଲେ। ହସ୍‌ପିଟାଲ ଫି'କୁ ନେଇ ବ୍ୟକ୍ତି ଜଣକ ଦ୍ୱନ୍ଦ୍ୱରେ ଥିବା ବେଳେ ଡା. ଗଣେଶ କହିଲେ, ଝିଅ ଜନ୍ମ ନେଲେ ସେ ଟଙ୍କା ନିଅନ୍ତି ନାହିଁ। ଏହି କଥାରେ ଝିଅଟିର ବାପା ଭାବପ୍ରବଣ ହୋଇ ଡା. ଗଣେଶଙ୍କୁ ଦେବତା ବୋଲି କହିଥିଲେ। ତେବେ ଏକ ଦଶକରୁ ଅଧିକ ସମୟ ଧରି ଡା. ଗଣେଶ ଏହି ମହାନ୍ କାର୍ଯ୍ୟ କରି ଆସୁଛନ୍ତି। ସେ ୨୦୦୭ ମସିହାରେ ନିଜର ହସ୍‌ପିଟାଲ କରିବା ପରେ ଏକ ହଜାରରୁ ଊର୍ଦ୍ଧ୍ୱ କନ୍ୟା ସନ୍ତାନଙ୍କର ସେ ମାଗଣାରେ ପ୍ରସବ କରାଇଛନ୍ତି। ଏକଦା ଏକ ସାକ୍ଷାତକାରେ ଡାକ୍ତର ଗଣେଶ କହିଥିଲେ ଯେ, ଯେତେବେଳେ ଲୋକେ ଝିଅ ଜନ୍ମର ଖୁସିକୁ ପାଳନ କରିବେ, ସେ ପୁଣି ଥରେ ଫି' ନେବା ଆରମ୍ଭ କରିବେ। ଅନ୍ୟପକ୍ଷରେ ଡାକ୍ତରଙ୍କ ଏହି କାମକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି।

## ନୋଜ୍ ପ୍ଲଗ୍‌ରେ ନାକ ବନ୍ଦ କରନ୍ତି ମହିଳା



ଅରୁଣାଚଳ ପ୍ରଦେଶର ଜିରୋ ଘାଟିରେ ରହୁଥିବା ଅପାତାନି ଜନଜାତି ସେମାନଙ୍କ ନିଆରା ସଂସ୍କୃତି ଓ ପରମ୍ପରା ଲାଗି ଲୋକପ୍ରିୟ। ତେବେ ଉକ୍ତ ଜନଜାତିର ମହିଳାଙ୍କୁ ନେଇ ଅଧିକ ଚର୍ଚ୍ଚା ହୋଇଥାଏ। ବିଶେଷକରି ସେମାନଙ୍କ ମୁହଁର ଟାଟୁ ଓ ନାକରେ ପିନ୍ଧୁଥିବା ବଡ଼ ବଡ଼ ନୋଜ ପ୍ଲଗ୍ ହିଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥାଏ। ସେମାନଙ୍କର ଏହି ପରମ୍ପରା ପଛରେ ଅନେକ ଲୋକକଥା ପ୍ରଚଳିତ। ଅପାତାନି ଜନଜାତିର ମହିଳା ଦେଖିବାକୁ ବେଶ୍ ସୁନ୍ଦର ହେଉଥିବାରୁ ପୂର୍ବରୁ ସେମାନଙ୍କୁ ଆଖପାଖର ଜନଜାତିର ପୁରୁଷମାନେ ଅପହରଣ କରି ନେଇଯାଉଥିଲେ। ତେଣୁ ପରିବାର ଲୋକେ ଝିଅମାନଙ୍କ ସୁରକ୍ଷା ଲାଗି ସେମାନଙ୍କ ମୁହଁରେ ଗାଢ଼ ନୀଳ ରଙ୍ଗର ଟାଟୁ ଆଙ୍କିବା ଆରମ୍ଭ କଲେ। ଏହାଦ୍ୱାରା ସେମାନେ କମ୍ ଆକର୍ଷଣୀୟ ଦିଶିବେ ଏବଂ ଅପହରଣରୁ ରକ୍ଷା ମିଳିବ ବୋଲି ଭାବିଲେ। ସେହିପରି ଅନ୍ୟ ଏକ ଲୋକକଥା ଅନୁସାରେ, ଯେତେବେଳେ ଏହି ଜନଜାତିର ପୁରୁଷମାନେ ଯୁଦ୍ଧରେ ପ୍ରାଣ ହରାଉ ଥିଲେ, ସେମାନଙ୍କ ଆତ୍ମା ଘରକୁ ଫେରି ଆସୁଥିଲା। ସେମାନେ ନିଜ ସ୍ତ୍ରୀକୁ ଚିହ୍ନି ନ ପାରି ସେମାନଙ୍କୁ ହଇରାଣ କରୁଥିଲେ। ଏଭଳି ସ୍ଥିତିରେ ଏହି ଜନଜାତିର ପୂଜାରି ମହିଳାଙ୍କୁ ମୁହଁରେ ଟାଟୁ କରିବାକୁ କହିଲେ। ଏହାଦ୍ୱାରା ଆତ୍ମା ସେମାନଙ୍କୁ ଚିହ୍ନିପାରିବ। ଏହି ପ୍ରଥା ଧୀରେ ଧୀରେ ସେମାନଙ୍କ ସଂସ୍କୃତି ଓ ପରମ୍ପରାର ଅଂଶ ପାଲଟିଲା। ସେହିପରି ଏହି ଜନଜାତିରେ ଝିଅମାନଙ୍କର ଋତୁସ୍ରାବ ଆରମ୍ଭ ହେଲେ କପାଳରୁ ମଥା ପର୍ଯ୍ୟନ୍ତ ଏକ ମୋଟା ସିଧା ରେଖା ଏବଂ ଥୋଡ଼ିରେ ପାଞ୍ଚଟି ସିଧା ରେଖା ଟଣାଯାଉଥିଲା। ଏ ଲାଗି ତିନିଟି ମୁନିଆ ବା ତୀକ୍ଷ୍ଣ ଛୁଞ୍ଚି ବ୍ୟବହାର କରାଯାଏ। ସେହିଭଳି ଏଠାକାର ମହିଳାମାନେ ବ୍ୟବହାର କରୁଥିବା ବଡ଼ ବଡ଼ କଳା ରଙ୍ଗର ନୋଜ ପ୍ଲଗ୍ ଜଙ୍ଗଲର ଏକ ସ୍ୱତନ୍ତ୍ର କାଠରେ ତିଆରି କରାଯାଉ ଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରଥା କୁରୂପ ଆପଣାଇବା ଲାଗି କରାଯାଇଥିଲା। ଧୀରେ ଧୀରେ ଏହି ପରମ୍ପରା ମହିଳାଙ୍କ ପାଇଁ ସୌନ୍ଦର୍ଯ୍ୟ ଓ ସମୃଦ୍ଧିର ପ୍ରତୀକ ପାଲଟିଲା। ସେହିପରି କୌଣସି ମହିଳାଙ୍କ ମୁହଁରେ ଟାଟୁ ଓ ନାକରେ ନୋଜ୍ ପ୍ଲଗ୍ ନ ଥିଲେ, ସେମାନେ ବିବାହ ଯୋଗ୍ୟ ବୋଲି ବିଚାର କରାଯାଏ ନାହିଁ। ଅନ୍ୟପଟେ ସମୟ ସହିତ ଓ ଆଧୁନିକତାର ପ୍ରବେଶ ଯୋଗୁଁ ଏହି ଜନଜାତିର ଯୁବପିଢ଼ି ଏଭଳି ପ୍ରଥାକୁ ବୋଝ ବୋଲି ଭାବୁଛନ୍ତି। ଟାଟୁ ଓ ନୋଜ ପ୍ଲଗ୍ ସେମାନଙ୍କୁ ଅନ୍ୟମାନଙ୍କଠାରୁ ଅଲଗା କରି ଦେଇଛି ବୋଲି ଭାବୁଛନ୍ତି। ୧୯୭୦ ମସିହାରେ ଅପାତାନି ୟୁଥ୍ ଆସୋସିଏସନ ଏବଂ ସରକାରଙ୍କ ପ୍ରୟାସରେ ଏହା ଉପରେ କଟକଣା ଲାଗିଛି। ଏଠାକାର ମହିଳାମାନଙ୍କୁ ଆଉ ନାକରେ ନୋଜ୍ ପ୍ଲଗ୍ କିମ୍ବା ମୁହଁରେ ଟାଟୁ ଖୋଦେଇବାକୁ ପଡୁନାହିଁ। ଆଜି ଏହି ପରମ୍ପରା ଇତିହାସ ଓ ସଂସ୍କୃତିର ଅଂଶ ହୋଇ ରହି ଯାଇଛି।

## ରଙ୍ଗ ଚିହ୍ନଟ କରି ଶୁଆର ବିଶ୍ୱ ରେକର୍ଡ

ଶୁଆକୁ ସବୁଠାରୁ ଚାଲାକ ପକ୍ଷୀ କୁହାଯାଏ। ମଣିଷର କଥାକୁ ଶୁଆ ଅତି ସହଜରେ ନକଲ କରିପାରେ। ତେବେ ତାଲିମ୍ ଦେଲେ ଏହା ବହୁ ଅବିଶ୍ୱସନୀୟ କାର୍ଯ୍ୟ କରିପାରେ, ବୋଲି ପ୍ରମାଣ କରିଛି ଚୀନ୍‌ର ଏକ ଶୁଆ। ଜିୟାଓଗୁୟୀ ନାମରେ ପରିଚିତ ଏହି ଶୁଆଟି ୧୦ଟି ରଙ୍ଗ ଚିହ୍ନଟ କରି ବିଶ୍ୱ ରେକର୍ଡ କରିଛି। ତେବେ ଜିୟାଓଗୁୟୀ ମାତ୍ର ୩୩.୫୦ ସେକେଣ୍ଡରେ ଏହି କାରନାମା କରି ଦେଖାଇଥିଲା। ଶୁଆଟି ସାମ୍ନାରେ ଛୋଟ ଛୋଟ ୧୦ଟି ପ୍ଲାଷ୍ଟିକ୍ ଡବା ରଖାଯାଇଥିଲା। ଏହି ପ୍ଲାଷ୍ଟିକ୍ ଡବାଗୁଡ଼ିକ ଭିନ୍ନ ଭିନ୍ନ ରଙ୍ଗର ଥିଲା। ଡବାଗୁଡ଼ିକ ସହ ୧୦ଟି ବିଭିନ୍ନ ରଙ୍ଗର ବଲ୍ ରଖାଯାଇଥିଲା। ବଲ୍ ଓ ଡବାଗୁଡ଼ିକୁ ମିଶାଇ ଦିଆଯାଇଥିଲା। ଜିୟାଓଗୁୟୀକୁ ବହୁତ କମ୍ ସମୟ ମଧ୍ୟରେ ପ୍ରତିଟି ବଲ୍‌କୁ ତା'ର ରଙ୍ଗ ସହ ମିଶି ଯାଉଥିବା ଡବାରେ ପକାଇବାର ଥିଲା। ସେ ବହୁତ କମ୍ ସମୟ ମଧ୍ୟରେ ଏହାକୁ କରି ଦେଇଥିଲା। ସବୁଠୁ ବଡ଼ କଥା ହେଉଛି, ଏହା ଗୋଲାପି ରଙ୍ଗର ଦୁଇଟି ସେଡ୍‌କୁ ମଧ୍ୟ ଚିହ୍ନଟ କରି ଦେଇଥିଲା। ଏହି ରେକର୍ଡ ୨୦୨୪ ମସିହାରେ ଚୀନ୍ ହେନାନ୍ ପ୍ରାନ୍ତରେ ହୋଇଥିଲା। ଏହାର ଆନୁଷ୍ଠାନିକ ଘୋଷଣା ୧୪ ଅଗଷ୍ଟ, ୨୦୨୫ ମସିହାରେ ହୋଇଛି। ତେବେ ଜିୟାଓଗୁୟୀ ଏଭଳି ରେକର୍ଡ କରିବାର ଶ୍ରେୟ ତା'ର ମାଲିକ କିନ୍ ଫେଙ୍ଗ୍‌କୁ ଯାଏ। ଫେଙ୍ଗ୍ ଏହି ଶୁଆଟିକୁ ୨୦୨୦ ମସିହାରେ ପୋଷ୍ୟ ଭାବେ ଗ୍ରହଣ କରିଥିଲେ। ଫେଙ୍ଗ୍ ଶୁଆଟିକୁ ନିଜ ସନ୍ତାନ ଭଳି ରଖିଥିଲେ। ଏହାପରେ ଦୁହିଁଙ୍କ ସମ୍ପର୍କ ଆହୁରି ନିବିଡ଼ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଜିୟାଓଗୁୟୀ ବିଭିନ୍ନ ରଙ୍ଗର ବଲ୍ ଖେଳିବାକୁ ଭଲ ପାଉଥିବା ଫେଙ୍ଗ୍ ଲକ୍ଷ୍ୟ ରଖିଥିଲେ। ଏହାପରେ ସେ ଶୁଆଟିକୁ ରଙ୍ଗ ଚିହ୍ନଟ କରିବା ଦିଗରେ ତାଲିମ ଦେଲେ। ବହୁତ କମ୍ ଦିନ ମଧ୍ୟରେ ଜିୟାଓଗୁୟୀ ରଙ୍ଗ ଚିହ୍ନଟ କରିବାରେ ମାହିର୍ ହୋଇ ଯାଇଥିଲା।



## ଚର୍ଚ୍ଚାରେ ୮୪ ବର୍ଷ ପୁରୁଣା ଫଟୋ



ସାମାଜିକ ଗଣମାଧ୍ୟମରେ ନିତିଦିନ କିଛି ନା କିଛି ଫଟୋ ତଥା ଭିଡିଓ ଭାଇରାଲ ହୋଇଥାଏ। ଏହି କ୍ରମରେ ଏବେ ଏକ ଫଟୋ ଚର୍ଚ୍ଚା ସାଉଁଟୁଛି। ତାହା ପୁଣି ୮୪ ବର୍ଷ ପୁରୁଣା। ତେବେ ଏ ଫଟୋରେ କିଛି ଏଭଳି ଦେଖିବାକୁ ମିଳିଛି, ଯାହାକି ଲୋକଙ୍କ ମନରେ ଟାଇମ୍ ଟ୍ରାଭେଲକୁ ନେଇ ବିଶ୍ୱାସ ଜନ୍ମାଇଛି। ଯଦିଓ ଟାଇମ୍ ଟ୍ରାଭେଲ ଏବେ ସୁଦ୍ଧା ବିଜ୍ଞାନ ଫାଟାନ୍ସି କାହାଣୀ ଏବଂ ଫିଲ୍ମରେ ଦେଖିବାକୁ ମିଳୁଥିଲା। ହେଲେ ଏହି ଫଟୋଟି ଏହା ବାସ୍ତବ ବୋଲି ବୁଝିବାକୁ ଏକପ୍ରକାର ବାଧ କରାଇଛି। ଏହି ଫଟୋଟିକୁ ୧୯୪୧ ମସିହାରେ ଫଟୋଗ୍ରାଫର ଏଡୱାର୍ଡ ରସକମ୍ ଶିକାଗୋର ସାଉଥ ସାଇଡ୍ ଅଞ୍ଚଳରେ ଉତ୍ତୋଳନ କରିଥିଲେ। ଏଥିରେ କିଛି ଯୁବକଯୁବତୀ ଓ ବାଳକ ବାଳିକା ଏକ ସିନେମା ହଲ୍ ବାହାରେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। ପ୍ରାୟ ସମସ୍ତେ ସଫାସୁତୁରା ଓ ଆକର୍ଷଣୀୟ ପୋଷାକ ପିନ୍ଧିଛନ୍ତି। ମୋଟାମୋଟି କହିବାକୁ ଗଲେ ସେମାନେ ସେସମୟର ପୋଷାକ ପିନ୍ଧିଛନ୍ତି। ଏହାରି ଭିତରେ ଜଣେ ଯୁବକଙ୍କ ହାତରେ ଥିବା ଜିନିଷକୁ ନେଇ ସାମାଜିକ ଗଣମାଧ୍ୟମରେ ତର୍କ ବିତର୍କ ଲାଗି ରହିଛି। ସେ ଆୟତାକାର ଆକୃତିର ଗୋଟିଏ ଜିନିଷ ଧରିଛନ୍ତି। ତେବେ ସେ ହାତରେ ଆପଲ୍‌ର ଆଇପ୍ୟାଡ୍ ଧରିଛନ୍ତି ବୋଲି କେତେଜଣ ମତ ରଖିଛନ୍ତି। ସେହିପରି ଅନେକେ ଏହାକୁ ଆଇପ୍ୟାଡ୍ ବୋଲି ମାନିବାକୁ ପ୍ରସ୍ତୁତ ନାହାନ୍ତି। ଅନେକ ଲୋକ କହୁଛନ୍ତି, ଯୁବକଙ୍କ ହାତରେ ଏକ ପୁସ୍ତକ ଅଛି। ସେତେବେଳେ ସିନେମା ହଲ୍‌ରେ ପରିଚାରକମାନେ ବୁଲୁଥିଲେ ଏବଂ କେହି କଲମ କିମ୍ବା ନୋଟ୍‌ବୁକରେ ଯେମିତି ସିନେମାର ନକଲ କରିବାକୁ ଚେଷ୍ଟା କରୁଛିକି ତାହା ଦେଖୁଥିଲେ। ଏହିପରି ଭାବେ ଲୋକମାନେ ଏହି ଫଟୋ ଉପରେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଶୁଭ ଖବର ମିଳିପାରେ। ନୂତନ ଜମି କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ସ୍ୱାସ୍ଥ୍ୟପ୍ରତି ଯତ୍ନଶୀଳ ରୁହନ୍ତୁ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଅଜଣାଲୋକଙ୍କଠାରୁ ସାହାଯ୍ୟ ମିଳିବ। ନିଜ କାର୍ଯ୍ୟକୁ ଗୁରୁତ୍ୱ ଦିଅନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ବିଗିଡ଼ିପାରେ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଦୀର୍ଘ ଦିନର ଆଶା ପୂରଣ ହେବ। ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରିବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**କନ୍ୟା:** ବ୍ୟବସାୟରେ ଲାଭ ହେବ। ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଆଇଟି କର୍ମଚାରୀଙ୍କ ପାଇଁ ସମୟ ଭଲ। ଉଧାର ଟଙ୍କା ଫେରି ପାଇବେ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଦାନ ଧର୍ମ କରିବେ।

**ଧନୁ:** ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

# ପାରିବାରିକ କଳହରୁ ପଥର ଛେଚି ହତ୍ୟା



**ପତ୍ନୀହନ୍ତା କୋର୍ଟ ଚାଲାଣ**

ବାରିପଦା, ୩।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ପୁଲିସ ଜଣେ ପତ୍ନୀହନ୍ତାକୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଚାଉଳଘୋରି ଗ୍ରାମର ବୀର ସିଂ (୩୭)। ପାରିବାରିକ କଳହରୁ ଏପରି ଅଭାବନୀୟ ଘଟଣା ଘଟିଛି ବୋଲି ଆଇଆଇସି ବୀରେନ୍ଦ୍ର ସେନାପତି କହିଛନ୍ତି। ସୂଚନାରୁ ପ୍ରକାଶ ଯେ, ମଙ୍ଗଳବାର ରାତିରେ ସାମାନ୍ୟ ଘଟଣାକୁ ନେଇ ସ୍ୱାମୀ ବୀର ସିଂ ଏବଂ ସ୍ତ୍ରୀ ମିନା ସିଂ (୨୭)ଙ୍କ ମଧ୍ୟରେ ପାଟିତୁଣ୍ଡ ଏବଂ ଯୁକ୍ତିତର୍କ ହୋଇଥିଲା। ଫଳରେ ସ୍ୱାମୀ ବୀର ଉତ୍ତ୍ୟକ୍ତ ହୋଇ ମାଡ ମାରିବା ସହିତ ପଥରରେ ଛେଚି ହତ୍ୟା କରିଥିଲା। ଗ୍ରାମବାସୀ ଏହି ଘଟଣା ଜାଣିପାରି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ହତ୍ୟାରେ ବ୍ୟବହୃତ ପଥର ଜବତ କରିଛି। ମୃତ ମିନାଙ୍କ ମା’ ସରୋଜିନୀ ସିଂଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ନରହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସ୍ୱାମୀ-ସ୍ତ୍ରୀ ଦୁହେଁ ଗୋଟିଏ ଗ୍ରାମର ହୋଇଥିବା ବେଳେ ସେମାନଙ୍କ ବିବାହ ୧୦ବର୍ଷ ତଳେ ହୋଇଥିଲା। ବୀର ଅଧିକାଂଶ ସମୟରେ ନିଶାସକ୍ତ ଅବସ୍ଥାରେ ସ୍ତ୍ରୀ ସହ ଝଗଡା କରୁଥାଏ ବୋଲି ଗ୍ରାମବାସୀ କହିଛନ୍ତି।

# ୩୫ ଓ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ

**ଅକ୍ଟୋବର ୪ସୁଦ୍ଧା କାଗଜପତ୍ର ସହ ଚଳଚ୍ଚିତ୍ର ଦାଖଲ**

ଭୁବନେଶ୍ୱର,୩।୯ (ସମିସ): ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ଏବଂ ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ନିମନ୍ତେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଛି। ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ୪ ଅକ୍ଟୋବର, ୨୦୨୫ ତାରିଖ ସୁଦ୍ଧା ଏଣ୍ଟ୍ରି ଫର୍ମ ସହ ଆବଶ୍ୟକ କାଗଜପତ୍ର ଓ ଚଳଚ୍ଚିତ୍ରର ସଫ୍ଟ କପି (ପେନ୍ ଡ୍ରାଇଭ)କୁ ରେଜିଷ୍ଟରଡ୍ ପୋଷ୍ଟ, ସ୍ପିଡ୍ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ବିଭାଗ ନିକଟରେ ଦାଖଲ କରିପାରିବେ। ୩୫ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୩ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୩ ତାରିଖରୁ ୩୧.୧୨.୨୦୨୩ ତରିଖ ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ସେହିପରି ୩୬ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୨୪ ପାଇଁ ପ୍ରେରିତ ହୋଇଥିବା ଚଳଚ୍ଚିତ୍ରଗୁଡିକ ୦୧.୦୧.୨୦୨୪ ରୁ ୩୧.୧୨.୨୦୨୪ ରିଖ ଅବଧି ମଧ୍ୟରେ ଚଳଚ୍ଚିତ୍ର ପ୍ରମାଣ ପତ୍ର ପ୍ରାପ୍ତ ହୋଇଥିବା ଆବଶ୍ୟକ। ଓଡ଼ିଆ ଚଳଚ୍ଚିତ୍ର ଉପରେ ଓଡ଼ିଆ କିମ୍ବା ଇଂରାଜୀ ଭାଷାରେ ଲିଖିତ ଶ୍ରେଷ୍ଠ ଲେଖା (ବୁକ୍/ମନୋଗ୍ରାଫ୍) ପାଇଁ ପୁରସ୍କାର ନିମନ୍ତେ ଆଗ୍ରହୀ ଲେଖକ ଲେଖିକାମାନେ ଆବେଦନ କରିବା ସହ ବୁକ୍/ମନୋଗ୍ରାଫର ଦଶ ଖଣ୍ଡ ନକଲ ତା ୪.୧୦.୨୦୨୫ ତାରିଖ ସୁଦ୍ଧା ରେଜିଷ୍ଟ୍ରରଡ୍ ପୋଷ୍ଟ, ସ୍ପିଡ଼ ପୋଷ୍ଟ କିମ୍ବା ପାର୍ସଲ ମାଧ୍ୟମରେ ସଂସ୍କୃତି ବିଭାଗ ନିକଟରେ ଦାଖଲ କରିପାରିବେ। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସମ୍ବନ୍ଧୀୟ ସବିଶେଷ ବିବରଣୀ ଓ ନିୟମାବଳୀ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବସାଇଟ୍ culture.odisha.gov.in ରେ ଉପଲବ୍ଧ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

■ ଉଦ୍ୟମ ଆରମ୍ଭ କଲା ସମବାୟ ବିଭାଗ

# ପୁନଃ କାର୍ଯ୍ୟକ୍ଷମ ହେବ ୨ ଚିନିକଳ

**କମିଟି ଗଠନ, ଆସନ୍ତା ୬ରେ ବୈଠକ**

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୨ଟି ବନ୍ଦ ହୋଇ ପଡ଼ିରହିଥିବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସରକାରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଛି। କଟକର ବଡ଼ମ୍ବା ସମବାୟ ଚିନି କଳ ଏବଂ ବଲାଙ୍ଗୀରର ବିଜୟାନନ୍ଦ ସମବାୟ ଚିନିକଳର ପୁନରୁଦ୍ଧାର ପାଇଁ ସମବାୟ ବିଭାଗ ଉଦ୍ୟମ ଆରମ୍ଭ କରିଛି। ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବ ଆଧାରରେ ସମବାୟ ବିଭାଗ ଏନେଇ ଏକ କମିଟି ଗଠନ କରିଛି।

ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏହି କମିଟିରେ ଅଧ୍ୟକ୍ଷଙ୍କ ବ୍ୟତୀତ ୫ ଜଣ ସଦସ୍ୟ ରହିଛନ୍ତି। ସମବାୟ ସମିତି ରେଜିଷ୍ଟ୍ରାର କମିଟିର ଅଧ୍ୟକ୍ଷ ରହିଥିବା ବେଳେ ସଦସ୍ୟ ଭାବେ ବିଭାଗର ଅତିରିକ୍ତ ସଚିବ, ଅର୍ଥ ବିଭାଗର ପ୍ରତିନିଧି, ଶିଳ୍ପ ବିଭାଗର ପ୍ରତିନିଧି ଓ କୃଷି ବିଭାଗ ପ୍ରତିନିଧିଙ୍କୁ ସ୍ଥାନ ମିଳିଛି। ଏହି କମିଟି ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡର ପ୍ରସ୍ତାବର ଅଧ୍ୟୟନ କରିବ। ସମ୍ପୂର୍ଣ୍ଣ ଅଧ୍ୟୟନ ପରେ କମିଟି ସରକାରଙ୍କ ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବା ପରେ ପରବର୍ତ୍ତୀ ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଏସବିଆଇ କ୍ୟାପିଟାଲ ମାର୍କେଟ ଲିମିଟେଡ ଏହାର କାରବାର ପରାମର୍ଶଦାତା ରହିବ। ଏସବିଆଇ କ୍ୟାପିଟାଲର ସେବା ସମ୍ବନ୍ଧୀୟ ପ୍ରସ୍ତାବ ସହ ଆର୍ଥିକ କାର୍ଯ୍ୟକାରିତା ଏବଂ ପୁନରୁଦ୍ଧାର ନେଇ ସବିଶେଷ ଅଧ୍ୟୟନ ପାଇଁ ଆସନ୍ତା ୬ ତାରିଖରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ବସିବ ବୋଲି ଜଣାପଡ଼ିଛି।

## ଶ୍ରୀମନ୍ଦିର ନୂତନ ପରିଚାଳନା କମିଟିର ପ୍ରଥମ ବୈଠକ

# ଗଠନ ହେଲା ୧୪ ସବ୍ କମିଟି

ପୁରୀ,୩।୯ (ସମିସ): ନୂତନ ଭାବେ ଗଠନ କରାଯାଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୀଳାଦ୍ରି ଭକ୍ତ ନିବାସରେ ଅନୁଷ୍ଠିତ ବୈଠକରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷତା କରିଥିଲେ। ନବଗଠିତ ପରିଚାଳନା କମିଟିର ଏହା ପ୍ରଥମ ବୈଠକ ହୋଇଥିବାରୁ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ବୈଠକରେ ମୁଖ୍ୟତଃ ‘ଧାଡ଼ି ଦର୍ଶନ’ ବ୍ୟବସ୍ଥାର ପରୀକ୍ଷାମୂଳକ ପ୍ରଚଳନ, ରତ୍ନଭଣ୍ଡାରର ଗଣତିମଣତି ସମେତ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ସହ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ୧୪ଟି ସବ୍ କମିଟି ଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି।

ମହାପ୍ରଭୁଙ୍କ ସେବାପୂଜା, ଶୃଙ୍ଖଳିତ ଦର୍ଶନ ଓ ନୀତିକାନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାରପ୍ରସାର, ଶ୍ରୀମନ୍ଦିରର ବିଭିନ୍ନ କାର୍ଯ୍ୟ ଏସବୁ ଯେପରି ସୁଚାରୁ ରୂପେ ସମ୍ପାଦନ ହେବ ସେଥିପାଇଁ ୧୪ଟି ସବ୍ କମିଟି ଗଠନ କରାଯାଇଛି। ଯେଉଁ କମିଟି ମଧ୍ୟରେ ୪ଟି ସାମ୍ବିଧାନିକ ସବ୍ କମିଟି ଯଥା- ଅର୍ଥ, ନୀତି, ରତ୍ନଭଣ୍ଡାର ଏବଂ ଅପିଲ ସବ୍ କମିଟି ରହିଛି। ସହିପରି ପ୍ରଥମଥର ପାଇଁ ଶ୍ରୀମନ୍ଦିର ସୁରକ୍ଷା ନେଇ ଗଠନ ହୋଇଛି ନୂତନ ସବ୍ କମିଟି, ଯାହାର ଅଧ୍ୟକ୍ଷ ରହିଛନ୍ତି ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ। ଏତଦ୍‌ବ୍ୟତୀତ ଶ୍ରୀଜଗନ୍ନାଥ ତତ୍ତ୍ୱ ଗବେଷଣା ଓ ପ୍ରକାଶନ ସବ୍ କମିଟି, ସେବକ କଲ୍ୟାଣ ସବ୍ କମିଟି, ପ୍ରକଳ୍ପ ସାଂସ୍କୃତିକ ସବ୍ କମିଟି, ପ୍ରକଳ୍ପ ବୈଷୟିକ ସବ୍ କମିଟି, ଲ୍ୟାଣ୍ଡ ସବ୍ କମିଟି, ଶ୍ରୀଜଗନ୍ନାଥ ମନ୍ଦିର ପେନ୍‌ସନ୍ ଟ୍ରଷ୍ଟ ବୋର୍ଡ ସବ୍ କମିଟି, ସଂସ୍ଥା ସବ୍ କମିଟି, ସଂସ୍ଥା ସବ୍ କମିଟି, ନୀତି ସମ୍ବନ୍ୱୟ ସବ୍ କମିଟି। ପ୍ରତି ସବ୍ କମିଟିରେ ଜଣେ ଅଧ୍ୟକ୍ଷ ରହିଥିବାବେଳେ ଅନ୍ୟମାନଙ୍କୁ ସଦସ୍ୟ ଭାବେ ରଖାଯାଇଛି। ପ୍ରତ୍ୟେକ ସବ୍ କମିଟିରେ ପରିଚାଳନା କମିଟିର ପ୍ରତିନିଧିମାନେ ସଦସ୍ୟ ରହିଛନ୍ତି। ସମସ୍ତେ ଯେପରି ନିଜର ଦାୟିତ୍ୱ ସୁପରିଚାଳନା କରିବେ ତା’ ଉପରେ ପ୍ରଥମ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ‘ଧାଡ଼ି ଦର୍ଶନ’ ବ୍ୟବସ୍ଥାକୁ ଲାଗୁ କରିବା ପାଇଁ ପରିଚାଳନା କମିଟି ଅନୁମୋଦନ ଦେଇଛି। ଏହି ବ୍ୟବସ୍ଥା ଅନୁଯାୟୀ ଭକ୍ତମାନେ ନାଟମଣ୍ଡପରୁ ଦାରୁବିଗ୍ରହଙ୍କୁ ଦର୍ଶନ କରିବେ। ତେବେ ଏଥିପାଇଁ ନାଟମଣ୍ଡପରୁ ହୁଣ୍ଡି ସ୍ଥାନାନ୍ତର କରାଯିବ। ଏହିସବୁ ପ୍ରକ୍ରିୟା ଆସନ୍ତା ୧୫ ତାରିଖ ସୁଦ୍ଧା ଶେଷ ହେବା ପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବା ଲାଗି ଆଲୋଚନା ହୋଇଛି।




ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି, ଧାଡ଼ି ଦର୍ଶନ ଭକ୍ତଙ୍କୁ ଏକ ସୁଗମ ଓ ଶୃଙ୍ଖଳିତ ଦର୍ଶନ ଅନୁଭବ ପ୍ରଦାନ କରିବ ଏବଂ ମନ୍ଦିରର ନୀତିକାନ୍ତିକୁ ଅକ୍ଷୁଣ୍ଣ ରଖିବ। ଏହି ପ୍ରଣାଳୀକୁ ତଦାରଖ କରିବା ପାଇଁ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୯ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟି ଖୁବ୍‌ଶୀଘ୍ର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ପ୍ରସ୍ତୁତ କରି ଶ୍ରୀମନ୍ଦିର ପ୍ରଶାସନକୁ ଦେବେ, ଯାହା ଅନୁସାରେ ନାଟମଣ୍ଡପରେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ।

ସେହିପରି ଭକ୍ତମାନଙ୍କ ସୁବିଧା ନିମନ୍ତେ ଏଏସ୍‌ଆଇ ମଧ୍ୟ ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାକୁ ମଞ୍ଜୁରୀ ଦେଇଛନ୍ତି। ଏହା ଖରାଦିନେ ଭକ୍ତମାନଙ୍କୁ ଆରାମଦାୟକ ଦର୍ଶନ ଅନୁଭବ ପ୍ରଦାନ କରିବ। ଏଥିସହିତ ମହିଳା, ଶିଶୁ, ଦିବ୍ୟାଙ୍ଗ ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ସ୍ୱତନ୍ତ୍ର ପ୍ରବେଶ ଓ ପ୍ରସ୍ଥାନ ମାର୍ଗ ସାମିଲ ରହିବ। ସେହିପରି ରତ୍ନଭଣ୍ଡାରର ଗଣତିମଣତି ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ନିଷ୍ପତ୍ତି ନିଆଯାଇଛି। ରତ୍ନଭଣ୍ଡାର ସବ୍ କମିଟି ଏହି କାର୍ଯ୍ୟକୁ ଶୀଘ୍ର ଆରମ୍ଭ କରିବ ଓ ସମସ୍ତ ସାମଗ୍ରୀର ଏକ ବିସ୍ତୃତ ତାଲିକା ପ୍ରସ୍ତୁତ କରିବ। ଦିବ୍ୟାଙ୍ଗମାନଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ୍ ବ୍ୟବସ୍ଥା ପାଇଁ ଏକ କମିଟି ଗଠନ ହୋଇଛି। ଏଥିପାଇଁ ଏସ୍‌ଓପି ପ୍ରସ୍ତୁତ କରାଯିବ। ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଦୀଘାରେ ଜଗନ୍ନାଥ ଧାମ ଲେଖାକୁ ନେଇ ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୬ ତାରିଖରେ ଅଦିନିଆ ରଥଯାତ୍ରା ଓ ସ୍ନାନଯାତ୍ରା ନେଇ ଗଜପତି ମହାରାଜାଙ୍କ ଦ୍ୱାରା ପ୍ରେସ୍ ବିଜ୍ଞପ୍ତି କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଇସ୍କନର ଗଭର୍ଣ୍ଣିଂବଡି ପାଖକୁ ପଠାଯିବ। ଜଗନ୍ନାଥ ଧାମ ଶବ୍ଦର କୌଣସି ଅପବ୍ୟବହାର କରିପାରିବେ ନାହିଁ। ସଂସଦ ଭବନରେ ରଥ ଚକ ସ୍ଥାନ ପାଇଁ ପରିଚାଳନା କମିଟି ଅନୁମୋଦନ କରିଛି। ଶ୍ରୀମନ୍ଦିର ଭିତରେ ମାତୃ ସ୍ତନ୍ୟପାନ ଗୃହ କାର୍ଯ୍ୟକ୍ଷମ ଉପରେ ଆଲୋଚନା କରାଯାଇଛି। ବୈଠକ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ସବ୍ କମିଟିଗୁଡ଼ିକ ଶୀଘ୍ର ନିଜ ନିଜ କାର୍ଯ୍ୟ ଯୋଜନା ଉପରେ କାମ ଆରମ୍ଭ କରିବେ। ଭକ୍ତଙ୍କୁ ଉନ୍ନତ ଅନୁଭବ ପ୍ରଦାନ କରିବା ଏବଂ ମନ୍ଦିରର ସମସ୍ତ ଦିଗରେ ସୁବ୍ୟବସ୍ଥିତ ପରିଚାଳନା ଆମର ପ୍ରାଥମିକତା। ଧାଡ଼ି ଦର୍ଶନ ବ୍ୟବସ୍ଥା ସଫଳ ହେଲେ ଏହାକୁ ସ୍ଥାୟୀ ଭାବେ ଲାଗୁ କରାଯାଇପାରେ।

ସୂଚନାଥାଉ କି, ଗତବର୍ଷ ଅଗଷ୍ଟ ମାସରେ ଶ୍ରୀମନ୍ଦିର ପରିଚାଳନା କମିଟିର କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ସରକାର ଏହାକୁ ଗଠନ ଦିଗରେ ବିଳମ୍ବ କରିଥିଲେ। ଗତମାସରେ ନୂଆ କମିଟି ଗଠନ ହେବା ପରେ ବୁଧବାର ତା’ର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ନୂଆ କମିଟିରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଅଧ୍ୟକ୍ଷ ଥିବାବେଳେ ସଦସ୍ୟ ଭାବେ ପୂର୍ବତନ ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଶ୍ରୀମନ୍ଦିର ସେବାୟତଙ୍କ ସମେତ ସମାଜର ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ୍ ରହିଛନ୍ତି।

- ■ ପ୍ରଥମଥର ଶ୍ରୀମନ୍ଦିର ସୁରକ୍ଷା ଲାଗି ସବ୍ କମିଟି ଗଠିତ
- ■ ଧାଡ଼ି ଦର୍ଶନ ଓ ରତ୍ନ ଅଳଙ୍କାର ଗଣତିମଣତିକୁ ଅନୁମୋଦନ
- ■ ନାଟମଣ୍ଡପରେ ହେବ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା

# ୨୦ ମାଓବାଦୀଙ୍କ ଆତ୍ମସମର୍ପଣ




ମାଲକାନଗିରି,୩।୯ (ସମିସ): ଭୁକ୍ଷୁଡିବାରେ ଲାଗିଥିବା ମାଓ ସଂଗଠନରୁ ୩୩ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୦ ଜଣ ହାର୍ଡକୋର ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଏହା ମାଓ ସଂଗଠନକୁ ଶକ୍ତ ଧକ୍କା ଲାଗିଥିବା ବେଳେ ପୁଲିସ ପାଇଁ ବଡ଼ ସଫଳତା ଆଣିଦେଇଥିବା କୁହାଯାଉଛି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୯ ଜଣ ମହିଳା ମାଓବାଦୀ ରହିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ମାଓବାଦୀ ବଡ଼ ବଡ ହିଂସାକାଣ୍ଡରେ ସାମିଲ ଥିଲେ। ଦୁଇ ଜଣ ମାଓ ନେତାଙ୍କ ମୁଣ୍ଡ ଉପରେ ପୂର୍ବରୁ ଛତିଶଗଡ ସରକାର ଆଠ ଆଠ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ଛତିଶଗଡରେ ଏବେ ଅପରେସନ ମନ୍‌ସୁନ ଜୋରଦାର ଚାଲିଥିବା ବେଳେ ଭୟଭୀତ ମାଓ ସଂଗଠନ ଏବେ ହିଂସାର ରାସ୍ତା ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୋଇଛନ୍ତି। ସୁକୁମା ଏସପି କିରଣ ଚୌହାନଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ୨୫ ହଜାର ଟଙ୍କା ଲେଖାଏଁ ଚେକ୍ ପ୍ରଦାନ କରାଯାଇଛି। ପରବର୍ତ୍ତୀ ସମୟରେ ସରକାରଙ୍କ ନିୟମ ଅନୁସାରେ ସେମାନଙ୍କୁ ଥଇଥାନ କରାଯିବ ବୋଲି ସୁକୁମା ଏସପି ଶ୍ରୀ ଚୌହାନ ପ୍ରକାଶ କରିଛନ୍ତି।

# ୧୬ ମାଓବାଦୀ ଗିରଫ


ମାଲକାନଗିରି,୩।୯ (ସମିସ): ସୁରକ୍ଷା କର୍ମୀଙ୍କ ଅପରେସନ ବେଳେ ଧରା ପଡିଲେ ୧୬ ଜଣ ହାର୍ଡକୋର ମାଓବାଦୀ। ସୂଚନା ଅନୁଯାୟୀ ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର ତିନୋଟି ଭିନ୍ନ ଭିନ୍ନ ଜଙ୍ଗଲରୁ ଯବାନ ମାନେ ତଲାସି ଅଭିଯାନ କରିବା ବେଳେ ମୋଟ ୧୬ ଜଣ ମାଓବାଦୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ବିଶେଷ କରି ଜିଲ୍ଲାର ଗାଙ୍ଗାଲୁର, ବାସାଗୁଡା ଏବଂ ଜାଙ୍ଗଲା ଜଙ୍ଗଲରେ ଏସ୍‌ଟିଏଫ, ଡିଆରଜି ଏବଂ ସିଆରପିଏଫ ଯବାନଙ୍କ ତଲାସି ଅପରେସନ ବେଳେ ଏହି ସଫଳତା ମିଳିଛି। ଏମାନଙ୍କ



ନିକଟରୁ ଆଇଇଡି, ପ୍ରେସର କୁକର ବୋମା, ଟିଫିନ ବୋମା, କୋଡେକ୍ସ ତାର ଓ ଜିଲୋଟିନ ଷ୍ଟିକ୍ ଜବତ ହୋଇଛି।

# ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କୁ ଏବେ କଙ୍ଗନା ସିଣ୍ଡ୍ରୋମ: କଂଗ୍ରେସ

ଭୁବନେଶ୍ୱର,୩।୯ (ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିଜକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରିୟପାତ୍ର ହେବା ପାଇଁ କଂଗ୍ରେସ ବିରୋଧରେ ମିଛ ଓ ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି। କଂଗ୍ରେସର




**ମୋଦୀଙ୍କ ପ୍ରିୟପାତ୍ର ହେବାକୁ ଭିତ୍ତିହୀନ କଥା କହୁଛନ୍ତି ପ୍ରଭାତୀ**

ସର୍ବୋଚ୍ଚ ନେତାଙ୍କ ପ୍ରତି ଶ୍ରୀମତୀ ପରିଡ଼ା ଭିତ୍ତିହୀନ ଓ ଅଯୌକ୍ତିକ ମନ୍ତବ୍ୟ ରଖିଛନ୍ତି। ବିହାର ନିର୍ବାଚନରେ ପରାଜୟର ଆଶଙ୍କା ଓ ଭୟ ବିଜେପିକୁ ଘାରିଥିବାରୁ ଦଳର ନେତା ଓ ନେତ୍ରୀମାନେ ଏଭଳି ଆଚରଣ କରୁଛନ୍ତି ବୋଲି ଅଭିଯୋଗ କରିଛି କଂଗ୍ରେସ।

ବିହାରରେ ପ୍ରଧାନମନ୍ତ୍ରୀଙ୍କ ମା’ଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ବୟାନ ଓ ଏହାକୁ ନେଇ ଉପମୁଖ୍ୟମନ୍ତ୍ରୀ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିବା ପରେ ବୁଧବାର କଂଗ୍ରେସ ଏହାର ପାଲଟା ଜବାବ ଦେଇଛି। କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସ୍ମୃତିଶକ୍ତି ଦୁର୍ବଳ ଓ ସେ ବର୍ତ୍ତମାନ କଙ୍ଗନା ରଣାୱତ ସିଣ୍ଡ୍ରୋମରେ ଆକ୍ରାନ୍ତ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଭାରତରେ ବିଜେପି ଭୋଟ ଚୋରି କରି କ୍ଷମତାକୁ ଆସିଛି। ଏହା ସହିତ ବିହାରରେ କଂଗ୍ରେସ ପ୍ରତି ଲୋକଙ୍କ ଅକୁଣ୍ଠ ସମର୍ଥନ ଦେଖି ବିଜେପି ଦଳ ଏବଂ ତାର ତଥାକଥିତ ପ୍ରଚାରକ ମାନେ ଭୟରେ କଂଗ୍ରେସର ଅପପ୍ରଚାର କରୁଛନ୍ତି। କଂଗ୍ରେସ ନୀତି ଆଦର୍ଶର ଦଳ, କଂଗ୍ରେସ ସବୁବେଳେ ମା’ମାତୃକାକୁ ସମ୍ମାନ ଦେଇ ଆସିଛି। ମିଛ ପ୍ରଚାର କରି କଂଗ୍ରେସକୁ କିମ୍ବା କଂଗ୍ରେସ ନେତୃବୃନ୍ଦଙ୍କୁ ଦୋଷୀ କରି ପାରିବେନି। ବିଗତ ଦିନରେ ବିଜେପି ନେତାମାନେ କଂଗ୍ରେସ ଦଳର ସର୍ବୋଚ୍ଚ ନେତ୍ରୀ ସୋନିଆ ଗାନ୍ଧୀଙ୍କୁ ଗୋରୀ ଚମଡି, ବାର୍ ଡ୍ୟାନ୍ସର କହି ସମାଲୋଚନା କରିଥିଲେ। ଏପରିକି ରାହୁଲ ଗାନ୍ଧୀଙ୍କୁ ହାଇବ୍ରିଡ୍ ବାଛୁରୀ ବୋଲି ବିଦ୍ରୁପ କରିବାକୁ ସେ ପଛାଇ ନ ଥିଲେ। ସେତେବେଳେ ବିଜେପି ନେତାମାନେ କେଉଁଠାରେ ଥିଲେ ବୋଲି ସୋନାଲି ପ୍ରଶ୍ନ କରିଛନ୍ତି।

ଶ୍ରୀମତୀ ସାହୁ ପୁଣି କହିଥିଲେ ଯେ,ପ୍ରଧାନମନ୍ତ୍ରୀ ମୋଦୀ ନିଜ ମାଆଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ କାହିଁକି ଲଣ୍ଡା ହେଲେନାହିଁ? ଏହା କଣ ହିନ୍ଦୁ ଭାବନା ପ୍ରତି କୁଠାରାଘାତ ନୁହେଁ କି ? ସେହିପରି ବିଜେପି ମୁଖପାତ୍ର ପ୍ରେମ ଶୁକ୍ଳ, କଂଗ୍ରେସ ମୁଖପାତ୍ର ସୁରେନ୍ଦ୍ର ରାଜପୁତଙ୍କ ମାଆଙ୍କ ପ୍ରତି ଅତି ଅରୁଚିକର ମନ୍ତବ୍ୟ ଦେଇଥିଲେ ମଧ୍ୟ ତାଙ୍କ ବିରୋଧରେ ବିଜେପି କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ତାଙ୍କୁ ରାଷ୍ଟ୍ରୀୟ ମୁଖପାତ୍ରରେ ଅବସ୍ଥାପିତ କରିଛି। ଏହା କ’ଣ ବିଜେପି ଏବଂ ପ୍ରଧାନମନ୍ତ୍ରୀଙ୍କ ମାଆ ମାନଙ୍କୁ ସମ୍ମାନ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

■ ଗୁରୁ ଦିବସରେ ଶିକ୍ଷକ ସମାବେଶ

# ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଦାବି

ଭୁବନେଶ୍ୱର, ୩।୯ (ସମିସ): ଅନୁଦାନ ଯୋଗ୍ୟ ସ୍କୁଲ କଲେଜକୁ ଅନୁଦାନ ଏବଂ ଅବସର ନେଉଥିବା ଓ ନେଇଥିବା ଶିକ୍ଷକଙ୍କୁ ପେନସନ୍ ପ୍ରଦାନ ଦାବିରେ ଆସନ୍ତା ୫ ତାରିଖ ଅର୍ଥାତ୍ ଗୁରୁଦିବସ ଦିନ ବିଧାନସଭା ସମ୍ମୁଖରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶିକ୍ଷକ ସମାବେଶ ଅନୁଷ୍ଠିତ କରାଯିବ। ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି ଯେ, ପେନସନ୍ ସମେତ ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ୍ ପେ ଅସଙ୍ଗତି ଦୂର କରିବା, ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନ୍‌କ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ସ୍ଥାୟୀ ନିଯୁକ୍ତି ପରି ୫ଦଫା ଦାବି ପୂରଣ ପାଇଁ ବହୁବାର ଦାବି କରୁଥିଲେ ମଧ୍ୟ ସରକାର କର୍ଣ୍ଣପାତ କରୁ ନାହାନ୍ତି। ଗତ ଅଗଷ୍ଟ ୧୬ରେ ଗାନ୍ଧିମାର୍ଗରେ ଏକ ଶିକ୍ଷକ ସମାବେଶ କରାଯାଇ ସରକାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅଗଷ୍ଟ ୩୦ ଏବଂ ସେପ୍ଟେମ୍ବର ୧ ଓ ୨ରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ସେମାନେ ବାଧ୍ୟ ହେଉଥିବା ଶ୍ରୀ ଦାସ ସୂଚନା ଦେଇଛନ୍ତି। ପୂର୍ବରୁ ବିରୋଧୀ ଦଳରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶିକ୍ଷକଙ୍କ ଦାବି ଯୁକ୍ତିଯୁକ୍ତ କହି ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାକୁ ଅବିଳମ୍ବେ ପୂରଣ କରିବାକୁ ସମିତି ଦାବି କରିଛି। ଅନ୍ୟଥା ଅହୋରାତ୍ର ଧାରଣା ଜାରି ରଖିବେ ବୋଲି ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ଗରୁଡ଼ ଚନ୍ଦ୍ର ସାହୁ, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାସ, ଏବଂ ମଧୁସୂଦନ ଦେ ପ୍ରମୁଖ ପ୍ରକାଶ କରିଛନ୍ତି।

## ବିଦ୍ୟୁତ୍ ସେବାରେ ଦକ୍ଷତା ଅଧିନିୟମ ଚିଠା ପ୍ରକାଶ

# ୩ ମିନିଟରେ ଫୋନ୍‌କଲ୍ ଉତ୍ତର ନ ଦେଲେ କମ୍ପାନୀ ଦେବ ଜୋରିମାନା

ଭୁବନେଶ୍ୱର,୩।୯ (ସମିସ): ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବିଦ୍ୟୁତସେବାର ନୂତନ ମାନଦଣ୍ଡ ଓ ଦକ୍ଷତା ଚିଠାଅଧିନିୟମ୨୦୨୫ ପ୍ରକାଶ କରିଛନ୍ତି। ଏହିଅଧିନିୟମ ଅନୁଯାୟୀ ବିଦ୍ୟୁତ ଉପଭୋକ୍ତାଙ୍କ କଲର ଉତ୍ତର ବିଦ୍ୟୁତ ସେବା ପ୍ରଦାନକାରୀ କମ୍ପାନୀ ଟାଟା ପାୱାର ୩ ମିନିଟ୍ ମଧ୍ୟରେ ଉତ୍ତର ଦେବାକୁ ବାଧ୍ୟ। ଏଥିରେ ଖିଲାପ ହେଲେ ଉପଭୋକ୍ତାଙ୍କୁ କମ୍ପାନୀ ଜୋରିମାନା ପ୍ରଦାନ କରିବ। ଏହି ଜୋରିମାନା ଅର୍ଥ କମ୍ପାନୀ ସମ୍ପୃକ୍ତ ଉପଭୋକ୍ତାଙ୍କ ମାସିକ ବିଜୁଳି ଦେୟରୁ କାଟି ବିଲ୍ ପଠାଇବ।

ଅନ୍ୟପକ୍ଷରେ ଉପଭୋକ୍ତା କଲ୍ କରିବାର ୫ ମିନିଟ ଭିତରେ କଲସେଣ୍ଟର ତାହାକୁ ପଞ୍ଜୀକୃତ କରି ଉପଭୋକ୍ତାକୁ ଗୋଟେ ଅଭିଯୋଗ ନମ୍ବର ପ୍ରଦାନ କରିବେ। ଏହି ପ୍ରକ୍ରିୟା ପାଳନରେ ବିଫଳ ହେଲେ ଉପଭୋକ୍ତାକୁ ୧୦୦ ଟଙ୍କା ଜରିମାନା ଦେବେ। ବିଦ୍ୟୁତବ୍ୟାହତ, ନୂତନ-ସଂଯୋଗ, ସଂଯୋଗ-ବିଚ୍ଛିନ୍ନ, ପୁନଃସଂଯୋଗ, ମିଟର ସମସ୍ୟା, ମାଲିକାନା ପରିବର୍ତ୍ତନ, ବିଲ ସମସ୍ୟା, ଭୋଲଟେଜ ସମସ୍ୟା ଆଦି ୩୩ଟି ବିଷୟ ଉପରେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତାର ମାନଦଣ୍ଡ ସ୍ଥିରକରି ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏହି ଚିଠା ଅଧିନିୟମ ସାଧାରଣ ବିଜ୍ଞପ୍ତି ମାଧ୍ୟମରେ ଜାରିକରି ଏକ କୋଟି ବିଦ୍ୟୁତ ଉପଭୋକ୍ତାଙ୍କ ମତାମତ ଆହ୍ୱାନ କରିଛନ୍ତି। ଆସନ୍ତା ୨୨ ତାରିଖ ମଧ୍ୟରେ ଇଚ୍ଛୁକ ବ୍ୟକ୍ତି ଚିଠା ଅଧିନିୟମ ଉପରେ ମତାମତ ଦେବାପାଇଁ ଆୟୋଗ ନିବେଦନ କରିଛନ୍ତି। ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ରଙ୍କ ଏପରି ଅଭିଯୋଗକୁ ବିଶ୍ୱାସକୁ ନେଇ ଓଇଆରସି ବିତରଣ କମ୍ପାନୀମାନଙ୍କ ପାଇଁ ଉଦ୍ଦିଷ୍ଟ ପୁରୁଣା କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ-୨୦୦୪କୁ ନବୀକରଣ କରି ନୂତନ ଅଧିନିୟମ-୨୦୨୫ର ଚିଠା ବିଜ୍ଞାପିତ କରିଛନ୍ତି।

ଶ୍ରୀ ମହାପାତ୍ରଙ୍କ ସୂଚନା ଅନୁଯାୟୀ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ବିତରଣ କାର୍ଯ୍ୟଦକ୍ଷତାର ମାନଦଣ୍ଡ ଓ ସପ୍ଲାଇ କୋଡ ପାଇଁ ଦୁଇଟି ପୃଥକ ପୃଥକ ଅଧିନିୟମ ପ୍ରସ୍ତୁତ କରି ୨୦୦୪ରେ ଗୋଟେ ଦିନରେ ପ୍ରଣୀତ କରିଛନ୍ତି। କିନ୍ତୁ ପଞ୍ଜାବ ଓ ମହାରାଷ୍ଟ୍ର ଭଳି ଅନ୍ୟ ରାଜ୍ୟର ବିଦ୍ୟୁତ ଆୟୋଗ ଓଇଆରସି ଭଳି ଦୁଇଟି ଅଧିନିୟମ ବଦଳରେ ଉଭୟ ପାଇଁ ଗୋଟେ ଅଧିନିୟମ ୨୦୦୪ରେ ପ୍ରଣୀତ କଲେ। ପ୍ରଗତିଶୀଳ ଅର୍ଥନୀତିରେ ଅତିରିକ୍ତ ପୁଞ୍ଜିନିବେଶ ଓ ବୈଷୟିକ ଉନ୍ନତି ପରିଲକ୍ଷିତ ହେଉଥିବାରୁ ଅନ୍ୟ ରାଜ୍ୟ ଆୟୋଗଗୁଡିକ ଏକାଧିକ ଥର ପୁରୁଣା ଅଧିନିୟମକୁ ନବୀକରଣ କରି ନୂତନ ଅଧିନିୟମ ପ୍ରଣୀତ କରିଛନ୍ତି। କିନ୍ତୁ ଓଡ଼ିଶା ଆୟୋଗ ପୁରୁଣା ସପ୍ଲାଇ କୋଡକୁ ନବୀକରଣ କରିବାରେ ସମର୍ଥ ହୋଇଥିବା ବେଳେ ବିତରଣ କମ୍ପାନୀର କାର୍ଯ୍ୟଦକ୍ଷତା ମାନଦଣ୍ଡ ଅଧିନିୟମ ନବୀକରଣ କରିପାରିଲେ ନାହି। ଫଳରେ ଓଡ଼ିଶା ଉପଭୋକ୍ତା ଉନ୍ନତ ମାନର ବିଦ୍ୟୁତସେବା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଶ୍ରୀ ମହାପାତ୍ର ଆହୁରି କହିଛନ୍ତି ଯେ ବିଦ୍ୟୁତ ସେବା ମାନଦଣ୍ଡ ପାଳନରେ ବିତରଣ କମ୍ପାନୀ ବିଫଳ ହେଲେ ପୁରୁଣା ଅଧିନିୟମ ଅନୁସାରେ ଟାଟା ବିତରଣ କମ୍ପାନୀକୁ ଜୋରିମନା ଦେବାପାଇଁ ୫୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ୫ଟି ସ୍ଲାବ ପ୍ରଣୀତ ହୋଇଥିବାବେଳେ ନୂତନ ଚିଠା ଅଧିନିୟମରେ ତାହାକୁ କମାଇ ୫୦ରୁ ୨୫୦ ଟଙ୍କା ଭିତରେ ସ୍ଥିର କରିବା ଏହା ଏକ ଅବାସ୍ତବ ନିୟାମକ ପ୍ରକ୍ରିୟା। ଅନ୍ୟ ରାଜ୍ୟ ଆୟୋଗ ୧୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସ୍ଲାବ କରିଛନ୍ତି। ସେହିପରି ମାସକୁ କେତେ ଘଣ୍ଟା ବିଦ୍ୟୁତସେବା ଉପଲବ୍ଧ ହେଉଛି ଓ କେତେ ଥର ବିଦ୍ୟୁତ ବ୍ୟାହତ ହେଉଛି ଉପଭୋକ୍ତାକୁ ବିଦ୍ୟୁତବିଲରେ ଅବଗତ କରିବାପାଇଁ ଚିଠା ଅଧିନିୟମରେ ବ୍ୟବସ୍ଥା ହୋଇନାହି। ତେଣୁ ଗ୍ରାମାଞ୍ଚଳର ବିକାଶକୁ ଚିଠା ଅଧିନିୟମରେ ଆୟୋଗ ଅଣଦେଖା କରିଥିବା ସେ ଅଭିଯୋଗ କରିଛନ୍ତି। ତେବେ ପୁରୁଣା ଅଧିନିୟମରେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତାକୁ ଦୁଇ ସ୍ତରରେ ବିଭକ୍ତ ହୋଇଥିବା ବେଳେ ଚିଠା ଅଧିନିୟମରେ ତିନି ସ୍ତରରେ ବିଭକ୍ତ ହୋଇଛି। ଆଗରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ପାଇଁ ପୃଥକ ପୃଥକ ଭାବେ ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ରହିଥିବା ବେଳେ ଚିଠା ଅଧିନିୟମରେ ଅତିରିକ୍ତ ଭାବେ ମହାନଗର ନିଗମ ସୃଷ୍ଟି କରାଯାଇ ତାପାଇଁ ଉଚ୍ଚକୋଟିର ମାନଦଣ୍ଡ ଓ କାର୍ଯ୍ୟଦକ୍ଷତା ନିର୍ଣ୍ଣୟ ହୋଇଛି।

- ■ ଅଭିଯୋଗ ପରେ ପୁରୁଣା ଅଧିନିୟମ- ୨୦୦୪କୁ ରଦ୍ଦ କଲେ ଆୟୋଗ
- ■ ଶକ୍ତି ସମୀକ୍ଷକଙ୍କ ମତ, ଜୋରିମାନା ଅର୍ଥ ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ

## ଦୁର୍ଘଟଣାରେ ମୃତ ପିଅନଙ୍କ ପରିବାରକୁ ଆର୍ଥିକ ସହାୟତା

ରାଜଘାଟ, ୩।୯ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ପଞ୍ଚାୟତର କାର୍ଯ୍ୟରତ ଜିଓ ଟେଗ୍ ପିଅନ ଗତ ୨୫ ତାରିଖରେ ବାଇକ୍ ଯୋଗେ ବାଲେଶ୍ୱରକୁ ନିଜ ଝିଅର ସ୍କୁଲକୁ ଦେଖାକରିବାକୁ ଯାଉଥିବା ସମୟରେ ମିରିଗୀମୁଣ୍ଡି ଛକ ମା ହୋଟେଲ ନିକଟରେ ସଡକ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ତାଙ୍କର ଏହି ଅକାଳ ବିୟୋଗରେ "ଅଲ୍ ଓଡିଶା ଜିଓଟେଗ୍ କର୍ମଚାରୀ ମହାସଂଘ" ପକ୍ଷରୁ ଗଭୀର ଶୋକ ପ୍ରକାଶ କରିବା ସହ ସଂଘର ରାଜ୍ୟ ସଭାପତି ପ୍ରିୟଙ୍କା ତ୍ରିପାଠୀ, ଉପସଭାପତି ଡମ୍ବରୁଧର ବେହେରା ଓ ସମ୍ପାଦକ ରମେଶ ପ୍ରସାଦ ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପ୍ରତିନିଧି କାଳିଚରଣ ମିର୍ଦ୍ଧା, ନିରଞ୍ଜନ ଗିରି, ମୟୁରଭଞ୍ଜ ଜିଲ୍ଲା ପ୍ରତିନିଧି ଜୟପଦ ମହାକୁଡ଼, ବାଲିଆପାଳ ବ୍ଲକ ପ୍ରତିନିଧି ଶଶୀକାନ୍ତ ଜେନା, ବସ୍ତା ବ୍ଲକ୍ ସଭାପତି ଶତ୍ରୁଘ୍ନ ବାରିକ, ଉପ ସଭାପତି କମଳାକାନ୍ତ ରାଉତ, ସଦସ୍ୟ ପ୍ରଦୀପ ଜେନା, ସୁବ୍ରତ ବାରିକଙ୍କ ସମେତ ସ୍ଥାନୀୟ ଜିଆର୍ଏସ୍ ସ୍ୱପ୍ନେଶ୍ୱର ଜେନା ପ୍ରମୁଖ ଉପସ୍ଥିତ ରହି ଏହି ଦୁଃଖଦ ସମୟରେ ସ୍ୱର୍ଗତ ହେମ୍ବ୍ରମଙ୍କ ପରିବାରକୁ ସମବେଦନା ଜଣାଇବା ସହ ସଂଘ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

## ଜଳ ନିଷ୍କାସନ ନାଳ ଅବରୋଧ

ଜଳେଶ୍ୱର, ୩।୯ (ସମିସ): ଜଳେଶ୍ୱର ବ୍ଲକ ଉପାନ୍ତ ନେତୁଆ ଗ୍ରାମପଞ୍ଚାୟତର ଆଡିନଗା



ଗ୍ରାମର ତ୍ରିଶକ୍ତି ମାର୍କେଟ୍ ସନ୍ନିକଟ ଅଶୋକ କୁମାର ମହାନ୍ତିଙ୍କ ଘର ସମ୍ମୁଖରେ ଥିବା ଡ୍ରେନ ୨ବର୍ଷ ଧରି ଅବରୋଧ ହୋଇ ରହିଛି। ଗୋଚର ଜମିରେ ଥିବା ଡ୍ରେନ୍‌ରେ ଦୀର୍ଘଦିନ ଧରି ପାଣି ଅବରୋଧ ହୋଇ ଛିଡା ହୋଇ ରହିଥିବାରୁ ପରିବେଶ ଦୂଷିତ ହୋଇ ଗଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଛି। ଅବରୋଧ ଫଳରେ ଅଶୋକ ମହାନ୍ତିଙ୍କ ଘର ପୂର୍ବ ଅଂଶ ଏବଂ ଅନେକ ଘର ଏବେ ଅପରିଷ୍କାର ଡ୍ରେନ୍ ପାଣିରେ ଘେରା ବନ୍ଦୀ ହୋଇ ରହିଛି। ଏହି ପାଣିରୁ ଦୁର୍ଗନ୍ଧ ପରିବେଶକୁ ଦୂଷିତ କରୁଥିବା ବେଳେ ନାକ ଫାଟି ପଡୁଛି। ଫଳରେ ଚର୍ମ ରୋଗ, ଜଳ ବାହିତ ରୋଗ ବ୍ୟାପିବା ସହିତ ପୋକ ଜୋକ, ସର୍ପ ଭୟ ସୃଷ୍ଟି ହୋଇଛି। ଏହା ସହିତ ଦୈନନ୍ଦିନ ଜୀବନରେ ଘୋର ଅସୁବିଧା ହେବା ସହିତ ବୃଦ୍ଧବୃଦ୍ଧା ଓ ଶିଶୁମାନେ ବିଶେଷ ପ୍ରଭାବିତ ହେଉଛନ୍ତି। ଦୁଇ ବର୍ଷ ଧରି ଗ୍ରାମବାସୀ ବାରମ୍ବାର ତହସିଲ କାର୍ଯ୍ୟାଳୟ, ପଞ୍ଚାୟତ ଓ ବ୍ଲକ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ।

## ହରିନାମ ସଂକୀର୍ତ୍ତନ ମହାଯଜ୍ଞ ମହୋତ୍ସବ



କମର୍ଦ୍ଦା, ୩।୯ (ସମିସ): ଭୋଗରାଇ ବ୍ଲକ କମର୍ଦ୍ଦା ଥାନା ଅନ୍ତର୍ଗତ ହାଟ ପୋଖରୀସ୍ଥିତ ବଜାର ପ୍ରାଙ୍ଗଣରେ ଡାଇମଣ୍ଡ ୟୁଥ୍ କ୍ଲବ ପକ୍ଷରୁ ସାର୍ବଜନୀନ ଶ୍ରୀ ଶ୍ରୀ ଗଣେଶ ପୂଜା ଅବସରରେ ଅଷ୍ଟପ୍ରହରୀ ହରିନାମ ସଂକୀର୍ତ୍ତନ ମହାଯଜ୍ଞ ମହୋତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅନୁଷ୍ଠାନକୁ କୌରଦା, ପଥୁରିଆ ଓ ବେଲଦା ଗ୍ରାମର ଯୁବଗୋଷ୍ଠୀ ତଥା ଆଖପାଖ ଗ୍ରାମ ମାନଙ୍କର ବିଭିନ୍ନ ବିଶିଷ୍ଟ ବ୍ୟକ୍ତି ଗଣଙ୍କ ସହଯୋଗ କରିଥିଲେ। ରାଜେଶ, ପ୍ରଦୀପ, ପ୍ରକାଶ, ସମୀର, ଶଙ୍କର, ସୁନିଲ, ଅଜୟ, ଅଜୟ ନନ୍ଦୀ, ସପନ, ଶୁଭ୍ରଜିତ, ଅଭିନନ୍ଦନ, ତପନ, ଦିଲ୍ଲୀପ, ବିଳାସ, ରାକେଶ, ହରେନ୍ଦ୍ର, ଦେବବ୍ରତ, ବଳରାମ, ଅରୁଣ ଗିରି ଓ ତପନ କୁମାର ଦାସ ପ୍ରମୁଖ ପରିଚାଳନା ରେ ସହଯୋଗ କରିଥିଲେ।

## ଧାନ ଫସଲ ନଷ୍ଟ କଲେ କୁଲଡ଼ିହା ହାତୀ

ନୀଳଗିରି, ୩।୯ (ସମିସ): ନୀଳଗିରି ବ୍ଲକର ପିଠା ଅତା ପଞ୍ଚାୟତ ଓ କେ.ସି. ପୁର ପଞ୍ଚାୟତରେ ଏକର ଏକର ଧାନ ଫସଲକୁ କୁଲଡ଼ିହା ହାତୀ ନଷ୍ଟ କରିଥିବାର ଦେଖିବାକୁ ମିଳିଛି। ଗଣେଶ୍ୱର ବେହେରା, ଭୀମ ମୁର୍ମୁ, ସୋରେନ୍ ମୁର୍ମୁ, ମାନ ମୁର୍ମୁ, ନଙ୍ଗା କିସ୍କୁ, ରାମ ବେହେରା, ଗଜେନ୍ଦ୍ର ବେହେରାଙ୍କ ଧାନ ଫସଲକୁ କୁଲଡ଼ିହା ହାତୀପଲ ନଷ୍ଟ କରିଛନ୍ତି। ସେହିପରି ପିଠାଅତା ପଞ୍ଚାୟତ ଜାମୁନା ଗ୍ରାମର ବୁଦ୍ଧିଆ ମୁର୍ମୁ, ଭୀମ ମୁର୍ମୁ, ବୁଦ୍ଧୁଜ ମୁର୍ମୁ, ହାଡିବନ୍ଧୁ କୁସ୍କୁ, ଗଜେନ୍ଦ୍ର କବାଟ, ସନିଆ କବାଟ, ଜଗବନ୍ଧୁ କବାଟ, ମୁଚିରମ୍ କିସ୍କୁଙ୍କ ଧାନ ଫସଲକୁ କୁଲଡ଼ିହା ହାତୀ ଧାନ କ୍ଷେତରେ ପଶି ନଷ୍ଟ କରିଛନ୍ତି। ତୁରନ୍ତ ବନବିଭାଗ ଉପଯୁକ୍ତ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ହେଉଛି।

## ୮୬ ହଜାର ଟଙ୍କା ଡଣ୍ଡ ଗଣିଲେ ଡିଜେ ମାଲିକ

ଭୋଗରାଇ, ୩।୯ (ସମିସ) : ରାଜ୍ୟ ସରକାର କୌଣସି ଅନୁଷ୍ଠାନରେ ଡିଜେ ବଜାଇବା ଉପରେ ରୋକ ଲଗାଇଛନ୍ତି। ତଦନୁଯାୟୀ ବାଲେଶ୍ୱର ଏସପିଙ୍କ ନିର୍ଦ୍ଦେଶ କ୍ରମେ ଗତ ୩୦ ଅଗଷ୍ଟ ମଧ୍ୟରାତ୍ରିରେ ଗୋଟିଏ ଡିଜେ ଗାଡିକୁ ଭୋଗରାଇ ପୁଲିସ ଅଟକ ରଖିଥିଲେ। ସମ୍ପୃକ୍ତ ଡିଜେ ମାଲିକ ହେଲେ କଡୁଆଡି ପଞ୍ଚାୟତ କଟି ସାହି ଗ୍ରାମର ଅନିଲ କୁମାର ଜେନାଙ୍କ ପୁଅ ଅଜୁ କୁମାର ଜେନା। ଆଜି ଉକ୍ତ ଡିଜେ ମାଲିକଙ୍କୁ ୮୬ ହଜାର ଟଙ୍କାର ଜରିମାନା କରାଯାଇଥିବା ଭୋଗରାଇ ଥାନା ଅଧିକାରୀ ରୋହିତ ବଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଗତ ୩୦ତାରିଖ ରାତିରେ ଭୋଗରାଇ ପୁଲିସ ଭୋଗରାଇ ହାଟରେ ଗଣେଶଙ୍କ ପ୍ରତିମୂର୍ତ୍ତି ବିସର୍ଜନ ସମୟରେ ବାବା ଆଣ୍ଟି ଭାଇରସ ନାମକ ଡିଜେ ଗାଡ଼ିକୁ ଜବତ କରି ଥାନାରେ ଅଟକ ରଖିଥିଲେ।

**ବିଜ୍ଞାପିତ ଅଞ୍ଚଳ ମାନ୍ୟତାରୁ ବାଦ ପଡ଼ିବା ଘଟଣା**

# ୮ ଘଣ୍ଟିଆ ଖଇରା ବନ୍ଦ ପାଳନ

ଖଇରା, ୩।୯ (ସମିସ)



ରାଜ୍ୟ ସରକାର ଖଇରାକୁ ଏନଏସି ମାନ୍ୟତା ପ୍ରଦାନ କରି ସେମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ଅଧୀକାରରୁ ବଞ୍ଚିତ କରିବା ପ୍ରତିବାଦରେ ବୁଧବାର ୮ ଘଣ୍ଟିଆ ବନ୍ଦ ପାଳନ ଶତପ୍ରତିଶତ ସଫଳ ହୋଇଛି। ସକାଳ ୭ଟାରୁ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ଧରି ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ସ୍ୱତଃପ୍ରବୃତ୍ତ ଭାବେ ନିଜ ଦୋକାନ ବନ୍ଦ ରଖିଥିବା ବେଳେ ସ୍କୁଲ, କଲେଜ, ବ୍ଲକ ଓ ତହସିଲ ମଧ୍ୟ ବନ୍ଦ ରହିଥିଲା। ସୋର-କୁପାରୀ ବସ ସହିତ ସମସ୍ତ ଭାରିଯାନ ଚଳାଚଳ ବନ୍ଦ ରହିଥିଲା। ଖଇରା ସ୍ୱାଭିମାନ ମଞ୍ଚ ଆନୁକୂଲ୍ୟରେ ବ୍ଲକଛକ ନିକଟରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ବିକାଶ ପରିଷଦ, ଖଇରା ଜନଜାଗରଣ ମଞ୍ଚ, ପ୍ରତିଭା ପରିବାର, ସାହିତ୍ୟ ସଂସଦ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ, ଖଇରା ସାମ୍ବାଦିକ ସଂଘ, ଆଞ୍ଚଳିକ ବ୍ରାହ୍ମଣ ସମିତି, ଲିଜେଣ୍ଡ ଲାୟନ୍ସ କ୍ଲବର କର୍ମକର୍ତ୍ତା ଏଥିରେ ସାମିଲ ହୋଇ ଖଇରାକୁ ବିଜ୍ଞାପିତ ଅଞ୍ଚଳ ମାନ୍ୟତା ଆମର ନ୍ୟାଯ୍ୟ ଅଧିକାର। ସରକାର ଖଇରାକୁ ଏଏନସି ଘୋଷଣା ନ କରିବା ଯାଏ ଆନ୍ଦୋଳନ, ସତ୍ୟାଗ୍ରହ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ସେପଟେ ଯଦି ଯଥାଶୀଘ୍ର ସରକାର ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନନିଅନ୍ତି ତେବେ ଖୁବଶୀଘ୍ର ଆମରଣ ଅନଶନ ପାଇଁ ସ୍ୱାଭିମାନ ମଞ୍ଚ ପକ୍ଷରୁ ସ୍ମାରକ ପତ୍ର ବିଡିଓଙ୍କ ଜରିଆରେ ଜିଲାପାଳ, ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀ ଓ ସଚିବଙ୍କୁ ପ୍ରଦାନ କରାଯାଇଛି। ସଫଳତା ପାଇଁ ମଞ୍ଚ ତରଫରୁ ସମସ୍ତ ବ୍ୟବସାୟୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

## ଜିଲ୍ଲା କଂଗ୍ରେସ ସଭାପତି ଚୟନ ଲାଗି ସୃଜନ କର୍ମଶାଳା




ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩।୯ (ସମିସ) : ଜଳେଶ୍ୱର କଂଗ୍ରେସ ପକ୍ଷରୁ ବୁଧବାର ସ୍ଥାନୀୟ ଖୁସି ପ୍ଲାଜାରେ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ଓ ସଂଗଠନର ସୃଜନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଖିଳ ଭାରତ ଜାତୀୟ କଂଗ୍ରେସର ନିର୍ଦ୍ଦେଶ କ୍ରମେ ଓଡ଼ିଶାର ସବୁ ଜିଲ୍ଲାରେ ଏଭଳି ସାଂଗଠନିକ ପ୍ରକ୍ରିୟା ଚାଲିଥିବା ବେଳେ ଜଳେଶ୍ୱରରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କର୍ମଶାଳାରେ କଂଗ୍ରେସ ନେତା ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲାବେଳେ ଏଆଇସିସିର ପର୍ଯ୍ୟବେକ୍ଷକ ଭାବେ ଲୋକସଭା ସାଂସଦ ଶ୍ରେୟସ୍ ଏମ ପଟେଲ ଯୋଗ ଦେଇଥିଲେ। ତୃଣମୂଳ ସ୍ତରରେ କଂଗ୍ରେସ ଦଳକୁ ସୁଦୃଢ଼ କରିବା ପାଇଁ ସଂଗଠନ ସୃଜନ ଏକ ଐତିହାସିକ ପଦକ୍ଷେପ ବୋଲି ବକ୍ତବ୍ୟ ରଖିଥିଲେ। ନେତୃତ୍ୱକୁ କର୍ମୀ ମାନଙ୍କ ଉପରେ ଲଦି ନଦେଇ, ମନ ପସନ୍ଦର ନେତା ସେମାନେ ନିର୍ଦ୍ୱନ୍ଦ୍ୱରେ ଚୟନ କରି ପାରିବେ ବୋଲି କହିଥିଲେ। ଅନ୍ୟତମ ନେତୃତ୍ୱ ମଧ୍ୟରେ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ମଞ୍ଚାସୀନ ହୋଇ ସମସ୍ତ ମତଭେଦକୁ ଭୁଲି ଜଳେଶ୍ୱର କଂଗ୍ରେସ ସଂଘଟିତ ହେବା ଦଳ ପାଇଁ ଶୁଭ ସଂକେତ ବୋଲି କହିଥିଲେ। କର୍ମଶାଳାରେ ଜଳେଶ୍ୱର ବ୍ଲକର ୩୫ ଟି ପଞ୍ଚାୟତ ଓ ମ୍ୟୁନିସିପାଲିଟିର ୧୭ଟି ୱାର୍ଡର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ସଭାପତି ରାଜୀବ ପରିଡ଼ା, ଟାଉନ ସଭାପତି ଗିରିଜା ଶଙ୍କର ଦାସ, ଜିଲ୍ଲା ସମ୍ପାଦକ ହେମନ୍ତ ଗିରି, କିଶନ କଂଗ୍ରେସ ସଭାପତି ସୁଦାମ ପାତ୍ର, ପୂର୍ବତନ କାଉନସିଲର ଜଗଦୀଶ ନନ୍ଦୀ, ପୂର୍ବତନ ସରପଞ୍ଚ ପଦ୍ମଲୋଚନ ବେହେରା, ମଧୁସୂଦନ ଦାସ, ସପନ ଜେନା, ରବୀନ୍ଦ୍ର ଦାସ, ତ୍ରିଲୋଚନ ନାୟକ, ଦୀପକ ରାଜ, ହରିଶଙ୍କର ଜେନା, ସପନ ଜେନା, ଫରିଦ୍ ଅହମ୍ମଦ, ନୟନ ପାଢ଼ୀ, ମହିଳା ନେତ୍ରୀ ରାଧାରାଣୀ ପାତ୍ର, ମିଲି ପଣ୍ଡା, ଜୟଶ୍ରୀ ଜେନା, ଯୁବ ନେତା ସୁଶାନ୍ତ ସେଠୀ, ଆଦିବାସୀ ନେତା ଶ୍ରୀକାନ୍ତ ସିଂ, କମଳାକାନ୍ତ ମୁର୍ମୁ ପ୍ରମୁଖ ନେତୃତ୍ୱ ଓ ବହୁ କର୍ମୀ ଯୋଗ ଦେଇଥିଲେ।

## ୧୧୦ ଗ୍ରାମ୍ ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଳେଶ୍ୱର ବ୍ଲକ, ୩।୯ (ସମିସ): ବ୍ରାଉନସୁଗର କାରବାରର ପେଣ୍ଠସ୍ଥଳୀ ପାଲଟିଛି ଜଳେଶ୍ୱର ସହର। ମ୍ୟୁନିସିପାଲିଟି ଅଧୀନ ଶାସନବାର୍ଡ ଗ୍ରାମରେ ଜଣେ ଯୁବକ ବ୍ରାଉନସୁଗର କାରବାର କରୁଥିବା ବେଳେ ଜଳେଶ୍ୱର ଥାନା ପୁଲିସ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ପୁଲିସ ୧୧୦ ଗ୍ରାମ ବ୍ରାଉନସୁଗାର ସହ ଉକ୍ତ ଯୁବକଙ୍କୁ ଗିରଫ କରିଛି। ଏ ନେଇ ପୂର୍ବରୁ ପୁଲିସ ନିକଟରେ ଅଭିଯୋଗ ଥିଲା। ପୁଲିସ ଗ୍ରାହକ ହୋଇ ଯୁବକଙ୍କ ନିକଟରୁ ବ୍ରାଉନସୁଗର କିଣିବାକୁ ଯାଇ ଡିଲ୍ କରୁଥିବା ବେଳେ ଥାନା ତରଫରୁ ନିୟୋଜିତ ଏକ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଚଢ଼ଉ ବେଳେ ଯୁବକଙ୍କ ପାଖରୁ ୧୧୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ଏ ନେଇ ଜଳେଶ୍ୱର ଥାନାରେ ମାମଲା ରୁଜୁ ହୋଇଛି। ଏଏସ୍ଆଇ କରନ ମାରାଣ୍ଡି ଓ ଭଗବାନ ଦାନ ଦାସଙ୍କ ସହ ଏକ ୫ ଜଣିଆ ଟିମ୍ ଏହି ଚଢଉରେ ସାମିଲ ଥିଲେ।

## ଉନ୍ନୟନ କାମରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର ବ୍ଲକ, ୩।୯ (ସମିସ) : ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତ ୯ ନମ୍ବର ୱାଡର୍‌ର ରାଣୀଘାଟି ସାହିଠାରେ କିଛି ଦିନ ପୂର୍ବରୁ ୧ ଲକ୍ଷ ଟଙ୍କା ବ୍ୟୟରେ ରଜ ଠାକୁରାଣୀ ପୀଠର ଉନ୍ନତିକରଣ ହେବାର ଅଳ୍ପ ଦିନ ମଧ୍ୟରେ ଫାଟି ଆଁ କଲାଣି। ସେହିପରି ଲକ୍ଷ୍ମଣନାଥ ଆଖଣ୍ଡଳମଣୀ ମନ୍ଦିରର ଭୋଗ ମଣ୍ଡପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିକଶିତ ଗାଁ ବିକଶିତ ଓଡ଼ିଶାରେ ୨୦୨୪-୨୫ ଆର୍ଥିକ ବର୍ଷରେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା କାର୍ଯ୍ୟରେ ଲାଗୁଥିବା ଇଟା ଗୁଡ଼ିକ ପୁରୁଣା କାଦଲଗା ଇଟା ଲଗାଇବା ସହିତ ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେଉ ନଥିବା ଅଭିଯୋଗ ହେଉଛି। ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ରାମଚନ୍ଦ୍ର ସିଂ, ସୁପ୍ରଭା ସିଂ, ଭରତ ଦେହୁରୀ, ଖଗେନ୍ଦ୍ର ସିଂ, ଗଙ୍ଗା ଦେହୁରୀ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ରୋଗାକ୍ରାନ୍ତ ନିରଞ୍ଜନଙ୍କୁ ମିଳିଲା ରାସନ କାର୍ଡ



ବାଲିଆପାଳ, ୩।୯ (ସମିସ): ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତର ହାସିମପୁର ଗ୍ରାମର ନିରଞ୍ଜନ ସାହୁ ପତ୍ନୀ ଓ ଦୁଇ ଝିଅଙ୍କ ସହିତ ରହି ଆସୁଛନ୍ତି। ଜମି ବାଡ଼ି ନଥିବା ନିରଞ୍ଜନ ଦିନ ମଜୁରିଆ ଭାବରେ କ୍ଷୀର ସୋସାଇଟିରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଦୁଇ ମାସ ତଳେ ନିରଞ୍ଜନଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ବର୍ତ୍ତମାନ ଡାକ୍ତରଙ୍କ ପରାମର୍ଶ ରେ ନିରଞ୍ଜନ ଔଷଧ ସେବନ କରୁଛନ୍ତି। ନିରଞ୍ଜନଙ୍କୁ ଭଲ କରିବା ପାଇଁ ପତ୍ନୀ ଅମ୍ବୁଜା ପାଖରେ ଯାହା ସୁନା ଗହଣା ଥିଲା ତାକୁ ବିକ୍ରି କରି ଅପରେସନ କରାଯାଇଛି। ନିରଞ୍ଜନଙ୍କ ପାଖରେ ରେସନ କାର୍ଡ ନଥିବାରୁ ଚିକିତ୍ସା ପାଇଁ ସରକାରୀ ସୁବିଧାରୁ ବଞ୍ଚିତ ହୋଇଥିଲେ। ଦେଉଳା ସରପଞ୍ଚ ସରୋଜ ପିଳା ବାଲିଆପାଳ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କୁ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଶ୍ରୀ ରଥ ନିରଞ୍ଜନଙ୍କ ଘରକୁ ତଦନ୍ତ ପାଇଁ ଯାଇଥିଲେ। ଶ୍ରୀ ରଥ ମଙ୍ଗଳବାର ସନ୍ଧ୍ୟାରେ ନିରଞ୍ଜନଙ୍କ ପରିବାରଙ୍କୁ ରେସନ କାର୍ଡ ପ୍ରଦାନ କରିଛନ୍ତି।

## ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଲେ ବିଡିଓ



ବାଲିଆପାଳ, ୩।୯ (ସମିସ): ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଡଗରା ଗ୍ରାମର ଭିନ୍ନକ୍ଷମ ସତ୍ୟ ପ୍ରକାଶ ମଣ୍ଡଳଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସରକାର ଏକ ପକ୍କା ଘର ଯୋଗାଇ ଦେଇଥିଲେ। ହିତାଧିକାରୀ ଜଣକ ନିର୍ଦ୍ଧାରିତ ସମୟ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିସାରିଛନ୍ତି। ବିଡିଓ ରାଧା ରଞ୍ଜନ ଦାଶ, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଏପିଓ ସୈମ୍ୟକାନ୍ତ ଦାସ, ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବ୍ଲକ ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ସ୍ନେହାଶିଷ ପାତ୍ର ପ୍ରମୁଖ ଉପସ୍ଥିତ ହୋଇ ହିତାଧିକାରୀଙ୍କୁ ଗୃହ ପ୍ରବେଶ କରାଇଥିଲେ। ନିର୍ଦ୍ଧାରିତ ସମୟରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଥିବା ଯୋଗୁ ସରକାରଙ୍କ ତରଫରୁ ଦିଆଯାଇଥିବା ୨୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପାଇବାକୁ ସେ ଯୋଗ୍ୟ ବିବେଚିତ ହୋଇଛନ୍ତି।

## କୋଟସାହି ପଞ୍ଚାୟତରେ ଭତ୍ତା ଜାଲିଆତି, ହେଉନି ତଦନ୍ତ

ଜଳେଶ୍ୱର, ୩।୯ (ସମିସ) : ଓଡ଼ିଶା ସରକାର ଅସହାୟମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଲାଗି ବିଭିନ୍ନ ବିଭାଗରେ ଭତ୍ତା ସହାୟତା ପ୍ରଦାନ କରିଥାନ୍ତି। ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ମହିଳାମାନଙ୍କ ପାଇଁ ସହାୟତା ଭତ୍ତା ଉଦ୍ଦିଷ୍ଟ ଥିବାବେଳେ ଜଳେଶ୍ୱର ବ୍ଲକ ରେ କିନ୍ତୁ ବ୍ୟତିକ୍ରମ ଅଭିଯୋଗ ହୋଇଛି। ଭୋଟର ତାଲିକାରେ ବୟସ ୬୦ ହୋଇନଥିବା ଜାଲିଆତି କରି କେତେକ ଭତ୍ତା ହାତେଇଥିବା ଯୋଗୁଁ ଗତ ୨୩/୬ ତାରିଖରେ କୋଟ ସାହି ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ପତ୍ର ଦିଆଯାଇଥିଲା। କିନ୍ତୁ ଏହାର କୌଣସି ତଦନ୍ତ ନ ହୋଇ ଦୁର୍ନୀତି ଘଟଣା ଗୁଡ଼ିକ ଲୋକଲୋଚନକୁ ଆସିପାରିଲା ନାହିଁ। ଅଭିଯୋଗ ଅନୁସାରେ କୋଟ ସାହି ଗ୍ରାମର ରେଣୁକା ନାୟକଙ୍କ ଗତ ୨୦୨୪ ମସିହା ବିଧାନ ସଭା ଭୋଟର ତାଲିକାରେ ବୟସ ୪୭ ବର୍ଷ ହୋଇଥିଲା ବେଳେ ୨୦୨୫ ମସିହା ଭୋଟର ତାଲିକାରେ ୪୮ ବର୍ଷ ବୟସ ହୋଇଥିଲେ ମଧ୍ୟ ସମସ୍ତ ସରକାରୀ ନୀତି ନିୟମକୁ ଉଲ୍ଲଙ୍ଘନ କରି ୨୦୨୫ ଜୁନରେ ୧ହଜାର ଟଙ୍କା ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି କୋଟସାହି ଗ୍ରାମର ରାଧାମଣି ନାୟକଙ୍କ ୨୦୧୯ ମସିହା ଭୋଟର ତାଲିକାରେ ୪୫ବର୍ଷ ବୟସ ଥିଲା ବେଳେ କ୍ରମାନ୍ୱୟରେ ୨୦୨୪ ମସିହାରେ ତାଙ୍କର ୫୦ ବର୍ଷ ବୟସ ହୋଇଥିଲା ବେଳେ ୨୦୨୫ ମସିହା ଭୋଟର ତାଲିକାରେ ତାଙ୍କର କିପରି ୭୦ ବର୍ଷ ବୟସ ହେଲା ସେ ସମ୍ପର୍କରେ ସବିଶେଷ ତଦନ୍ତ ଆବଶ୍ୟକ ହୋଇପଡିଛି। ସେ ତଞ୍ଚକତା କରି ନିଜର ବୟସ ୭୦ ବର୍ଷ ଦର୍ଶାଇ ୨୦୨୫ ମସିହା ଜୁନ ମାସରେ ୧ହଜାର ଟଙ୍କା ହାତେଇ ଥିବା ଜଣାପଡିଛି। ଉକ୍ତ ଗ୍ରାମର ସୀତାମଣି ନାୟକଙ୍କ ୨୦୧୯ ମସିହା ଭୋଟର ତାଲିକାରେ ୩୮ ବର୍ଷ ହୋଇଥିଲା। କ୍ରମାନ୍ୱୟରେ ୨୦୨୪ ରେ ତାଙ୍କର ବୟସ ଭୋଟର ତାଲିକାରେ ୪୩ ବର୍ଷ ବୟସ ହୋଇଥିଲା ବେଳେ ତଞ୍ଚକତା କରି ୨୦୨୫ ମସିହା ଭୋଟର ତାଲିକାରେ ୬୬ବର୍ଷ କେମିତି ହେଲା ତାହା ତଦନ୍ତ ସାପେକ୍ଷ। ପଦ୍ମାବତୀ ବେହେରା କୌଣସି ପ୍ରକାରର ଭିନ୍ନକ୍ଷମ ହୋଇ ନ ଥିବା ବେଳେ ସେ ଭିନ୍ନକ୍ଷମ ଦର୍ଶାଇ ଗତ ଜୁନ ମାସରେ ୧୨୦୦ ଟଙ୍କା ଭତ୍ତା ନେଇଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଥିଲା। ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ତଦନ୍ତର କୌଣସି ନାମ ଗନ୍ଧ ନାହିଁ। ପରନ୍ତୁ ଜାଲିଆତି ରେ ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ଦୁର୍ନୀତିରେ ଭତ୍ତା ହାତେଇଥିବା ବ୍ୟକ୍ତି ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଶୂନ ରହିଛି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷଙ୍କୁ ପଚାରିବାରୁ କମିଟି ଗଠନ କରି ତଦନ୍ତ ହେବ ବୋଲି କହିଛନ୍ତି। ଉଚ୍ଚ ସ୍ତରୀୟ ତଦନ୍ତ ଦାବିକରି ଆଇନଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବଞ୍ଚିତ ଯୋଗ୍ୟ ହିତାଧିକାରୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ୧୫୮ ଗ୍ରାମ ଗଞ୍ଜେଇ ଜବତ, ଜଣେ ଗିରଫ

ରାଜଘାଟ, ୩।୯ (ସମିସ): ବସ୍ତା ଥାନା ଅମର୍ଦ୍ଦାରୋଡ ଫାଣ୍ଡି ଅନ୍ତର୍ଗତ କୁଳିଦା ପଞ୍ଚାୟତସ୍ଥିତ ଏନ ଏଚ ୬୦ ଭେଲୁରା ପେଟ୍ରୋଲ ପମ୍ପ ନିକଟରେ ଚୋରାରେ ଗଞ୍ଜେଇ ବିକ୍ରି କରୁଥିବା ଏକ ଦୋକାନରେ ଚଢ଼ଉ କରି ୧୫୮ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିବା ବେଳେ ସଂପୃକ୍ତ ପଦିମା ଗ୍ରାମର ଗୌତମ ସିଂହ(୪୦) ନାମକ ଯୁବକଙ୍କୁ ଗିରଫ କରାଯାଇଛି। ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକ ବସ୍ତା ଅତିରିକ୍ତ ତହସିଲଦାର ପିୟୁଷ କାନ୍ତ ପ୍ରଧାନଙ୍କ ଉପସ୍ଥିତିରେ ଚଢ଼ଉ କରି ବେଆଇନ ଗଞ୍ଜେଇ ଜବତ କରାଯାଇ ଥିଲା। ପୁଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି।

**ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଅନିୟମିତତା**

# ଭତ୍ତା ତାଲିକାରେ ବୟସ ଜାଲିଆତି

ବାଲିଆପାଳ, ୩।୯ (ସମିସ)

ଦିନକୁ ଦିନ ବାଲିଆପାଳ ବ୍ଲକ ସାମାଜିକ ସୁରକ୍ଷା ବିଭାଗରେ ଦୁର୍ନୀତି ବଢ଼ିବାରେ ଲାଗିଛି । ସରକାରଙ୍କ ଉଦାସୀନତା ଯୋଗୁଁ ଏହି ବିଭାଗରେ ଦୀର୍ଘଦିନ ଧରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପଦବୀ ଖାଲି ପଡିଛି। ଯାହାର ଫାଇଦା ନେଇ ବାଲିଆପାଳ ବ୍ଲକର ସ୍ଥାନୀୟ ଯୁବକଙ୍କ କଚେ ପୁଅ ବାର। ସ୍ଥାନୀୟ ଅଞ୍ଚଳର ଯୁବକ ଯିଏକି ବାଲିଆପାଳ ବ୍ଲକର ଏହି ବିଭାଗରେ କନିଷ୍ଠ କିରାଣି ଭାବରେ ନିଯୁକ୍ତି ପାଇ ଖାଲି ପଡ଼ିଥିବା ପଦବୀ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦାୟିତ୍ୱ ତୁଲାଉଛନ୍ତି । ଯାହାଫଳରେ ଲଗାମ ଛଡା ହୋଇ ନିଜ ପକେଟକୁ ଗରମ କରିବା ଉଦେଶ୍ୟରେ ସରକାରୀ ନିୟମକୁ ଜଳାଞ୍ଜଳି ଦେଇ ଭତ୍ତା ବାଣ୍ଟୁଥିବା କର୍ମଚାରୀଙ୍କ ସହ ସାଲିସ କରି ଦୁର୍ନୀତି କରିବାରେ ବ୍ୟସ୍ତ ରହୁଥିବା ଅଭିଯୋଗ ହେଉଛି। ସାଧାରଣ ଜନତା ଅଫିସ ଗଲେ ସଠିକ ବ୍ୟବହାର ପ୍ରଦର୍ଶନ ଦେଖାଉ ନାହାଁନ୍ତି, ନକଲି ବିପିଏଲ କାର୍ଡରେ ଆଗୁଆ ଇନ୍ଦିରା ଭତ୍ତା ଦେବା, ଭତ୍ତା ଆବେଦନ ଫର୍ମରେ ବୟସ ଜାଲିଆତି କରିବା, ୨୪ ବର୍ଷର ମହିଳା, ମୃତ ବ୍ୟକ୍ତି ଏବଂ ୮୦ ବର୍ଷ ହୋଇନଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ୩୫ଶହ ଟଙ୍କାର ଭତ୍ତା ପ୍ରଦାନ କରିବା, ସ୍ଥାନୀୟ ଅଞ୍ଚଳର ସମ୍ପର୍କୀୟଙ୍କୁ ପ୍ରାଧାନ୍ୟ ଦେଇ ଭତ୍ତା ଫର୍ମକୁ ଉପରିସ୍ଥ ଅଧିକାରୀଙ୍କୁ ପଠାଇବା ଭଳି ଦୁର୍ନୀତି ଅଫିସରେ ହେଉଥିବା ନେଇ ବହୁ ହିତାଧିକାରୀ ଓ ଭତ୍ତା ଆବେଦନକାରୀ ଅଭିଯୋଗ ଆଣିଛନ୍ତି । ସରକାରୀ ଦଳର ରାଜନେତା ହୁଅନ୍ତୁ ଅବା ବିରୋଧୀ ଦଳର ରାଜନେତା ସମସ୍ତେ ଏହି ବିଭାଗରେ କାର୍ଯ୍ୟରତ ଦୁଇ କର୍ମଚାରୀଙ୍କୁ ପକେଟରେ ପୁରାଇ ନିଜ ନିଜ ସ୍ୱାର୍ଥ ସାଧନରେ ବ୍ୟସ୍ତ ରହୁଛନ୍ତି । ଯାହା ଫଳରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପଦବୀ ପୂରଣ ପାଇଁ କୌଣସି ଦଳର ରାଜନେତା ଦାବି ଉଠାଉନାହାନ୍ତି । ଯାହାର ପ୍ରଭାବ ପ୍ରକୃତ ଭିନ୍ନକ୍ଷମ, ଅସହାୟ ଓ ବିଧବା ମହିଳାଙ୍କ ଉପରେ ପଡୁଛି । ଗୋଟିଏ ପଟେ ୮୦ ବର୍ଷରୁ ଉଦ୍ଧ୍ୱର୍ୱ ବହୁ ବୟସ୍କ ବ୍ୟକ୍ତି ୩୫ଶହ ଟଙ୍କାର ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିବା ବେଳେ ଅନ୍ୟପଟେ କମ ବୟସ୍କ ବ୍ୟକ୍ତିଙ୍କୁ ଏହି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବା ଉଭୟ ଜନପ୍ରତିନିଧି ଏବଂ ବିଭାଗର କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଜଳ ଜଳ ଦେଖା ଦେଉଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି କି ଅଧିକାଂଶ ମୃତ ହିତାଧିକାରୀଙ୍କ ସମ୍ପର୍କୀୟ ହରିଶ୍ଚନ୍ଦ୍ର ଯୋଜନାରେ ସରକାରୀ ଅର୍ଥ ପାଇଥିବା ବେଳେ ସେମାନଙ୍କ ମୃତ୍ୟୁ ପରେ ତାଙ୍କ ନାମରେ ମାସ ମାସ ଧରି ଭତ୍ତା ଟଙ୍କା ଉଠାଇବା ସରକାରୀ କର୍ମଚାରୀ ଏବଂ ଜନପ୍ରତିନିଧିଙ୍କ ଦୁର୍ନୀତିକୁ ପଦାରେ ପକାଇଛି । ଗତ ମାର୍ଚ୍ଚ ମାସ ଜିଲ୍ଲାପାଳ ଅଫିସ ବାଲେଶ୍ୱରଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଏବଂ ପରେ ଏପ୍ରିଲ ମାସ ବାଲିଆପାଳ ବ୍ଲକ ପରିସରରେ ହୋଇଥିବା ଜନ ଅଭିଯୋଗ ଶିବିରରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଜିଲ୍ଲା ପ୍ରଶାସନକୁ ଭତ୍ତା ଦୁର୍ନୀତି ବିଷୟରେ ଅଭିଯୋଗ କରିଥିଲେ । ପରେ ଶ୍ରୀ ପାତ୍ର ଟୁଇଟର ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଜରିଆରେ ବାଲିଆପାଳ ବ୍ଲକ ଭତ୍ତା ଦୁର୍ନୀତି ବିଷୟରେ ପ୍ରଶାସନକୁ ପୁଣି ଅବଗତ କରାଇଥିଲେ। ଜିଲ୍ଲା ପ୍ରଶାସନଠାରେ ଅଭିଯୋଗ ପରେ ବ୍ଲକ ପ୍ରଶାସନକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତଦନ୍ତ ଅଧାରେ ଅଟକି ରହିଛି । ଅନ୍ୟ ପଟେ ବ୍ଲକରେ ଏହି ବିଭାଗରେ ଅଧିକ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ପାଇଁ ଶ୍ରୀ ପାତ୍ର ସୂଚନା ଅଧିକାର ଆଇନ ଜରିଆରେ ବିଭାଗକୁ ତଥ୍ୟ ମଗାଇ ଥିଲେ। ମାତ୍ର ଦୁର୍ନୀତି ଧରା ପଡିଯିବା ଭୟରେ ବିଭାଗୀୟ ଅଧିକାରୀ ସୂଚନା ଅଧିକାର ଆଇନକୁ ଉଲ୍ଲଙ୍ଘନ କରି ତଥ୍ୟ ଦେଉନାହାଁନ୍ତି । ଶ୍ରୀ ପାତ୍ର ଜିଲ୍ଲା ପ୍ରଶାସନ ନିକଟରେ ଭତ୍ତା ଦୁର୍ନୀତି ସମ୍ପର୍କରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନହେବା ହେତୁ ବର୍ତ୍ତମାନ ସେ ଏହି ଦୁର୍ନୀତି ବିଷୟରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଏହି ବିଭାଗର ସଚିବ ଓ କମିଶନରଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପୁଣି ଅଭିଯୋଗ କରିଛନ୍ତି । ଦୁର୍ନୀତିରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଏବଂ ମୃତ ହିତାଧିକାରୀଙ୍କ ନାମରେ ଯାଇଥିବା ସରକାରୀ ଅର୍ଥ ରାଜକୋଷକୁ ନ ଫେରିଲେ ଶ୍ରୀ ପାତ୍ର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଗଣମାଧ୍ୟମକୁ କହିଛନ୍ତି।

**ଦେଉନାହାଁନ୍ତି ଆର୍‌ଟିଆଇରେ ତଥ୍ୟ**



# ଲଗାଣ ବର୍ଷାରେ ବୁଡ଼ିଲା ରାସ୍ତାଘାଟ



ବାଲେଶ୍ୱର,୩।୯(ସମିସ)

ବାଲେଶ୍ୱରରେ ଗତ ଚାରିଦିନ ହେବ ଲାଗି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା। ଗତ ସୋମବାର ରାତିରେ ବାଲେଶ୍ୱରରେ ପ୍ରବଳ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ବାଲେଶ୍ୱର ସହର ସମେତ ରେମୁଣା ଗୋଲେଇ ଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଯାହାକି ନୂଆସାହି ବାଲିଆ ରାସ୍ତାରେ ପାଣିର ସୁଅ ଚାଲୁଥିବା ବେଳେ ଆଜି ମଧ୍ୟ ଏହି ଲଗାଣ ବର୍ଷାରେ ରାସ୍ତାରେ ଲହଡି ଭାଙ୍ଗୁଛି। ଏହି ରାସ୍ତାରେ ୪ଫୁଟରୁ ଅଧିକ ପାଣି ଚାଲୁଥିବାବେଳେ ଏହି ପାଣି ଲୋକମାନଙ୍କ ଘରେ ମଧ୍ୟ ପ୍ରବେଶ କରିଛି। ଏହାଛଡା ଗତକାଲି ଲୋକମାନଙ୍କ ଘରେ ପଶିଥିବା ପାଣି ବର୍ତ୍ତମାନ ପର୍ଯ୍ୟନ୍ତ ଛାଡି ନଥିବା ବେଳେ ଆଜି ସେଇ ନୂଆସାହିଠାରେ ଥିବା ସବ୍‌ପୋଷ୍ଟ ଅଫିସ କାର୍ଯ୍ୟାଳୟରେ ପାଣି ପସିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୋଷ୍ଟାଲ କର୍ମଚାରୀମାନେ ଓଦାଟଙ୍କା ଦେଇ ଗ୍ରାହକଙ୍କୁ ଘରେ ଆଇରନ ମାରି ଶୁଖାଇ ଦେବାକୁ କହିଛନ୍ତି।

ଆଜି ସହରରେ ୩୫ମିମି ବର୍ଷାର ପରିମାଣ ରେକର୍ଡ କରାଯାଇଛି। ଗତକାଲି ବର୍ଷା ଫଳରେ ଲୋକମାନଙ୍କ ଘରେ ଯେଉଁ ପାଣି ପଶିଥିଲା ତାହା ଛାଡି ନଥିବା ବେଳେ ଆଜିର ବର୍ଷାରେ ମଧ୍ୟ ଲୋକମାନଙ୍କ ଘରେ ପାଣି ପଶିଯାଇଛି। ଏହାଛଡା ସହରର ପଡୁଆଁପଦା, କଂଗ୍ରେସ ଗଳି, ଭାସ୍କରଗଞ୍ଜ, ମୋତିଗଞ୍ଜଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଏହି ବର୍ଷା ପାଣି ଏବେ ଲୋକମାନଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଅନ୍ୟପଟେ ଦେଖିବାକୁ ଗଲେ ନୂଆସାହି ଠାରେ ଥିବା ପୋଷ୍ଟ ଅଫିସାରେ ପାଣି ପସିଯାଇଥିବା ବେଳେ କାର୍ଯ୍ୟାଳୟ ମଧ୍ୟରେ ମାଛ ଖେଳୁଥିବା ଦେଖିବାକୁ ମିଳିଛି। ଏହାଛଡା ପୋଷ୍ଟ ଅଫିସର ଷ୍ଟ୍ରଙ୍ଗରୁମରେ ମଧ୍ୟ ପାଣିଯାଇଛି। ଯାହାଫଳରେ ସେଠାରେ ଥିବା ଏକ ଲକ୍ଷରୁ ଅଧିକ ଟଙ୍କା ପାଣିରେ ଓଦା ହୋଇଯାଇଛି। ବିଶେଷ କରି ଆଜି ଟଙ୍କା ନେବା ପାଇଁ ଆସିଥିବା ଗ୍ରହକମାନେ ସେଇ ଓଦା ଟଙ୍କା ନେଇ ଘରକୁ ଫେରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପୋଷ୍ଟ କର୍ମଚାରୀ ସେଇ ଓଦା ଟଙ୍କାକୁ ଘରକୁ ନେଇ ଆଇରନମାରି ଶୁଖାଇଦେବାକୁ କହିଥିବା ଜଣାଯାଇଛି। ଏ ନେଇ ସବ ପୋଷ୍ଟମାଷ୍ଟର ଅଜୟ ନାରାୟଣ ଦାସ କହିଛନ୍ତି ଯେ, ଆଜି ଏହି ପ୍ରବଳ ବର୍ଷାରେ ପୋଷ୍ଟ ଅଫିସ ମଧ୍ୟକୁ ପାଣି ପସିଯାଇଥିଲା। ଏପରିକି ପୋଷ୍ଟ ଅଫିସରେ ଟଙ୍କା ମଧ୍ୟ ରହିଥିଲା। ଆଜି ଜଣେ ଗ୍ରାହକ ଏକ ଲକ୍ଷ ଟଙ୍କା ନେବାର ଥିଲା। ଏପରିକି ସେଇଛନ୍ତି ହେଲେ ସେଇ ଟଙ୍କା ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। ଏହାଛଡା ଅଫିସ ଟଙ୍କା ଭାବେ ୮ ହଜାର ଟଙ୍କା ରହିଥିଲା ତାହା ମଧ୍ୟ ସମ୍ପୂର୍ଣ୍ଣ ଭାବେ ଓଦା ହୋଇଯାଇଛି। ଏହାଛଡା ଆଇରନ ଲକର ମଧ୍ୟ ପାଣିରେ ଭାସୁଛି ବୋଲି କହିଛନ୍ତି। ଏବେବ୍ୟତିତ ବର୍ତ୍ତମାନ ପର୍ଯ୍ୟନ୍ତ ସେଇ ଟଙ୍କା ଗୁଡିକ ଟେବୁଲ ଫ୍ୟାନ ଦେଇ ଶୁଖାଇବାରେ ଲାଗିଛନ୍ତି। ଏପରିକି କମ୍ପ୍ୟୁଟର ପାଣିରେ ବୁଡିଯିବା ଫଳରେ କୌଣସି ଅଫିସ କାର୍ଯ୍ୟ ହୋଇପାରି ନାହିଁ ବୋଲି କହିଛନ୍ତି। ଏ ନେଇ ଆସିଷ୍ଟାଣ୍ଟ ସୁପରିଟେଣ୍ଡେଣ୍ଟ ରମେଶ ଚନ୍ଦ୍ର ସାହୁ କହିଛନ୍ତି ଯେ, ପୋଷ୍ଟ ଅଫିସ ମଧ୍ୟରେ ପାଖାପାଖି ଦୁଇଫୁଟରୁ ଅଧିକ ପାଣି ପସିଯାଇଛି। ଯାହାଦ୍ୱାରା ବହୁ କାଗଜପତ୍ର ଓଦା ହୋଇଥିବା ବେଳେ କ୍ଷୟକ୍ଷତିର ଆକଳନ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ କରାଯାଇ ନାହିଁ। ଏହାଛଡା ବିଦ୍ୟୁତ ନଥିବା ବେଳେ ଫାଇଲ ଗୁଡିକ ଶୁଖାଯାଇ ପାରିନଥିଲା। ଫଳରେ କୋଣସି କାର୍ଯ୍ୟ ହୋଇପାର ନାହିଁ। ଏଠାରେ ପାଣି ନିଷ୍କାସନର କୌଣସି ସୁବିଧା ନଥିବା ହେତୁ ଏଭଳି ସମସ୍ୟା ଦେଖାଯାଉଛି।

**● ପୋଷ୍ଟଅଫିସରେ ପଶିଲା ପାଣି**

**● ଓଦା ହୋଇଗଲା ଲକ୍ଷେ ଟଙ୍କା**







## ପିଏମ୍‌ଜି ଓ ପ୍ରଗତି ଅଧୀନ ପ୍ରକଳ୍ପର ସମୀକ୍ଷା ବୈଠକ



ବାଲେଶ୍ୱର,୩।୯ (ସମିସ): ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଜି ପିଏମଜି ଓ ପ୍ରଗତି ଅଧୀନରେ ଚାଲୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ପ୍ରଗତି ପରିସ୍ଥିତି ସମୀକ୍ଷା କରିବା ସହିତ ସମସ୍ତ ପ୍ରତିବନ୍ଧକ ଗୁଡ଼ିକୁ ନିରାକରଣ କରିବା ପାଇଁ ଏକ ବୈଠକ ଆୟୋଜିତ ହୋଇଛି। ସଭାରେ ବିଧିସମ୍ମତ ଓ ପ୍ରଶାସନିକ ଅନୁମୋଦନ, ଜମି ଅଧିଗ୍ରହଣ, ପୁନର୍ବାସ ଓ ପୁନର୍ସ୍ଥାପନ, ଅନ, ରାଇଟ୍ ଅଫ୍ ୱେ ଏବଂ ଜଙ୍ଗଲ ବିଭାଗୀୟ ଅନୁମତି ସହିତ ସମ୍ବନ୍ଧିତ ସମସ୍ୟାଗୁଡ଼ିକୁ ବିସ୍ତାରିତ ଭାବେ ଆଲୋଚନା କରାଯାଇଛି। ଏହା ସହିତ ଯଥା ସ୍ଥଳେ ତହସିଲଦାର ଏବଂ ଉପ ଜିଲ୍ଲାପାଳଙ୍କର ଆବଶ୍ୟକ ସେ କାର୍ଯ୍ୟ ସମ୍ପାଦନାରେ ସହାୟକ ହେବାପାଇଁ ନିର୍ଦ୍ଦେଶ ଥିଲା। ଉଭୟ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ଓ ରେଭେନ୍ୟୁ), ସଦର ସବ୍-କଲେକ୍ଟର, ଜିଲ୍ଲା ବିକାଶ ଅଧିକାରୀ, ଜିଲ୍ଲା ରାଜସ୍ୱ ଅଧିକାରୀ ଓ ସମ୍ବନ୍ଧିତ ବିଭାଗର ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ। ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ଏହି ସମୀକ୍ଷା ବୈଠକ ପ୍ରତ୍ୟେକ ମାସ ୭ ତାରିଖ ଭିତରେ ଆୟୋଜିତ ହେବ ବୋଲି କୁହାଯାଇଛି।

## ବନ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଶିବିର



ବାଲେଶ୍ୱର,୩।୯ (ସମିସ): ବନ୍ୟଜୀବ ବିଭାଗର ୩୦ ଜଣ ଅଗ୍ରସାରୀ ବନ କର୍ମଚାରୀଙ୍କୁ ନେଇ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାକୁ ବିକାଶ ସାଥୀ, ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଓ ଅନ୍ୟ ସଂଗଠନଙ୍କ ସହଯୋଗରେ ବାଲେଶ୍ୱର ବନ୍ୟଜୀବ ବିଭାଗ କନଫରେନ୍ସ ହଲ୍‌ରେ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ବିଭାଗୀୟ ବନାଧିକାରୀ ପ୍ରଫୁଲ୍ଲ ମଲ୍ଲିକ, କେ.କେ.ଏସ. ମହିଳା ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଜ୍ୟୋତିର୍ମୟୀ ପ୍ରଧାନ, ବିକାଶ ସାଥୀ ସମ୍ପାଦକ ଡ. ବିଶ୍ୱଜୀତ ପଣ୍ଡା ଓ ଦିଗନ୍ତ ସୋଭନ୍ ଚାନ୍ଦ ସମ୍ପର୍କିତ ବିଷୟରେ ସମ୍ବୋଧନ କରିଥିଲେ। ଶ୍ରୀ ମଲ୍ଲିକ କୋଷ୍ଟାଲ୍ ବେଲ୍ଟରେ ନୀଳରକ୍ତ କଙ୍କଡ଼ାର ଉପସ୍ଥିତି, ମନିଟରିଂ ଓ ପ୍ୟାଟ୍ରୋଲିଂର ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ଡ. ପ୍ରଧାନ ନୀଳରକ୍ତ କଙ୍କଡ଼ାର ଜୀବବିଜ୍ଞାନ, ସୁରକ୍ଷା ସମସ୍ୟା ଓ ସମସ୍ୟାବଳୀ ବିଷୟରେ ଉପସ୍ଥାପନା କରିଥିଲେ। ପୂର୍ବତନ ଏନଆଇଓ, ଗୋଆର ବୈଜ୍ଞାନିକ ଡା. ଅନିଲ ଚାଟାର୍ଜୀ ଭର୍ଚୁଆଲ୍ ଭାବେ ଯୋଗଦେଇ ନୀଳରକ୍ତ କଙ୍କଡ଼ାର ବିଭିନ୍ନ ଗବେଷଣା ତଥ୍ୟ ଓ ସୁରକ୍ଷା ସମସ୍ୟା ବିଷୟରେ ଉପସ୍ଥାପନା କରିଥିଲେ। ସାଗରଦୀପ ଦଳାଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଖାଲ ପାଳିଆ ଅନୁରାଗ ବେହେରା, ଦେବାଶିଷ ମହାନ୍ତି, ସସ୍ମିତା ଶିଆଳ, ପ୍ରତ୍ୟାସ୍ମିତା ପ୍ରଧାନ, ଜ୍ୟୋତ୍ସ୍ନା ଦତ୍ତ ଓ ସାଗରିକା ସିଂ ସହଯୋଗ କରିଥିଲେ।

## ଚତୁର୍ଥ ପର୍ଯ୍ୟାୟ ସନ୍ତରଣ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୩।୯ (ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ସ୍ଥାନୀୟ ପଦ୍ମାବତୀ ଜଳ ଉଦ୍ୟାନ ସଭାଗୃହଠାରେ ଯୁବପିଢ଼ୀଙ୍କ ପାଇଁ ସନ୍ତରଣ ଓ ପାଣିରେ ବୁଡ଼ି ବଞ୍ଚିବାର ମୌଳିକ କୌଶଳ ସମ୍ବନ୍ଧୀୟ ଏକ ସନ୍ତରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣ ଚନ୍ଦ୍ର ଜେନା, ଜିଲ୍ଲା କ୍ରୀଡା ଅଧିକାରୀ, ବାଲେଶ୍ୱର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜରୁରୀ କାଳୀନ ଅଧିକାରୀ, ବାଲେଶ୍ୱର, ସାଇ କୃଷ୍ଣ ଜେନା, ଓଡ୍ରାଫ୍ ଅଧିକାରୀ ସୁଶାନ୍ତ କୁମାର ପାତ୍ର ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ବାଲେଶ୍ୱର ମଞ୍ଚାସୀନ ଥିଲେ। ଚତୁର୍ଥ ପର୍ଯ୍ୟାୟ ୩ରୁ ୮ ତାରିଖ ପର୍ଯ୍ୟନ୍ତ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡ୍ରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ୧୦ ଦଳ ମୋଟ ୩୦୦ ଜଣ ଅଂଶ ଗ୍ରହଣକାରୀଙ୍କୁ ସ୍ଥାନୀୟ ବାଲେଶ୍ୱର ଓଡ୍ରାଫ୍ ଟିମ୍ ପ୍ରଶିକ୍ଷଣ ଦେବେ। ବାଲେଶ୍ୱରରୁ ୨୦ ଜଣିଆ ଓଡ୍ରାଫ୍ ଟିମ୍ ଜିଲ୍ଲାରେ ଏହି ପ୍ରଶିକ୍ଷଣ ନିମନ୍ତେ ଯୋଗ ଦେଇଛନ୍ତି। ଜରୁରୀ କାଳୀନ ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅବନୀ କାନ୍ତ ଭୂୟାଁ ଓ ନେହ୍ରୁ ଯୁବ କେନ୍ଦ୍ରର ସଂଯୋଜକ ବିକ୍ରମ ବାରିକ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନର ଦିୱାଲୀ ମେଳା



ବାଲେଶ୍ୱର, ୩।୯(ସମିସ): ଅଖିଳ ଭାରତୀୟ ମାରୱାଡ଼ି ମହିଳା ସମ୍ମେଳନ, ବାଲେଶ୍ୱର ଶାଖା ପକ୍ଷରୁ ଦିୱାଲୀ ମେଳା ସହରର ମୋତିଗଞ୍ଜ ସ୍ଥିତ ରାଜସ୍ଥାନ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ଡାକ୍ତର ଗୀତା ଅଗ୍ରୱାଲ ଓ ଡାକ୍ତର ଜୁହି ଖଣ୍ଡେଲୱାଲ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଏହି ମେଳାକୁ ଉଦ୍‌ଘାଟନ କରିଥିଲେ। ମହିଳାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ଏହି ମେଳା ବେଶ୍ ସହାୟକ ହୋଇପାରିଛି ବୋଲି ବରିଷ୍ଠ ସଦସ୍ୟା ରଚନା ମୋର ପ୍ରକାଶ କରିଥିଲେ। ବିଶେଷ କରି ଗ୍ରାମାଂଚଳରେ ମହିଳାମାନଙ୍କ ଦ୍ୱାରା ତିଆରି ହେଉଥିବା ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ସହରର ମେଳା ମାଧ୍ୟମରେ ଅତି ସହଜରେ ମିଳିପାରୁଛି ବୋଲି ସେ କହିଥିଲେ। ମାରୱାଡ଼ି ମହିଳା ସମିତିର ସଭାନେତ୍ରୀ ମନିଷା ମୋଦିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଆୟୋଜିତ ହୋଇଥିଲା। ଶ୍ରାବଣ ମେଳା ଭଳି ଦୀପାବଳିରେ ମଧ୍ୟ ସଂଗଠନ ପକ୍ଷରୁ ଏହି ମେଳା ଆୟୋଜନ କରାଯାଇଥିବା ସଭାନେତ୍ରୀ ଶ୍ରୀମତୀ ମୋଦି କହିଥିଲେ। ନାରୀ ସଂଘ ଅନ୍ତେବାସୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ସହିତ ବାଲେଶ୍ୱର, କଟକ, ଭୁବନେଶ୍ୱର ଓ ବାରିପଦା ପ୍ରଭୃତି ଅଞ୍ଚଳରୁ ଏଥିରେ ସଂଖ୍ୟାଧିକ ଷ୍ଟଲ ସ୍ଥାନୀତ ହୋଇଥିବା ସମ୍ପାଦିକା ଶ୍ରୀମତୀ ମୋଦି କହିଥିଲେ। ଲଡୁ ଗୋପାଳଙ୍କ ପାଇଁ ପ୍ରସାଦ, ହାତ ତିଆରି ଠାକୁରଙ୍କ ପୋଷାକ, ମାଟିଦୀପ, ଡ୍ରେସ ମେଟେରିଆଲ, ବିଛଣା ସଜ, ବେଡସିଟ୍, ଜୁଏଲାରୀ ପ୍ରଭୃତି ଏଥିରେ ବିକ୍ରି ହୋଇଥିଲା। ମାତ୍ର ଗୋଟିଏ ଦିନ ପାଇଁ ଏହି ମେଳା ବସିଥିଲେ ବି ଜିନିଷପତ୍ର କିଣିବାକୁ ବହୁ ମହିଳା ଏକତ୍ରିତ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଉପସଭାନେତ୍ରୀ ଶାଳିନୀ ଖଣ୍ଡେଲୱାଲ, ସମ୍ପାଦିକା କବିତା ବାହେତି, ସହ ସମ୍ପାଦିକା ପୂଜା ଖଣ୍ଡେଲୱାଲ, ମଞ୍ଜୁ ଭରତିଆ, ସୁଧା ଅଗ୍ରୱାଲ, ଗୀତା ସୋମାନୀ, ସ୍ୱପ୍ନା ସୋମାନୀ ନ୍ୟାରା ବାଜୋରିଆ ପ୍ରମୁଖ ସମେତ ମହିଳା ସମିତିର ସମସ୍ତ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫକୀରମୋହନ ମେଡିକାଲ୍ କଲେଜରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସ

ବାଲେଶ୍ୱର,୩।୯(ସମିସ): ଫକୀରମୋହନ ମେଡିକାଲ କଲେଜରେ ଗତ ୨୦୧୮ ସେପ୍ଟେମ୍ବର ୩ରେ ଡାକ୍ତରୀ ଶିକ୍ଷାରମ୍ଭ ଦିବସକୁ ସ୍ମରଣୀୟ କରିବା ପାଇଁ ସରକାରୀ ମେଡିକାଲ କଲେଜ, ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପ୍ରତିବର୍ଷ ଏହି ଉତ୍ସବ ପାଳନ ହୋଇଆସୁଛି। ଚଳିତବର୍ଷ ଆରମ୍ଭ ହୋଇଥିଲା। ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, ଉପସଭାପତି ନିରଞ୍ଜନ ରାଉତ, ରେମୁଣା କମିଟିର ସଭାପତି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସଂପାଦକ ତରୁଣ ଦାସଙ୍କ ସମେତ ଗୌରାଙ୍ଗ ପାଣିଗ୍ରାହୀ, ବିଧାନଚନ୍ଦ୍ର ରାୟ, ସରସ୍ୱତୀ ପଣ୍ଡା, ପ୍ରଭାକର



ପ୍ରତିକୂଳ ପାଗ ସତ୍ତ୍ୱେ ଜିଲ୍ଲା କମିଟିର କର୍ମକର୍ତ୍ତା ଓ ରେମୁଣା ଶାଖା କମିଟି ପକ୍ଷରୁ ନିରାଡମ୍ବର ଭାବେ ଏହି ଉତ୍ସବ ମେଡିକାଲ କଲେଜ ଫାଟକ ନିକଟରେ ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରେମୁଣା ବ୍ଲକ, ସଭାପତି ରାଜେନ୍ଦ୍ର ରାଉତ ଓ ବାଲେଶ୍ୱର ରୋଟାରୀ କ୍ଲବ୍ ସଭାପତି ଦେବାଶିଷ ଦାସ ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭାକାର୍ଯ୍ୟ ବେହେରା, ରମେଶ ଚନ୍ଦ୍ର ଜେନା, ପ୍ରଫୁଲ୍ଲ ଦାସ, ଶ୍ୟାମସୁନ୍ଦର ଜେନା, ପ୍ରେମରଞ୍ଜନ ପାତ୍ର, ଦୁଷ୍ମନ୍ତ ଦାସ, ନିରଞ୍ଜନ ବେହେରା, ଜଗଦାନନ୍ଦ ବିଶ୍ୱାଳ, ମିନତୀ ପ୍ରଧାନ ଓ ଚୈତନ ପଢ଼ିଆରୀ ପ୍ରମୁଖ ବାଲେଶ୍ୱରରେ ସରକାରୀ ମେଡିକାଲ୍ କଲେଜ ପ୍ରତିଷ୍ଠା ଦିଗରେ ବାଲେଶ୍ୱରବାସୀଙ୍କର ଗୌରବମୟ ସଂଗ୍ରାମର ସ୍ମୃତିଚାରଣ କରିଥିଲେ। ଶେଷରେ ପ୍ରମିତା ଦାସ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଯୁବକ ସଂଘ ପକ୍ଷରୁ ବୃକ୍ଷରୋପଣ

ଖଇରା,୩।୯ (ସମିସ): ଖଇରା ବ୍ଲକ ନନ୍ଦୁର ଗ୍ରାମ ପଞ୍ଚାୟତ ଅଧୀନ ବ୍ରହ୍ମଚାରୀ ଗ୍ରାମର ସଦ୍ଦେଧଶ୍ୱରୀ ପଶ୍ଚିମା ଯୁବକ ସଂଘ ଆନୁକୂଲ୍ୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସଂଘର ସଦସ୍ୟ ମାନେ ବ୍ରହ୍ମଚାରୀ ପଡିଆ ସହିତ ଗଣ୍ଡିବେଡ-କୁରୁଣ୍ଟା ଓ ମାଟିଆଳପଦା-ବ୍ରହ୍ମଚାରୀ ରାସ୍ତା କଡରେ ୪ଶହରୁ ଉର୍ଦ୍ଧ ବିଭିନ୍ନ କିସମର ଗଛ ଲଗାଇଥିଲେ। ସଂଘର ସଭାପତି ମନୋରଞ୍ଜନ ମହାନ୍ତି, ସମ୍ପାଦକ ଲମ୍ବୋଦର ସାମଲ, କୋଷାଧ୍ୟକ୍ଷ ସୁଧାଂଶୁ ସାମଲ, ଉପଦେଷ୍ଟା କମଳାକାନ୍ତ ବେହେରା ତଥା ସଭ୍ୟ ଚିତ୍ତରଞ୍ଜନ ସାମଲ, କୈଳାଶ ମହାନ୍ତି, ସନ୍ଦୀପ ସାମଲ, ରାଜୁ ସାମଲ, ସୁରେଶ ପୃଷ୍ଟି, ଚିତ୍ତରଞ୍ଜନ ମହାନ୍ତି, ହରିଆ ନାୟକ, ତପନ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଥିଲେ।

## ତାଳସାରୀ ବେଳାଭୂମିରୁ ଯୁବକର ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୩।୯ (ସମିସ): ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗର ଦୀଘା ସମୁଦ୍ର ବେଳାଭୂମିରେ ୫ ଜଣ ସାଙ୍ଗଙ୍କ ସହିତ ଗାଧୋଉଥିଲା ବେଳେ ଭାସିଯାଇ ନିଖୋଜ ଥିବା ଜଣେ ବଙ୍ଗୀୟ ଯୁବକର ମୃତଦେହ ବୁଧବାର ସକାଳେ ତାଳସାରୀ ବେଳାଭୂମିରୁ ଉଦ୍ଧାର କରାଯାଇଛି । ଗତ ରବିବାର ଦିନ ପଶ୍ଚିମବଙ୍ଗର ଉତ୍ତର ଚବିଶପ୍ରଗଣା ଜିଲ୍ଲାର ନୟାହାଟି ଗ୍ରାମର ମନୁ ତାନ୍ତି (୨୭) ଙ୍କ ସମେତ ଅନ୍ୟ ଚାରି ଜଣ ସାଙ୍ଗ ଗାଧୋଉଥିବା ବେଳେ ମନୁ ସମୁଦ୍ରରେ ଭାସିଯାଇ ନିଖୋଜ ଥିଲେ। ବୁଧବାର ସକାଳେ ତାଳସାରୀ ସାମୁଦ୍ରିକ ଥାନା ତରଫରୁ ଖବରପାଇ ତାଳସାରୀ ସମୁଦ୍ରରୁ ମୃତ ମନୁର ମୃତ ଦେହକୁ ଉଦ୍ଧାର କରି ଶବ ବ୍ୟବଛେଦ ପାଇଁ ପଠାଯାଇଛି। ଏ ବିଷୟରେ ମୃତ ମନୁ ତାନ୍ତିର କକା ମୁକେଶ ତାନ୍ତି ତାଳସାରୀ ସାମୁଦ୍ରିକ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ତାଳସାରୀ ସାମୁଦ୍ରିକ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ବିଷୟରେ ତାଳସାରୀ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି।

**ମୋହରିର ସଂଘର ଆନ୍ଦୋଳନ ସ୍ଥଗିତ**


## ଆଜିଠୁ ସ୍ୱାଭାବିକ ହେବ ଜମିଜମା ପଞ୍ଜୀକରଣ କାର୍ଯ୍ୟ

**ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ**

ବାଲେଶ୍ୱର,୩।୯ (ସମିସ)

ଜିଲ୍ଲା ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖୀ କାର୍ଯ୍ୟଧାରା ବିରୋଧରେ ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୩ ଦିନ ଚାଲିବା ପରେ ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ ପରେ ସ୍ଥଗିତ ହୋଇଛି। ଏ ନେଇ ସଂଘର କର୍ମକର୍ତ୍ତାମାନେ ସୂଚନା ଦେବା ସହ ଆନ୍ଦୋଳନ ସ୍ଥଳରୁ ଉଠିଯାଇଛନ୍ତି। ଗୁରୁବାରଠାରୁ ଜିଲ୍ଲାରେ ଜମିଜମା ପଞ୍ଜୀକରଣ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିବ ବୋଲି ସେମାନେ କହିଛନ୍ତି। ମୋହରିରଙ୍କ ଅନୁସାରେ ବିନା କୌଣସି ସରକାରୀ ନିର୍ଦ୍ଦେଶରେ ଜିଲା ସବରେଜିଷ୍ଟ୍ରାର ଜଣେ ଖତିଆନଧାରୀଙ୍କ ମୃତ୍ୟୁ ପରେ ରେଭେନ୍ୟୁ ଅଫିସରଙ୍କ ଠାରୁ ମିଳିଥିବା ଉତ୍ତରାଧିକାରୀ ପ୍ରମାଣପତ୍ରକୁ ୫ ବର୍ଷ ପରେ ଗ୍ରହଣ ନକରିବା, ରେଜିଷ୍ଟ୍ରେସନ ଆଇନ ଅନୁସାରେ ଜରୁରିକାଳୀନ ସ୍ଥିତିର ଡୋର ଭିଜିଟ ରେଜିଷ୍ଟ୍ରେସନ ନ କରିବା, ୨/୩ ବର୍ଷ ତଳର ଜାତି ପ୍ରମାଣପତ୍ରକୁ ଗ୍ରହଣ ନ କରିବା, ସରକାରୀ ନିୟମ ଥାଇ ମଧ୍ୟ ଚକବନ୍ଦୀର ଅଂଶିକ ଜମି ବିକ୍ରି ପଞ୍ଜୀକରଣ ନ କରିବା, ଗ୍ରାମାଂଚଳ ଚାଷଜମି ଖର୍ଦ୍ଦବିକ୍ରି କୌଣସି ସରକାରୀ ଅଙ୍କୁଶ ନଥିବାବେଳେ ୧୨ ଡେସିମିଲରୁ ଅଧିକ ଜମି ବିକ୍ରି ବନ୍ଦ କରିବା, ଅଧିକାଂଶ ପ୍ଲଟର ଅଂଶିକ ଜମି ବିକ୍ରି ରେଜିଷ୍ଟ୍ରେସନ କରା ନଯିବା ପ୍ରଭୃତି ଅମୂଳକ କାର୍ଯ୍ୟଧାରା ବିରୋଧରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ସମୟରେ କୌଣସି ପ୍ରକାର ଜମିଜମା ପଞ୍ଜିକରଣ ବନ୍ଦ ଥିବାରୁ ସାଧାରଣ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବା ସହ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହୋଇଥିଲା। ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏ ବାବଦରେ ବାରମ୍ବାର ଅବଗତ କରାଯିବା ପରେ ମଧ୍ୟ କିଛି ପଦକ୍ଷେପ ନିଆ ନଯିବାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୩ ଦିନ ଧରି ଜାରି ରହିଥିଲା। ଏହାକୁ ନେଇ ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ମାମଲାର ପ୍ରାଥମିକ ବିଚାରରେ କୌଣସି ପଞ୍ଜିକରଣ ପାଇଁ ମନା କରିବାର କାରଣ ଲିଖିତ ଭାବେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଏହାର ପୂର୍ଣ୍ଣାଙ୍ଗ ବିଚାର ପାଇଁ ଆସନ୍ତା ୨୫ ତାରିଖକୁ ଦିନ ଧାର୍ଯ୍ୟ କରିଥିବା ସଂଘର କର୍ମକର୍ତାମାନେ କହିଛନ୍ତି। ଏହା ସହିତ ସୂଚନା ଅଧିକାର ଆଇନ ବଳରେ ହୋଇଥିବା ପ୍ରଶ୍ନରେ ଜିଲ୍ଲା ସବରେଜିଷ୍ଟ୍ରାରଙ୍କ ପଞ୍ଜିକରଣ ଗ୍ରହଣ ନ କରିବାକୁ ନେଇ କୌଣସି ସରକାରୀ ନିର୍ଦ୍ଦେଶ ନଥିବା ଦର୍ଶାଇଛନ୍ତି। ଏଥିରେ ଅଂଶିକ ନ୍ୟାୟ ମିଳିଥିବାରୁ ଆନ୍ଦୋଳନକୁ ସାମୟିକ ସ୍ଥଗିତ କରାଯାଇଥିବା ସଂଘର କର୍ମକର୍ତାମାନେ ପ୍ରକାଶ କରିଚନ୍ତି। ଗୁରୁବାର ଠାରୁ ସମଗ୍ର ଜିଲ୍ଲାରେ ସ୍ୱାଭାବିକ ଭାବେ ଜମିଜମା ପଞ୍ଜୀକରଣ କାର୍ଯ୍ୟ ଚାଲିବ ବୋଲି ସେମାନେ ସୂଚନା ଦେଇଛନ୍ତି।





ସଫଳତାର ତିନି ମନ୍ତ୍ର ହେଉଛି - ସ୍ଥିରତା, ଧୈର୍ଯ୍ୟ ଓ ଦୃଢ଼ତା।
-ବିବେକାନନ୍ଦ



ସକାଳ
THE SAKALA

## ବ୍ୟବସ୍ଥା ବିରୋଧରେ ବିଦ୍ରୋହ

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାର ଜନସମୁଦାୟ ନିକଟରେ ଉତ୍ତରଦାୟୀ। ଏକ୍ଷେତ୍ରରେ ମାତ୍ରାଧିକ ବ୍ୟତିକ୍ରମ ବେଳେ ବେଳେ ବିଦ୍ରୋହର ପଥ ପରିଷ୍କାର କରିଥାଏ। ଶାତନତନ୍ତ୍ରକୁ ମତାଧିକାର ମାଧ୍ୟମରେ ହଟାଇବାର ସୁଯୋଗ ଜନତାଙ୍କ ପାଖରେ ଥିଲେ ମଧ୍ୟ ପ୍ରତାରଣାର ସୀମା ଲଂଘନ ହେଲେ ଜନତାଙ୍କ ଧୈର୍ଯ୍ୟଚ୍ୟୁତି ଘଟେ ଏବଂ ସମୟକୁ ଅପେକ୍ଷା ନ କରି ଶାସନ-ବିରୋଧୀ ବିସ୍ଫୋରକ ସ୍ଥିତି ଜନ୍ମ ନିଏ, ଯାହା ଏବେ ବିଶ୍ୱର ତୃତୀୟ ବୃହତ୍ ଗଣତନ୍ତ୍ର ଇଣ୍ଡୋନେସିଆରେ ଘଟିଛି। କ୍ଷମତା କେନ୍ଦ୍ର ଯେମିତି ଚାହେଁ ଅତୁଟ ଓ ଅପରିବର୍ତ୍ତିତ ଶାସନ ବ୍ୟବସ୍ଥା, ଜନସମୂହ ମଧ୍ୟ ସେମିତି ଚାହାନ୍ତି ପ୍ରତାରଣା ଓ ପ୍ରବଞ୍ଚନା ମୁକ୍ତ ସୁଶାସନ। ଏହି ପୃଷ୍ଠଭୂମିରେ ଇଣ୍ଡୋନେସିଆରେ କ୍ଷମତା ବିରୋଧୀ ଆନ୍ଦୋଳନ ଯେଉଁ ରୂପ ନେଇଛି, ସେଥିରେ ୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି ଏବଂ ୩୧୯୫ଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ ଓ ଶ୍ରମିକ ସଂଗଠନ ସହ ସଂଶ୍ଳିଷ୍ଟ କର୍ମୀ। ଏମାନଙ୍କୁ ଦେଶଦ୍ରୋହୀ ଓ ଆତଙ୍କବାଦୀ ଘୋଷଣା କରାଯାଇଛି। ଆନ୍ଦୋଳନକାରୀ ଜଣେ ସାଂସଦଙ୍କ ଗୃହଦାହ କରିବା ସହ ଅର୍ଥମନ୍ତ୍ରୀ ମୂଲ୍ୟାନୀ ଇନ୍ଦ୍ରାବତୀଙ୍କ ବାସଗୃହ ଲୁଟପାଟ କରିଛନ୍ତି। ସାଂସଦଙ୍କ ମାସିକ ଭତ୍ତା ୩୦୦୦ ଡଲାର ବୃଦ୍ଧି ନିଷ୍ପତ୍ତିକୁ କେନ୍ଦ୍ର କରି ଏହି ବିଦ୍ରୋହର ସୂତ୍ରପାତ ହୋଇଥିଲା, ଯାହା ଜାକର୍ତ୍ତାର ସର୍ବନିମ୍ନ ବେତନଠାରୁ ୧୦ ଗୁଣ ଅଧିକ। ପୁଲିସ ଓ ସାମରିକ ବାହିନୀର କଠୋର ଦମନମୂଳକ କାର୍ଯ୍ୟାନୁଷ୍ଠାନରେ ହିଂସା ପ୍ରଶମିତ ହୋଇଛି ସତ, କିନ୍ତୁ ଆନ୍ଦୋଳନ ଓ ଧାରଣା ଜାରି ରହିଛି।

ଆମେରିକା ଢାଞ୍ଚାରେ ଇଣ୍ଡୋନେସିଆରେ ରାଷ୍ଟ୍ରପତି ପ୍ରଧାନ ଶାସନ ବ୍ୟବସ୍ଥା ପ୍ରଚଳିତ ଏବଂ ରାଷ୍ଟ୍ରପତି ହିଁ ଶାସନର ସର୍ବମୟ କର୍ତ୍ତା। ୨୦୨୪ ଅକ୍ଟୋବର ନିର୍ବାଚନରେ କ୍ଷମତାସୀନ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋଙ୍କ ମୁଖ୍ୟ ପ୍ରତିଶ୍ରୁତି ଥିଲା, ଦୁର୍ନୀତିର ମୂଳୋତ୍ପାଟନ ଓ ଆତ୍ମନିର୍ଭରଶୀଳ ଇଣ୍ଡୋନେସିଆ ଗଠନ। ୨୦୧୪ରୁ ନିରଙ୍କୁଶ କ୍ଷମତାରେ ରହିଆସିଛି ସେ ପ୍ରତିନିଧିତ୍ୱ କରୁଥିବା ଇଣ୍ଡୋନେସୀୟ ଗଣତାନ୍ତ୍ରିକ ଦଳ (ଆଇଡିପି)। ଦେଶବାସୀ ମନରେ କୁହୁଳୁଥିବା ଅସନ୍ତୋଷର ମୁଖ୍ୟ କାରଣ ହେଲା, ଦୀର୍ଘଦିନ ଧରି କର୍ମଚାରୀଙ୍କ ବେତନ – ଭତ୍ତା ଅପରିବର୍ତ୍ତିତ ରହି ଦରଦାମ କ୍ରମାଗତ ବଢ଼ିଚାଲିଥିବାରୁ ଲୋକଙ୍କ କ୍ରୟଶକ୍ତି କମି ଚାଲିଛି। ଆଉଟସୋର୍ସିଂକୁ ପ୍ରାଧାନ୍ୟ ଦେଇ ନିଯୁକ୍ତି ସୁଯୋଗ ହ୍ରାସ କରାଯାଇଥିବାରୁ ବେକାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଭଳି ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତିରେ ସାଂସଦଙ୍କ ଭତ୍ତା ବୃଦ୍ଧି ନିଷ୍ପତ୍ତି ବିଦ୍ରୋହ ପାଇଁ ଖୋରାକ ଯୋଗାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାରୁ ରାଷ୍ଟ୍ରପତି ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରିନେଇଛନ୍ତି।

ଜେନେରାଲ ସୁହାର୍ତ୍ତୋଙ୍କ ଏକଛତ୍ରବାଦୀ ଶାସନର ୧୯୯୮ରେ ଅବସାନ ପରେ ଇଣ୍ଡୋନେସିଆରେ ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହୋଇଛି। ଶାସନ ଢାଞ୍ଚାରେ ପରିବର୍ତ୍ତନ ପ୍ରୟାସୀଙ୍କ ମନରେ ଅନେକ ଆଶା ଓ ଉଦ୍ଦୀପନା ଏବେ ବି ସଜୀବ ହୋଇରହିଛି। ତେଣୁ ଆକାଂକ୍ଷିତ ସୁଫଳ ମିଳିବା ଯେତିକି ବିଳମ୍ବିତ ହେଉଛି ସେମାନଙ୍କ ମନରେ ବିଦ୍ରୋହର ବହ୍ନି ସେତିକି ଉଜ୍ଜୀବିତ ହେଉଛି। ଇଣ୍ଡୋନେସିଆର ଶାସନ ବିରୋଧୀ ବିଦ୍ରୋହ ବିଶ୍ୱକୁ ଏହି ବାର୍ତ୍ତା ଦେଇଛି ଯେ ପ୍ରବଞ୍ଚନାମୂଳକ ଶାସନ ବ୍ୟବସ୍ଥାରେ ପରିବର୍ତ୍ତନ ଲୋଡ଼ା, ନ ହେଲେ ବିଦ୍ରୋହ ଅବଶ୍ୟମ୍ଭାବୀ ●

## ପ୍ରତିବନ୍ଧକୁ ପ୍ରତ୍ୟାଖ୍ୟାନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇଙ୍ଗିତରେ ପାଶ୍ଚାତ୍ୟ ରାଷ୍ଟ୍ରସମୂହ ଅର୍ଥନୈତିକ ବାସନ୍ଦ ବା ପ୍ରତିବନ୍ଧ ପ୍ରୟୋଗ ପାଇଁ କଥା କଥାକେ ବିଶ୍ୱକୁ ଯେଉଁ ନାଲି ଆଖି ଦେଖାଉଛନ୍ତି ତାହାକୁ ମିଳିତ ପ୍ରତିରୋଧ କରିବାର ସମୟ ଉପସ୍ଥିତ। ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ବୈଠକରେ ଯୋଗ ଦେବା ଅବସରରେ ଏକଥା କହିଛନ୍ତି ରୁଷର ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍। ଏସସିଓ ଏକ ଆଞ୍ଚଳିକ ସହଯୋଗୀ ଓ ସହଭାଗିତା ମଞ୍ଚ ହୋଇଥିଲେ ମଧ୍ୟ ଏକ ବୃହତ୍ତର ଦିଗକୁ ପୁଟିନ୍‌ଙ୍କ ଇଙ୍ଗିତକୁ ଚୀନ ପୂର୍ଣ୍ଣ ସମର୍ଥନ କରିଛି। ବ୍ରିକ୍ସ ଅଂଶୀଦାର ରାଷ୍ଟ୍ରଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୁଟିନ ଓ ସି ଜିନପିଙ୍ଗ ଏହି ମିଳିତ ନିଷ୍ପତ୍ତି ଗ୍ରହଣ କରିଛନ୍ତି।

ସମଗ୍ର ବିଶ୍ୱରେ ବଜାର ଅର୍ଥନୀତିର ପ୍ରାଧାନ୍ୟ ବୃଦ୍ଧି ପାଇଥିବା ବେଳେ ପାରସ୍ପରିକ ନିର୍ଭରଶୀଳତା ଓ ସହଯୋଗିତାର ଗୁରୁତ୍ୱ ବଢ଼ିଛି। ଅପରପକ୍ଷରେ ଏବେ ମଧ୍ୟ ବାଣିଜ୍ୟ ଓ ବିନିମୟରେ ଡଲାରର ପ୍ରାଧାନ୍ୟ ଅତୁଟ ରହିଥିବାରୁ ଟ୍ରମ୍ପ ବଡ଼ଭାଇ ପଣିଆ ଜାହିର କରିଚାଲିଛନ୍ତି। ବ୍ରିକ୍ସ ପକ୍ଷରୁ ଡଲାରର ବିକଳ୍ପ ବ୍ୟବସ୍ଥା ସପକ୍ଷରେ କେତେକ ପଦକ୍ଷେପ ନିଆଯାଇଥିବା ସୂଚନା ଟ୍ରମ୍ପଙ୍କୁ ବିବ୍ରତ କରିଛି। ତେଣୁ ବ୍ରିକ୍ସ ସଦସ୍ୟ ହିଁ ତାଙ୍କ ଟାରିଫ ରାଜନୀତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଦେଖାଯାଇଛି। ଏହି ପ୍ରେକ୍ଷାପଟରେ ଚୀନ୍ ଗଣମାଧ୍ୟମକୁ ଏକ ସାକ୍ଷାତକାରରେ ପୁଟିନ କହିଛନ୍ତି ଯେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶରେ ପରିଲକ୍ଷିତ ପ୍ରତିବନ୍ଧକ ଦୂର ସକାଶେ ଅତିରିକ୍ତ ସମ୍ବଳ ସଂଗ୍ରହକୁ ରୁଷ ଓ ଚୀନ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେବେ।

ବ୍ରାଜିଲ, ରୁଷିଆ, ଭାରତ, ଚୀନ ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ ସଂଗଠନ ପାରିସ୍ପରିକ ସହଯୋଗ ହେବା ପାଇଁ କାର୍ଯ୍ୟ କରୁଛନ୍ତି। ପରିବର୍ତ୍ତିତ ପରିବେଶରେ ସାଉଦୀ ଆରବ, ଇରାନ, ଇଥିଓପିଆ, ମିଶର, ଆର୍ଜେଣ୍ଟିନା ଓ ଆରବ ଏମିରେଟ୍ସ ଏହି ସଂଗଠନରେ ଖୁବ୍ ଶୀଘ୍ର ଯୋଡ଼ି ହେଉଛନ୍ତି। ସମ୍ବଳ ସକାଶେ ଆମେରିକା ଓ ୟୁରୋପ ରାଷ୍ଟ୍ର ସମୂହ ଉପରେ ନିର୍ଭରଶୀଳତା ହ୍ରାସ ପଇଁ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଓ ବିଶ୍ୱବ୍ୟାଙ୍କ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ମସ୍କୋ ଓ ବେଜିଂ ମିଳିତ ପଦକ୍ଷେପ ଗ୍ରହଣ କରିବେ। ସମୟର ଆବଶ୍ୟକତା ସଂପର୍କରେ ସୂଚନା ଦେଇ ପୁଟିନ କହିଛନ୍ତି ଯେ ବିଶ୍ୱର ଏହି ଅର୍ଥ ଯୋଗାଣକାରୀ ସଂସ୍ଥା ବାଛବିଚାରମୂଳକ ନୀତି ପରିତ୍ୟାଗ କରି ସମାନ ଦୃଷ୍ଟିଭଙ୍ଗୀ ନେଇ କାର୍ଯ୍ୟ କରିବା ଉଚିତ୍। ଏହି ମହାନ ଲକ୍ଷ୍ୟ ହାସଲ ପ୍ରତି ଦୁଇ ରାଷ୍ଟ୍ର ଅଙ୍ଗୀକାରବଦ୍ଧ ବୋଲି ସେ ଉଲ୍ଲେଖ କରିଛନ୍ତି।

ଏସସିଓ ଶିଖର ସମ୍ମିଳନୀ ଅବସରରେ ପୁଟିନଙ୍କ ଏହି ବକ୍ତବ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ବହନ କରେ। ବିଶେଷକରି ଏକ ପ୍ରତିକୂଳ ପରିସ୍ଥିତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବୈଠକରେ ଯୋଗଦାନ ଏବଂ ଭାରତର ଆସ୍ଥା ଓ ବିଶ୍ୱାସ ହାସଲ ସକାଶେ ଏହାକୁ ଏକ କୂଟନୈତିକ ପଦକ୍ଷେପ ରୂପେ ଗ୍ରହଣ କରାଯାଇପାରେ। ବିଶେଷକରି ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟକୁ କିଭଳି ପ୍ରତିରୋଧ କରାଯାଇପାରିବ ତାହାର ନକ୍ସା ପ୍ରସ୍ତୁତି ପୁଟିନଙ୍କ ବ୍ୟକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ●

# ପ୍ରକୃତି ଆଉ ସହିବ ନାହିଁ

**ସୌଭାଗ୍ୟ ସୁନ୍ଦରରାୟ**

ନିକଟରେ ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ଧରାଲି ଗ୍ରାମରେ କଲିଜା ଥରା ଖଣ୍ଡପ୍ରଳୟ ଘଟିଯାଇଛି। ଆଖି ପିଛୁଳାକେ ଧରାଲି ମାଟିରେ ମିଶିଗଲା। ମାତ୍ର ୨୦ ସେକେଣ୍ଡରେ ବାସଗୃହ, ହୋଟେଲ, ଢାବା ବଜାର ନିଶ୍ଚିହ୍ନ ହୋଇଗଲା। ବୃହତ୍‌କାୟ ପଥର ମୁଣ୍ଡିଆ, ପଙ୍କକାଦୁଅ, ମାଟିରେ ଧରାଲି ପୋତି ହୋଇପଡ଼ିଲା। ଏହାକୁ ପ୍ରକୃତିର ନକାରାତ୍ମକ ଦିଗ ବୋଲି କୁହାଯାଇପାରେ। ତେବେ ସକାରାତ୍ମକ ଦିଗଟି ହେଲା ଭଗୀରଥର ଉପନଦୀ କ୍ଷୀରଗଡ଼ ନଦୀ ଶଯ୍ୟା ପୂର୍ବବସ୍ଥାକୁ ଫେରିଆସିଲା। କ୍ଷୀରଗଡ଼ ଓ ଭଗୀରଥର ସଙ୍ଗମ ସ୍ଥଳରେ ସୃଷ୍ଟି ହୋଇଥିବା ୨୦ ହେକ୍ଟର ବିଶିଷ୍ଟ ଚଡ଼ା ସଂପୂର୍ଣ୍ଣ ଧୋଇ ହୋଇଗଲା। ଏହାକୁ ପ୍ରାକୃତିକ ଦୁର୍ବିପାକ କିମ୍ବା ପ୍ରକୃତିର ଭାରସାମ୍ୟ ରକ୍ଷା ବୋଲି ମଧ୍ୟ କୁହାଯାଇପାରେ।

ଧରାଲି ଉତ୍ତରକାଶୀର ଏକ କ୍ଷୁଦ୍ର ଗ୍ରାମ। ଜନସଂଖ୍ୟା ମାତ୍ର ୫୦୦। ଚାରିଧାମ ରାସ୍ତା ପାର୍ଶ୍ୱରେ ଗ୍ରାମଟି ଅବସ୍ଥିତ। ଏଠାରୁ ଗଙ୍ଗୋତ୍ରୀ ଧାମର ଦୂରତା ମାତ୍ର ୧୫/୨୦ କିଲୋମିଟର। ଗଙ୍ଗୋତ୍ରୀ, ଯମୁନେତ୍ରୀ, ବଦ୍ରିନାଥ ଓ କେଦାରନାଥକୁ ନେଇ ଗଠିତ ଚାରଧାମ ଆଧାତ୍ମିକ ସର୍କିଟକୁ ଗମନାଗମନ ଦୃଷ୍ଟିରୁ ଅଧିକ ସୁଗମ କରିବା ଉଦ୍ଦେଶ୍ୟରେ ସରକାର ଏହି ରାସ୍ତା ପ୍ରଶସ୍ତ ପାଇଁ ନିଷ୍ପତ୍ତି ନେଲେ। କୁହାଗଲା ପ୍ରତିରକ୍ଷା ଦୃଷ୍ଟିକୋଣରୁ ଏହା କରାଯାଉଛି। ପାହାଡ଼ କଟାହେଲା। ରାସ୍ତା ସୁଗମ ହେଲା। ଚାରିଧାମକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇଲା। ଧରାଲି ଓ ଏହାର ନିକଟବର୍ତ୍ତୀ ପଡ଼ା ଗ୍ରାମ ସୁଖି ଓ ଝଲା ଉଚ୍ଚ ସମ୍ବେଦନଶୀଳ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଥିଲେ ମଧ୍ୟ ସେଠାରେ ନିର୍ମାଣ କାର୍ଯ୍ୟ ଜାରି ରହିଲା। ଧରାଲିରେ ଅନେକ ହୋଟେଲ, ଅତିଥିଶାଳା, ଢାବା ଓ କୋଠା ନିର୍ମାଣ କରାଗଲା। ପରିସ୍ଥିତି ଏପରି ହେଲା ଯେ, ପର୍ଯ୍ୟଟନ ଋତୁରେ ଧରାଲିର ଜନସଂଖ୍ୟାଠାରୁ ପର୍ଯ୍ୟଟକ ସଂଖ୍ୟା ଦ୍ୱିଗୁଣିତ ହୋଇଗଲା। ଧରାଲି ବାସିନ୍ଦାଙ୍କ ଆୟ ବୃଦ୍ଧି ଘଟିଲା ଏବଂ ରାଜ୍ୟ ରାଜକୋଷକୁ ମଧ୍ୟ ଅର୍ଥାଗମ ହେଲା।

୫୦ ଦଶକରେ ଚାଲିଚାଲି ବଦ୍ରିନାଥରେ ପହଞ୍ଚିବା ନିମନ୍ତେ ଶ୍ରଦ୍ଧାଳୁଙ୍କୁ ୪ ଦିନ ସମୟ ଲାଗିଯାଉଥିଲା। ତେବେ ୧୯୬୨ ମସିହା ଯୁଦ୍ଧ ପରେ ରାସ୍ତା ନିର୍ମାଣ, ବସସେବା ଏହି ସମୟ ସୀମାକୁ ହ୍ରାସ କରିବାରୁ ପର୍ଯ୍ୟଟକ ଆଗମନରେ ବୃଦ୍ଧି ଘଟିଥିଲା। ୬୦ ଦଶକ ସୁଦ୍ଧା ଏହି ଅଞ୍ଚଳକୁ ପର୍ଯ୍ୟଟକ ଆଗମନ ସଂଖ୍ୟା ୨ଲକ୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ଗତବର୍ଷ ବଦ୍ରିନାଥକୁ ୧୪ ଲକ୍ଷ ଓ କେଦାରନାଥକୁ ୧୬ ଲକ୍ଷ ଶ୍ରଦ୍ଧାଳୁ / ପର୍ଯ୍ୟଟକ ଗସ୍ତ କରିଥିବା ଜଣାଯାଇଛି। ଆଉ କିଛିଦିନ ପରେ ଚାରଧାମ ରାଜପଥ ପ୍ରକଳ୍ପ ସଂପୂର୍ଣ୍ଣ ହେବ। ସେତେବେଳକୁ ପର୍ଯ୍ୟଟକ ସଂଖ୍ୟା କେତେ ବୃଦ୍ଧି ପାଇବ ଅନୁମାନ କରାଯାଇପାରେ। ଏତେସଂଖ୍ୟକ ପର୍ଯ୍ୟଟକଙ୍କୁ ବିଭିନ୍ନ ମୌଳିକ ଓ ରହଣି ସୁବିଧା ଯୋଗାଇ ଦେବା ନିମନ୍ତେ ଅବିଚାରିତ ଭାବେ ଏଠାରେ ନିର୍ମାଣ କାର୍ଯ୍ୟ ଚାରି ରହୁଛି। ନଦୀ ଶଯ୍ୟାରେ କଂକ୍ରିଟ ନିର୍ମାଣ କରାଯାଇଛି। ଗଛ କଟାଯାଉଛି। ଗାଡ଼ି ପାର୍କିଂ ନିମନ୍ତେ ନଦୀଶଯ୍ୟା ପୋତି ଦିଆଯାଉଛି। ଏଥିପାଇଁ ଡିନାମାଇଟ ଓ ଅନ୍ୟାନ୍ୟ ଭାରି ଯନ୍ତ୍ରାଂଶ ଉପଯୋଗ କରାଯାଉଛି। ଏସବୁ ଯନ୍ତ୍ର ବ୍ୟବହାର ଦ୍ୱାରା ହିମାଳୟ ପାର୍ବତ୍ୟାଞ୍ଚଳରେ କମ୍ପନ ସୃଷ୍ଟି ହେଉଛି। ଫଳରେ ଏହାର ମୂଳ ଦୋହଲି ଯାଉଛି। ନିର୍ମାଣ ସମୟରେ ବାହାରୁଥିବା ବର୍ଜ୍ୟ ଓ ପର୍ଯ୍ୟଟକଙ୍କ ଦ୍ୱାରା ସୃଷ୍ଟ କଠିନ ବର୍ଜ୍ୟକୁ ନଦୀରେ ଫିଙ୍ଗି ଦିଆଯାଉଛି। ଚାରଧାମ ରାସ୍ତା ପ୍ରକଳ୍ପ ପାଇଁ ଇତିମଧ୍ୟରେ ୫୦ ହଜାରରୁ ଅଧିକ ଗଛ କଟାଯାଇ ସାରିଲାଣି।

ବାଦଲ ଫଟା ବର୍ଷା ଯୋଗୁଁ ଧରାଲି ବିପର୍ଯ୍ୟୟ ଘଟିଲା ବୋଲି ଯାହା କୁହାଯାଇଛି ତାହାର ବିଶେଷ ସତ୍ୟତା ନାହିଁ। କାରଣ ଘଟଣା ଦିନ ଉତ୍ତରକାଶୀ ଜିଲ୍ଲାରେ ସର୍ବାଧିକ ୨୭ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଧରାଲି ଅଞ୍ଚଳରେ ଏହାଠାରୁ କମ୍ ମାତ୍ର ୬.୫ ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି। ଏହାକୁ ବାଦଲଫଟା ବର୍ଷା କୁହାଯାଇପାରିବ ନାହିଁ। ହିମାଳୟ ପାର୍ବତ୍ୟାଞ୍ଚଳରେ ଅନେକ ହିମସ୍ରୋତ ରହିଛି। କେଉଁଠି ତୁଷାର ହ୍ରଦ ମଧ୍ୟ ରହିଛି। ନିର୍ମାଣ ଜନିତ କମ୍ପନ କାରଣରୁ ହିମସ୍ରୋତ ବା ତୁଷାର ହ୍ରଦ ଏକପ୍ରକାର ବିସ୍ଫୋରିତ ଅବସ୍ଥାକୁ ଚାଲିଆସିଲା, ଯାହା ଧରାଲି ପାଇଁ ବିପର୍ଯ୍ୟୟ ସୃଷ୍ଟି କରିଛି। ଉପର ମୁଣ୍ଡରୁ ଆସୁଥିବା ଏହି ସ୍ରୋତର ଶକ୍ତି ଓ ଗତି ଅତ୍ୟନ୍ତ ତୀବ୍ର ରହିଥାଏ, ଯେଉଁ କାରଣରୁ ଧରାଲି ଏକ ବାଲିଘର ପରି ଭୁଶୁଡ଼ି ପଡ଼ିଲା। ଧରାଲି ପୂର୍ବରୁ ୧୯୭୮, ୧୯୮୪, ୨୦୦୩, ୨୦୧୦, ୨୦୧୨ ଓ ୨୦୧୮ ମସିହାରେ ଅତ୍ୟଧିକ ବୃଷ୍ଟିପାତ, ବନ୍ୟା, ବାଦଲଫଟା ବର୍ଷା ଆଦି ଦେଖିଛି। କିନ୍ତୁ ଏହି ବିପର୍ଯ୍ୟୟ ମଧ୍ୟରେ କାହାରି ପ୍ରାଣହାନି ଘଟି ନ ଥିଲା। ପ୍ରଥମ ଥର ପାଇଁ ଧରାଲିରେ ପ୍ରାଣହାନି ଘଟିବା ସହ ଏହି ଜନବସତି ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲା।

ପରିବେଶ ଦୃଷ୍ଟିରୁ ଦେଖିବାକୁ ଗଲେ ହିମାଳୟର ଜୈବ ବିବିଧତା ଅତି ସମ୍ବେଦନଶୀଳ। ହିମାଳୟ କନିଷ୍ଠ ପର୍ବତମାଳା ଭାବେ ବିବେଚିତ। ଭାରତ ଓ ୟୁରେସିଆର ଦୁଇଟି ବଡ଼ ଭୂଖଣ୍ଡର ଚଳନ ଓ ଧକ୍କା ଦ୍ୱାରା ପ୍ରାୟ ମାତ୍ର ୫୦ ନିୟୁତ ବର୍ଷ ପୂର୍ବେ ହିମାଳୟ ପର୍ବତମାଳାର ସୃଷ୍ଟି ହୋଇଥିବାରୁ ଏହାର ଭୂସ୍ତର ଏବେ ମଧ୍ୟ ନମନୀୟ ଓ ଭଙ୍ଗୁର। ଏହି ପରିସ୍ଥିତିରେ ମନୁଷ୍ୟକୃତ କାର୍ଯ୍ୟକଳାପ ହିମାଳୟ ଅଞ୍ଚଳ ପାଇଁ ଅଧିକ ବିପର୍ଯ୍ୟୟ ସୃଷ୍ଟି କରୁଛି। ହିମାଳୟ ପାର୍ବତ୍ୟମାଳା ଅନ୍ତର୍ଗତ ଯୋଶୀମଠ ଅଞ୍ଚଳଟି ୨୦୨୩ ମସିହାରେ ଦବିଗଲା। କାରଣ ଅନୁଧ୍ୟାନ ପାଇଁ ୧୯୭୪ ମସିହାରେ ଘରୱାଲ ଜିଲ୍ଲାପାଳଙ୍କ ଦ୍ୱାରା ଗଠିତ ୧୮ ସଦସ୍ୟ ବିଶିଷ୍ଟ କମିଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ ଯେ, ଯୋଶୀମଠ ଅଞ୍ଚଳ ଏକ ପୁରାତନ ଭୂସ୍ଖଳନ ଅଞ୍ଚଳରେ ଅବସ୍ଥିତ। ଏହାମଧ୍ୟରେ ଜଳବାୟୁ ପରିବର୍ତ୍ତନରେ ସମଗ୍ର ବିଶ୍ୱ ସହ ହିମାଳୟ ମଧ୍ୟ ପ୍ରଭାବିତ ହେଉଛି। ଏଥିସହ ମନୁଷ୍ୟକୃତ ହସ୍ତକ୍ଷେପ ହିମାଳୟର ଦୁର୍ଦ୍ଦିନକୁ ଦ୍ୱିଗୁଣିତ କରିଛି। ଯୋଶୀମଠ ଓ ତପୋବନ ଅଞ୍ଚଳରେ ଏକାଧିକ ଜଳବିଦ୍ୟୁତ ପ୍ରକଳ୍ପକୁ ମଞ୍ଜୁରୀ ଦିଆ ଯିବା ପ୍ରସଙ୍ଗରେ ସ୍ଥାନୀୟ ବାସିନ୍ଦା ଓ ପରିବେଶବିତ୍ ପ୍ରତିବାଦ କରିଥିଲେ ମଧ୍ୟ ସେଥିପ୍ରତି କର୍ଣ୍ଣପାତ କରାଗଲା ନାହିଁ। ବିସ୍ଫୋରଣ ଦ୍ୱାରା ପାହାଡ଼ ଫଟାଯାଇ ଟନେଲ ନିର୍ମାଣ କରାଯାଉଛି। ଏହାଦ୍ୱାରା ସ୍ଥାନୀୟ ଭୂସ୍ତରରେ କମ୍ପନ ସୃଷ୍ଟି ହେବା ସହ ଚାପ ବୃଦ୍ଧି ପାଉଛି। ଜଳଧାରଣ କରୁଥିବା ଭୂସ୍ତରରେ ରନ୍ଧ୍ର ସୃଷ୍ଟି ହେଉଛି। ଫଳରେ ବିଭିନ୍ନ ସମୟରେ ଚାପ ଯୋଗୁଁ ନିମ୍ନ ଜଳ ଫୁଟି ବାହାରି ବନ୍ୟା ପରି ସମସ୍ୟା ସୃଷ୍ଟି କରୁଛି।

କେରଳର ୱାୟନାଡ଼ରେ ୨୦୨୪ ମସିହା ଜୁଲାଇ ୩୧ ତାରିଖରେ ଭୟଙ୍କର ଭୂସ୍ଖଳନ ଘଟି ଶତାଧିକ ବ୍ୟକ୍ତିଙ୍କର ପ୍ରାଣହାନି ଘଟିଲା। ଅତ୍ୟଧିକ ବର୍ଷା ଯୋଗୁଁ ଏହି ଭୂସ୍ଖଳନ ଘଟିଥିବା କୁହାଗଲା। କିନ୍ତୁ କେବଳ ବର୍ଷାକୁ ଏଥିପାଇଁ ଦାୟୀ କରାଯାଇ ପାରିବ ନାହିଁ। ସେଠାରେ ରାସ୍ତା ନିର୍ମାଣଠାରୁ ଆରମ୍ଭ କରି ଜଳବିଦ୍ୟୁତ ପ୍ରକଳ୍ପ ଓ ଖଣି ଖନନ କାର୍ଯ୍ୟ ଜାରି ରହିଛି। ପଶ୍ଚିମଘାଟ ପର୍ବତମାଳା ସୁରକ୍ଷା ପାଇଁ ପ୍ରସ୍ତାବ ଦେବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ୨୦୧୦ ମସିହାରେ ଏକ କମିଟି ଗଠନ କରାଯାଇଥିଲା। ବିଶିଷ୍ଟ ପରିବେଶବିତ୍ ତଥା ପଶ୍ଚିମଘାଟ ପର୍ବତମାଳା ବିଶେଷଜ୍ଞ ଭାବେ ପରିଚିତ ମାଧବ ଗାଡ଼ଗିଲ ଏହି କମିଟିର ନେତୃତ୍ୱ ନେଇ ୫ଟି ଚିଠା ପ୍ରସ୍ତବ ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ପରିବେଶ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟଠାରୁ ଆରମ୍ଭ କରି କେଉଁ ଅଞ୍ଚଳରେ କିପ୍ରକାର ବିକାଶମୂଳକ କାର୍ଯ୍ୟ କରାଯିବ, କେଉଁ କାର୍ଯ୍ୟ ସଂପୂର୍ଣ୍ଣ ନିଷେଧ କରାଯିବ ଏବଂ କେଉଁଟି ନିୟନ୍ତ୍ରିତ ଭାବେ କରାଯିବ ତାହା ଉଲ୍ଲେଖ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବ ୨୦୧୪ ମସିହାରେ ସରକାରଙ୍କୁ ଦିଆଯାଇଥିଲା। ତାହାର କାର୍ଯ୍ୟକାରିତା ଫାଇଲ ମଧ୍ୟରେ ହଜିଯାଇଛି। ଧରାଲି, ଯୋଶୀମଠ, ୱାୟନାଡ଼ କିମ୍ବା କୋରାପୁଟ ହେଉ, ବିକାଶମୂଳକ କାର୍ଯ୍ୟ ଓ ଭିତ୍ତଭୂମି ସୃଷ୍ଟି ନିକଟରେ ପରିବେଶ ସୁରକ୍ଷା ହାର ମାନିଯାଇଛି, ଯାହାର ପରିଣାମ ମଣିଷକୁ ହିଁ ଭୋଗିବାକୁ ପଡୁଛି ଓ ପଡ଼ିବ।

ସୁଖ, ସ୍ୱାଚ୍ଛନ୍ଦ୍ୟ, ଆମୋଦପ୍ରମୋଦ ଓ ବିଳାସବ୍ୟସନରେ ରହିବାକୁ ଚାହୁଁଥିବା ମଣିଷ ପ୍ରକୃତି ବିନିମୟରେ ସବୁକିଛି କରିବା ପାଇଁ ଚାହୁଁଛି। ଅପରପକ୍ଷରେ ପ୍ରକୃତି ପ୍ରତି ଅବିଚାରିତ ନିର୍ଯାତନା ଧରିତ୍ରୀ ବେଶୀ କାଳ ସହ୍ୟ କରିପାରିବ ନାହିଁ ବୋଲି ଯେଉଁ ବାର୍ତ୍ତା ଦେଉଛି ତାହା ପୁଣି ଥରେ ଧରାଲିରେ ପ୍ରତିଧ୍ୱନିତ ହୋଇଛି। ଏଇଠି ମନେପଡ଼େ ସନ୍ଥ ହାଡ଼ିଦାସ ଲେଖିଥିବା ମାଳିକାର କିଛି ଅଂଶ। ତାହା ହେଲା - 'ହିମାଳୟ ଗିରି ଫାଟିଲୋ ବଉଳ, ଦୋହଲି ଯିବ କଳିଜା; କଳାପାହାଡ଼ ଯେ ଦେଶରେ ବୁଲିବେ, ବଜାଇ ବିବିଧ ବାଜା।' ●

(ବରିଷ୍ଠ ସାମ୍ବାଦିକ)

କଟକ, ମୋ: ୯୪୩୭୨୨୯୨୩୩

# ଡିଜିଟାଲ୍ ଯୁଗରେ ରେଡିଓର ପ୍ରାସଙ୍ଗିକତା

**ଡକ୍ଟର ଅଭିମନ୍ୟୁ ବରାଳ**

ସ୍ୱାଧୀନତା ପରବର୍ତ୍ତୀ କାଳରେ ଏକ ପ୍ରକୃଷ୍ଟ ଗଣମାଧ୍ୟମ ଭାବରେ ରେଡିଓ ବେଶ ପ୍ରଭାବ ବିସ୍ତାର କରିଥିଲା। ଓଡ଼ିଶାର ବିଭିନ୍ନ ଲୋକସଂଗୀତ ବା ଲୋକକଳାର ପ୍ରଚାର ପ୍ରସାରରୁ ଆରମ୍ଭ କରି କୃଷି ସଂପର୍କିତ ସୂଚନା, ଉପଦେଶ ଓ ଦିଗ୍‌ଦର୍ଶନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ଓ ପାଣିପାଗ ପୂର୍ବସୂଚନା; ନିଯୁକ୍ତି ସୂଚନା; ଅନ୍ତର୍ଜାତୀୟ, ଜାତୀୟ ଓ ଆଞ୍ଚଳିକ ଖବର ପ୍ରସାରଣ, ମନୋରଞ୍ଜନ ପାଇଁ ରେଡିଓ ହିଁ ମାଧ୍ୟମ ଥିଲା।

ପ୍ରଖ୍ୟାତ ବୈଜ୍ଞାନିକ ହେନେରିକ୍ ରୁଡୋଲ୍ଫ ଜର୍ଜଙ୍କ ବୈଦ୍ୟୁତିକ ଚୁମ୍ବକୀୟ ତରଙ୍ଗ ୧୮୮୭ ରୁ ୧୮୮୮ ମଧ୍ୟରେ ପରୀକ୍ଷଣ ହୋଇଥିଲା। ୧୯୦୧ ମସିହାରେ ଇଟାଲିର ବୈଜ୍ଞାନିକ ଜି.ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ର ଦ୍ୱାରା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା। ସେହିଠାରୁ ହିଁ ରେଡିଓର ଜନ୍ମ। ବୈଜ୍ଞାନିକ ମାର୍କୋନୀ ରେଡିଓର ଜନକ। ୧୮୦୬ ମସିହାରେ ପ୍ରଥମେ ଜେନିନାଲଫେସେଣ୍ଡେନ୍‌ଙ୍କ ଦ୍ୱାରା ମଣିଷର ସ୍ୱର ରେଡିଓ ଦ୍ୱାରା ପ୍ରସାରିତ ହୋଇଥିଲା। ଆମ ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ 'ରେଡିଓ କ୍ଲବ୍ ଅଫ୍ ବମ୍ବେ' ନାମରେ ରେଡିଓ ପ୍ରବେଶ କଲା। ୧୯୩୬ ମସିହାରେ 'ଅଲ୍ ଇଣ୍ଡିଆ ରେଡିଓ' ଏବଂ ୧୯୫୬ ମସିହାରେ 'ଆକାଶବାଣୀ' ଭାବେ ଜନମାନସରେ ରେଡିଓ ଆଦୃତି ଲାଭ କଲା। ଆମ କଟକ ଆକାଶବାଣୀ ୧୯୪୮ ମସିହା ଜାନୁଆରୀ ୨୮ ତାରିଖରେ ପ୍ରତିଷ୍ଠା ହେଲା।

ପୂର୍ବରୁ ସରକାରଙ୍କ ଦ୍ୱାରା କ୍ଲବ, ପାଠାଗାର ଓ ସ୍କୁଲ ପ୍ରଭୃତିକୁ ରେଡିଓ ଯୋଗାଇ ଦିଆଯାଇଥିଲା। ଦୁଇଟା ବାଉଁଶରେ ଆଣ୍ଟିନା ବାନ୍ଧି କାହାଳି ଲଗାଯାଇ ସେ ରେଡିଓ କହୁଥିଲା। ଏପରିକି ରେଡିଓ ଶୁଣିବା ପାଇଁ ଲୋକମାନେ ସନ୍ଧ୍ୟା ବେଳେ ୨/୩ କି.ମି ବାଟ ଚାଲି ଚାଲି ଯାଉଥିଲେ। ଇତିମଧ୍ୟରେ ରେଡିଓର ବିବର୍ତ୍ତନ ଧାରା ପ୍ରଯୁକ୍ତି ବିଦ୍ୟାର ପ୍ରଭାବରେ ବେଶ୍ ଅଗ୍ରସର ହୋଇଛି। ଆକାଶବାଣୀ ବା ଅଲ୍ ଇଣ୍ଡିଆ ରେଡିଓ ସହିତ ଏବେ ଗୋଷ୍ଠୀ ବେତାର କେନ୍ଦ୍ର, ବାଣିଜ୍ୟିକ ରେଡିଓ, କମ୍ୟୁନିଟି ରେଡିଓ, ଡିଜିଟାଲ ରେଡିଓ ଆଦି ବହୁ ଶାଖାରେ ବିଭକ୍ତ ହୋଇଛି। ଏବେ ରେଡିଓ ଖୁବ୍ ନିକଟତର ହୋଇ ଯାଇଛି। ନିଜ ମୋବାଇଲ୍ ଫୋନରେ ମଧ୍ୟ ରେଡିଓର ସୁବିଧା ରହିଛି। ପୁନଶ୍ଚ ସରକାର ବିଭିନ୍ନ ବେସରକାରୀ ସଂସ୍ଥାକୁ ରେଡିଓ ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ରେଡିଓର ବ୍ୟବହାର ଓ ଆଦୃତି କମିଯାଇଛି।

ରେଡିଓ ଭାଗ୍ୟାକାଶରେ ସେହିଦିନ ଅମା ଅନ୍ଧକାର ଘୋଟି ଗଲା, ଯେଉଁଦିନ ଟେଲିଭିଜନ ସମାଜରେ ପ୍ରବେଶ କଲା। ଟେଲିଭିଜନ ଏକ ଦୃଶ୍ୟ ଗଣମାଧ୍ୟମ ହୋଇଥିବାରୁ ତା'ର ପ୍ରଭାବ ସମାଜ ଉପରେ ବିଶେଷ ଭାବରେ ପଡ଼ିଲା। ରେଡିଓର ଶ୍ରୋତାମାନେ ଟେଲିଭିଜନର ଦର୍ଶକ ସାଜିଲେ। ଘରେ ବସି ସିନେମା ଦେଖିବା ପରି ଅନୁଭୂତି ହେଲା। କିନ୍ତୁ ବେଳେ ବେଳେ ଟିଭିର ବିଜ୍ଞାପନରେ କେତେ ଅଶାଳୀନ ଚିତ୍ର ଏବଂ ଧାରାବାହିକରେ କେତେକ ଦୋଷତ୍ରୁଟି ପ୍ରସାରିତ ହୁଏ, ଯାହା ସମାଜ ଉପରେ କୁପ୍ରଭାବ ପକାଇ ଥାଏ। ଟିଭିରେ ଯେ ଖାଲି ଖରାପ କଥା ଅଛି, ଭଲ କଥା ନାହିଁ, ତା' ନୁହେଁ। କିନ୍ତୁ ଖରାପ କଥାରେ ଯୁବକମାନେ ଶୀଘ୍ର ପ୍ରଭାବିତ ହେଉଛନ୍ତି।

ବର୍ତ୍ତମାନ ଦେଖା ଯାଉଛି କୌଣସି ପ୍ରତିଷ୍ଠିତ କଂପାନୀର ରେଡିଓ ଦୋକାନ ବଜାରରେ ପ୍ରାୟ ନାହିଁ। କାଁଭାଁ ଗୋଟାଏ ରେଡିଓ କେଉଁଠାରେ ଖୋଜିଲେ ମିଳୁଛି ନଚେତ ନାହିଁ। ରେଡିଓ ଟିଏ ଖରାପ ହେଲେ ତାକୁ ମରାମତି କରିବାକୁ କାରିଗର ନାହାନ୍ତି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନକି ବାତ' ଯଦି ରେଡିଓରେ ପ୍ରସାରିତ ହେଉ ନଥା'ନ୍ତା, ତେବେ ରେଡିଓ କେବେଠାରୁ ତା'ର ଅସ୍ତିତ୍ୱ ହରାଇ ଲୁପ୍ତ ହୋଇ ଯାଆନ୍ତାଣି।

ଟେଲିଭିଜନ୍ ଓ ମୋବାଇଲ୍ ଫୋନ୍ ଯୁଗରେ ତଥାପି ରେଡିଓ ଧୈର୍ଯ୍ୟ ହରାଇନାହିଁ। ଆକାଶବାଣୀ ଓଡ଼ିଶାର ଦୁର୍ଗମ ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳକୁ ସେମାନଙ୍କ ଜୀବନଶୈଳୀ, ଦିନଚର୍ଯ୍ୟା ଓ ସାଂସ୍କୃତିକ ଜୀବନଧାରାକୁ ଲୋକଲୋଚନକୁ ଆଣୁଛି। ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସେମାନଙ୍କୁ ସଚେତନ କରିବା ସହିତ ଏକ ଏକ ରେଡିଓ ସେଟ ସରକାର ସେମାନଙ୍କୁ ଦେଇ ଆଗ୍ରହ ଦ୍ୱିଗୁଣିତ କରିଛନ୍ତି। ଶ୍ରୋତାମାନଙ୍କର ରୁଚି ଅନୁସାରେ ରେଡିଓ ବର୍ତ୍ତମାନ ଆଧୁନିକ ଶୈଳୀରେ ବହୁତ କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ଗୋଷ୍ଠୀ ବେତାର କେନ୍ଦ୍ର ସଂପୃକ୍ତ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ ଓ ସାଂସ୍କୃତିକ ଦୃଶ୍ୟପଟ୍ଟର ମଧୁର ପରିବେଷଣ କରୁଛି। ଯୁବ ଗୋଷ୍ଠୀଙ୍କ ମନକୁ ଛୁଇଁଲା ଭଳି ତଥା ଆଧୁନିକ ଶୈଳୀରେ ବାଣିଜ୍ୟିକ ଓ ଡିଜିଟାଲ ରେଡିଓରେ କାର୍ଯ୍ୟକ୍ରମମାନ ପ୍ରସାରଣ ହେଉଛି। ଅବଶ୍ୟ ରେଡିଓ ଶୁଣୁଥିବା ଶ୍ରୋତାମାନଙ୍କ ସଂଖ୍ୟା ବହୁତ କମ ହେଲେ ମଧ୍ୟ ରେଡିଓର ସ୍ଥାନ ଏ ସମସ୍ତ ବିକଳ୍ପଠାରୁ ସ୍ୱତନ୍ତ୍ର ଓ ଭିନ୍ନ। କାରଣ ରେଡିଓ ଆମକୁ ଭେଟି ଦେଉଥିବା କାର୍ଯ୍ୟକ୍ରମଗୁଡ଼ିକ ଅନ୍ୟମାଧ୍ୟମରେ ମିଳିପାରିବ ନାହିଁ। ଏବେ ମଧ୍ୟ ରେଡିଓରେ ପ୍ରଚାର ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ଆମ ସଂସ୍କୃତି ଓ ପରମ୍ପରାର ପୁରୁଣା ସୁଗନ୍ଧ ସ୍ପଷ୍ଟ ପ୍ରତୀତ ହୁଏ।

ଏବେ ସମୟ ଆସିଛି, ଲୋକମାନଙ୍କ ମନୋଭାବକୁ ଆକର୍ଷିତ କରିବା ପାଇଁ। ଆମର ରାମାୟଣ, ଭାଗବତ, ଓଡ଼ିଶୀ, ଚମ୍ପୁ, ଛାନ୍ଦ ଆଦିକୁ ଆମେ ଆଉ କ୍ରମାନ୍ୱୟରେ କେଉଁଠାରୁ ଶୁଣିପାରିବା? ନିୟମିତ ଭାବରେ ରେଡିଓ ଶୁଣି ଅନେକ ବ୍ୟକ୍ତି କବି, ଗୀତିକାର ତଥା ନାଟ୍ୟକାର ହୋଇପାରିଛନ୍ତି। କଥା କହିବାର ଶୈଳୀ ମଧ୍ୟ ସେମାନେ ଶିଖିଛନ୍ତି ଆକାଶବାଣୀରୁ। ମୁଁ ନିଜେ ମଧ୍ୟ ରେଡିଓ ଦ୍ୱାରା ବିଶେଷ ପ୍ରଭାବିତ ଓ ଉପକୃତ। ଏବେ ବି ରେଡିଓ ପାଖରେ ଜନମାନସରେ ନବଜାଗରଣ ସୃଷ୍ଟି କରିବାର କ୍ଷମତା ଓ ଦକ୍ଷତା ରହିଛି। ଭାରତ ମାତା ଏହାକୁ ଦୀର୍ଘସ୍ଥାୟୀ କରନ୍ତୁ। ●

ସାକ୍ଷୀଗୋପାଳ, ମୋ: ୯୯୩୭୮୩୫୨୩୦

# ଓଡ଼ିଶାର ରାଜନୈତିକ ବିବେକ: ଗୋଦାବରୀଶ ମହାପାତ୍ର

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ରାଜନୀତିର ନୈତିକ ବିବେକ ସାହିତ୍ୟରେ କିପରି ଝଙ୍କୃତ ହୋଇଉଠେ ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ସତ୍ୟବାଦୀ ଆଦର୍ଶ-ନିର୍ମିତ ସାହିତ୍ୟ ସାଧକ ଗୋଦାବରୀଶ ମହାପାତ୍ର। ତାଙ୍କୁ ସ୍ମରଣ କରିବା ମାତ୍ରକେ 'ନିଆଁଖୁଣ୍ଟା'ର ଉତ୍ତାପ ଆଜି ବି ଅନୈତିକ ରାଜନୀତି ଦ୍ୱାରା ସାମାଜିକ ପରିବେଶକୁ କଳୁଷିତ କରୁଥିବା ନେତୃମଣ୍ଡଳୀଙ୍କୁ ସଚେତନ କରିଦିଏ। ସମାଜର ସେ ଥିଲେ ଚିରଜାଗ୍ରତ ପ୍ରହରୀ। ଯେଉଁମାନେ ନିଜ କର୍ତ୍ତବ୍ୟ ପ୍ରତି ଉଦାସୀନ, ଅନୈତିକ କାର୍ଯ୍ୟକଳାପରେ ଜଡ଼ିତ, କ୍ଷମତା ଓ ପଦପଦବୀ-ମୋହାଚ୍ଛନ୍ନ, ସଂକୀର୍ଣ୍ଣ ସ୍ୱାର୍ଥ ସାଧନରେ ନିମଗ୍ନ, ଶାଳୀନତା-ଶୂନ୍ୟ ଆଚରଣ ପ୍ରଦର୍ଶନରେ ସଂକୋଚ-ରହିତ, ରାଜନୀତି, ସାହିତ୍ୟ ବା ସମାଜସେବା କ୍ଷେତ୍ରରେ ଛଦ୍ମତାଯୁକ୍ତ, ସେମାନେ ହେଉଥିଲେ ଗୋଦାବରୀଶଙ୍କ ନିଶାଣ।

ସୁପ୍ତ, ଅଚେତନ, ନିଷ୍କ୍ରିୟ, ନିଷ୍ପ୍ରାଣ ଓଡ଼ିଆ ଜାତିକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ସେ ଯେଉଁ 'ଉଠକଙ୍କାଳ'କବିତା ରଚନା କରିଥିଲେ ତାହା ପ୍ରତିଟି ଯୁଗ ପାଇଁ ଦେଇପାରେ ଯେକୌଣସି ଜାତିକୁ ଦୃପ୍ତ ଆହ୍ୱାନ। 'ଉଠ କଙ୍କାଳ ଛିଡୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି / ଉଠୁ ଗତ ଗୌରବ ହୃତ ଗୌରବ ମୃତ ଗୌରବ ରାଜି।' ବିଶିଷ୍ଟ ଅସ୍ତିତ୍ୱବାଦୀ ଦାର୍ଶନିକ ଓ ସାହିତ୍ୟଶିଳ୍ପୀ ଜାଁ ପଲ ସାର୍ତ୍ତ କହିଥିଲେ- 'କଲମ ଧରିବା ଅର୍ଥ ହେଲା ଆପଣାର ସ୍ୱାଧୀନତା ଘୋଷଣା କରିବା।' ଜଣେ ସଚ୍ଚୋଟ କବିର ଲେଖନୀ ହୋଇପାରେ କେତେ ସ୍ୱାଧୀନ, ଅକୁତୋଭୟ, ସତ୍ୟ ଉଚ୍ଚାରଣରେ ଏକନିଷ୍ଠ, ତାହା ଗୋଦାବରୀଶଙ୍କ 'ହେ ମୋର କଲମ' କବିତାରେ ରୂପାୟିତ, ଯାହା ତାଙ୍କର ଶ୍ରେଷ୍ଠ କାବ୍ୟାଦର୍ଶର ବଳିଷ୍ଠ ସ୍ୱାକ୍ଷର। ଆଉ ସମସ୍ତ କବି, ଲେଖକ ସାମ୍ବାଦିକଙ୍କ ପାଇଁ ଅବ୍ୟର୍ଥ ଅସ୍ତ୍ର। ସେଥିରୁ ଗୋଟିଏ ପଦ ଉଦ୍ଧାର କରିବା ଦ୍ୱାରା ଏହା ଯେ କେହି ଅନୁଭବ କରିପାରିବେ ପ୍ରାଣବନ୍ତ ଭାବରେ। 'ତୁମେ ତ ଭୁଲିନ ଛଳନାରେ କେବେ ଥକିନ ଗୁଣ୍ଡାମିରେ, ପେଷଣ, ଶୋଷଣ, ଦୂଷଣ ଦେଇଚ ଆଡ଼େଇ ଏକଇ ଗାରେ/ ଛେଦନ କରିଚ ବନ୍ଧନ ଯେତେ ଅନ୍ୟେଧ ଦେଇଚ ଆଖି, କାଳ ବକ୍ଷରେ ମହାଅକ୍ଷରେ ପଦେ ପଦେ ଲେଖି ଲେଖି।'

ସାହିତ୍ୟର ବିଭିନ୍ନ ବିଭାଗରେ ସେ ପ୍ରାୟ ଅର୍ଦ୍ଧଶତାବ୍ଦୀ ଧରି ନିରବଚ୍ଛିନ୍ନ ଭାବରେ ଅକ୍ଳାନ୍ତ ଲେଖନୀ ଚାଳନା କରିଛନ୍ତି। 'ନିଆଁଖୁଣ୍ଟା'ରୁ ଏକ ଛୋଟ ଦୃଷ୍ଟାନ୍ତ ନିଆଯାଉ। 'କୌତୁକ ଆସେମବ୍ଲି'ର ଗୋଟିଏ ଧାଡ଼ି ହେଲା 'ଇନ୍ସପେକ୍ଟର ମିଶ୍ରଙ୍କୁ ବୟସ ହେଲେ ମଧ୍ୟ ସେ କାହିଁକି ଟୋକା ପରି ଦେଖା ଯାଉଛନ୍ତି ସରକାର ଅନୁସନ୍ଧାନ କରିଛନ୍ତି କି?'। 'ଏବେ ମଧ୍ୟ ବଞ୍ଚିଛି', 'ନୀଳ ମାଷ୍ଟ୍ରାଣୀ', 'ମୁଁ ଦିନେ ମନ୍ତ୍ରୀ ଥିଲି' ଆଦି ଗଳ୍ପ ସଂକଳନରେ ତାଙ୍କ ଜାତୀୟତାବାଦୀ, ମାନବିକତା-ସମୃଦ୍ଧ ଭାବାବେଗ କଳାତ୍ମକ ଶୈଳୀରେ ବିନ୍ୟସ୍ତ। 'ରାଜଦ୍ରୋହୀ', 'ରକ୍ତପାତ', 'ବିଦ୍ରୋହୀ', 'ବନ୍ଦୀର ମାୟା', 'ବୀର ଯୁବକ' ଆଦି ଉପନ୍ୟାସ ମଧ୍ୟରେ ତାଙ୍କ ଉଚ୍ଚକୋଟୀର ଶୈଳ୍ପିକ ମହନୀୟତାକୁ ଯୁଗ ଯୁଗାନ୍ତର ବ୍ୟାପୀ ଏ ଜାତି ସ୍ମରଣ କରୁଥିବ ନିଶ୍ଚୟ।

'ଆଶା', 'ଉତ୍କଳ ହିତୈଷିଣୀ', 'ସମାଜ', 'ଲୋକମୁଖ, 'ପୁରୀବାସୀ' ଆଦି ସମ୍ବାଦପତ୍ରରେ କାର୍ଯ୍ୟ କରି ସେ ଆହରଣ କରିଥିଲେ ଅମାପ ଅଭିଜ୍ଞତା। ତାଙ୍କ ସାଧନାପୁତ ଜୀବନର କେତୋଟି ଦିଗ ମଧ୍ୟରେ ଅନ୍ତର୍ଗୁମ୍ଫିତ ହୋଇରହିଛି ସକଳ ବିଶେଷତ୍ୱ। ତାହା ହେଲା ସତ୍ୟବାଦୀ ବନବିଦ୍ୟାଳୟର ବିନୀତ ଛାତ୍ର ଭାବରେ ମହାନ ଶିକ୍ଷାଦାତାମାନଙ୍କ ଆଦର୍ଶରେ ଉଦବୁଦ୍ଧ ହେବା, ସ୍ୱାଧୀନତା ସଂଗ୍ରାମରେ ନିଜକୁ ଆହୂତି ଦେବା, ସ୍ୱାଧୀନ ଭାବରେ ଲେଖନୀ ଚାଳନା କରି ଜୀବିକା ନିର୍ବାହ, ସରସ ବ୍ୟଙ୍ଗ ବିଦ୍ରୂପରେ ହୃଦୟଗ୍ରାହୀ ତୀକ୍ଷଣ ସମାଲୋଚନା କରିବାରେ ସମଗ୍ର ଭାରତବର୍ଷରେ ଅଦ୍ୱିତୀୟ ଉଦାହରଣ ସୃଷ୍ଟି। କାହା ପ୍ରତି ବ୍ୟକ୍ତିଗତ ବିଦ୍ୱେଷ ରଖି ସେ ବ୍ୟଙ୍ଗର ଶର ସନ୍ଧାନ କରୁ ନ ଥିଲେ। ଯାହା ସମାଜ ପାଇଁ ହିତକର ଓ ବ୍ୟଙ୍ଗର ଶରବ୍ୟ ହୋଇଥିବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଯାହା ଆମୋଦଦାୟକ ହୋଇପାରେ ସେପରି ସକାରାତ୍ମକ, ଚେତନା ଉତ୍ପନ୍ନ-କ୍ଷମ, ହାସ୍ୟରସ ଉଦ୍ରେକକାରୀ ରଚନା ଦ୍ୱାରା ସେ ଓଡ଼ିଆ ସାହିତ୍ୟକୁ ଏକ ଭିନ୍ନ ଶକ୍ତି ତଥା ସୌକୁମାର୍ଯ୍ୟ ପ୍ରଦାନ କରିପାରିଛନ୍ତି। 'କଣ୍ଟା ଓ ଫୁଲ', 'ବଙ୍କା ଓ ସିଧା'ଦୁଇଟି କବିତା ଗ୍ରନ୍ଥ ପାଇଁ ସେ ରାଜ୍ୟ ଓ ଜାତୀୟସ୍ତରରେ ଲାଭ କରିଛନ୍ତି ଏକାଡେମୀ ପୁରସ୍କାର।

ସତ୍ୟ କହିବା ଓ ତାହାକୁ ପୁଣି ରସାଣିତ କରି ଉପସ୍ଥାପନ କରିବା ଦ୍ୱାରା ଓଡ଼ିଶାର ରାଜନୈତିକ ପରିମଣ୍ଡଳରେ ସେ ଯେଉଁ ସଂସ୍କାର ଆଣିବାର ଆନ୍ତରିକ ପ୍ରୟାସ କରିଛନ୍ତି, ସେ ଦୃଷ୍ଟିରୁ ତାଙ୍କୁ ରାଜନୈତିକ ଚେତନାର ବିବେକ ବୋଲି ଅଭିହିତ କରିବା ସମ୍ପୂର୍ଣ୍ଣ ଯଥାର୍ଥ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପରିକଳ୍ପନାରେ ଅଟକିଗଲା 'ମନୋଦୟ'

ଭୁବନେଶ୍ୱର,୩।୯ (ସମିସ): ରାଜ୍ୟରେ ୧୧ଟି ଜିଲ୍ଲାରେ 'ମନୋଦୟ' ସ୍ଥାପନ କରିବାକୁ ଯୋଜନା କରିଥିଲେ ସରକାର। ଏହାଦ୍ୱାରା ଉକ୍ତ ଜିଲ୍ଲା ସମେତ ନିକଟବର୍ତ୍ତୀ ଜିଲ୍ଲାର ଦିବ୍ୟାଙ୍ଗ ପିଲାମାନେ ସମସ୍ତ ସୁବିଧା ପାଇଥାଆନ୍ତେ। ଫଳରେ କେବଳ ଭୁବନେଶ୍ୱରରେ ରହିଥିବା 'ଭିନ୍ନକ୍ଷମ ପ୍ରତିଷ୍ଠାନ କେନ୍ଦ୍ର-ମନୋଦୟ'କୁ ମାନସିକ ଓ ଶାରିରୀକ ଭିନ୍ନକ୍ଷମଙ୍କ ଚିକିତ୍ସା ନିମନ୍ତେ ଦୂର ଦୂରାନ୍ତରୁ ଆସିବାକୁ ପଡ଼ି ନ ଥାନ୍ତା। ମାତ୍ର ସରକାର ବଦଳିବା ପରେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଏହି ପରିକଳ୍ପନା ଅଧାରେ ଅଟକିଯାଇଛି। ବିଭାଗ ଏହି ପ୍ରସଙ୍ଗକୁ ଭୂଲି ଯାଇଛି ଓ ସରକାର ବି ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଭିନ୍ନକ୍ଷମ ପିଲାମାନେ କିପରି ସ୍ୱାବଲମ୍ବନଶୀଳ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇ ପାରିବେ, ଏଥିପାଇଁ ପୂର୍ବତନ ରାଜ୍ୟ ସରକାର ୨୦୨୧ ମସିହାରେ ପୋଖରୀପୁଟସ୍ଥିତ ଜାତୀୟ ଆଜୀବିକା ସେବା କେନ୍ଦ୍ର (ଏନସିଏସସିଡିଏ) ପରିସରରେ 'ମନୋଦୟ' ବା ଏସିଆଇଇପି(ଷ୍ଟେଟ ଇନଷ୍ଟିଚ୍ୟୁଟ ଫର୍ ଏମ୍ପାୱାରମେଣ୍ଟ ଅଫ୍ ପର୍ସନସ ୱିଥ୍ ଡିଜାବିଲିଟିଜ୍) ସ୍ଥାପନ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୧୬ବର୍ଷ ପର୍ଯ୍ୟନ୍ତ ଉଭୟ ମାନସିକ ଓ ଶାରିରୀକ ଦିବ୍ୟାଙ୍ଗ ମାନେ ସମସ୍ତ ସୁବିଧା ମାଗଣାରେ ପାଉଛନ୍ତି। ଫିଜିଓଥେରାପି ଠାରୁ ଆରମ୍ଭ କରି, ସ୍ପିଚ ଥେରାପି, ବିଭନ୍ନ ପ୍ରକାର ଶାରିରୀକ ବ୍ୟାୟାମ୍ ସାଙ୍ଗକୁ ଆବଶ୍ୟକୀୟ ଉପକରଣ ଏଠାରେ ପ୍ରଦାନ କରାଯାଉଛି। ଏହାସହ ଜଣେ ଦିବ୍ୟାଙ୍ଗ ପିଲା ସହ ଜଣେ ଅଭିଭାବକଙ୍କ ରହଣି ସୁବିଧା ମଧ୍ୟ ରହିଛି। ତେବେ ଭବିଷ୍ୟତରେ ରାଜ୍ୟର ଏହି ଅନୁଷ୍ଠାନକୁ ସମ୍ପୂର୍ଣ୍ଣ ଭାବେ ସ୍ୱୟଂଶାସିତ କରାଯିବା ସହ ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ କରିବାକୁ ବିଭାଗ ଲକ୍ଷ୍ୟ ରଖିଥିଲା। ପ୍ରଥମ ପର୍ଯ୍ୟାୟରେ ୨ଜିଲ୍ଲାରେ ଆରମ୍ଭ କରାଯିବାକୁ ଯୋଜନା ରହିଥିବା ବେଳେ ଗଞ୍ଜାମ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେଉଥିଲେ ବି ଏଯାଏ ଉଦ୍‌ଘାଟନ ହୋଇନଥିବା ସୂଚନା ରହିଛି। ଏହାସହ ଜଟଣୀ ଜିଲ୍ଲାରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ବି ଏହା ଆରମ୍ଭ ହୋଇପାରୁନଥିବା ଜଣାପଡ଼ିଛି। ବିଭାଗର ଜଣେ ବରିଷ୍ଠ ସଦସ୍ୟ କହିଛନ୍ତି ଯେ, ବର୍ତ୍ତମାନ ଅନ୍ୟ ଜିଲ୍ଲାରେ ମନୋଦୟ ପାଇଁ ବିଭାଗର ଯୋଜନା ନାହିଁ। ଏଥିପାଇଁ ଇନଫ୍ରାଷ୍ଟ୍ରକଚର ଆବଶ୍ୟକ ଥିବା ସହ ୨ରୁ ୩ବର୍ଷ ସମୟ ମଧ୍ୟ ଲାଗିବ। ଯେଉଁ ଗୁଡ଼ିକ ରହିଛି ତାହାର ପରିଚାଳନା କରିବାକୁ ମାନବସମ୍ବଳ ଆଶ୍ୟକତା ରହିଥିବା ବେଳେ ମାର୍ଚ୍ଚ ମାସ ଠାରୁ ଆଉଟସୋର୍ସିଂ କର୍ମଚାରୀ ନିଯୁକ୍ତି ବନ୍ଦ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଅନ୍ୟ ଜିଲ୍ଲାରେ ବର୍ତ୍ତମାନ ମନୋଦୟ ସ୍ଥାପନ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉତ୍ତର ଭାରତରେ...

ସଡକ ମୌସୁମୀ ବର୍ଷା ଓ ଭୂସ୍ଖଳନ ଯୋଗୁଁ ବନ୍ଦ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷାଜନିତ ଭୂସ୍ଖଳନ ଯୋଗୁଁ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଆଜି ସକାଳେ କୁଲ୍ଲୁରେ ଭୂସ୍ଖଳନ ଯୋଗୁଁ ଦୁଇ ଜଣ ଲୋକ ପ୍ରାଣ ହରାଇଛନ୍ତି। ସେହିପରି ମଣ୍ଡିର ସୁନ୍ଦରନଗରରେ ଭୂସ୍ଖଳନରେ ଘରଗୁଡ଼ିକ ଭୁଶୁଡ଼ି ପଡ଼ିବାରୁ ୭ ଜଣ ପ୍ରାଣ ହରାଇଛନ୍ତି। ଆବର୍ଜନା ତଳୁ ୪ଟି ମୃତଦେହ ଉଦ୍ଧାର କରାଯାଇଛି। ରାଜ୍ୟର ୭ଟି ଜିଲ୍ଲାରେ ସ୍କୁଲ ଓ କଲେଜକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ନୋଏଡାରେ ଯମୁନା ନଦୀରେ ବନ୍ୟା କାରଣରୁ ୧୦୦୦ଟି ଫାର୍ମହାଉସ୍‌ରେ ପାଣି ପଶିଛି। ମଥୁରା ୯୦୦ ପରିବାର ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛନ୍ତି। ଆଗ୍ରାରେ ଯମୁନା ପାଣି ତାଜମହଲ ପାଚେରିକୁ ସ୍ପର୍ଶ କରିଛି। ଆଗ୍ରାର କେତୋଟି ଘାଟ ଓ ସ୍ମଶାନ ମଧ୍ୟ ବୁଡିଯାଇଛି। ନୋଏଡା ସେକ୍ଟର-୧୬୭ରେ ଯମୁନା ପାଣି ପଶିଛି। ଜମ୍ମୁ-କଶ୍ମୀରରେ ଉଧାମପୁରରେ ଭୂସ୍ଖଳନ ଯୋଗୁଁ ଜମ୍ମୁ- ଶ୍ରୀନଗର ରାଜପଥ ବନ୍ଦ ରହିଛି। ପୁଣି ଆଗାମୀ ୨୪ ଘଣ୍ଟାରେ ଦେଶର ଉତ୍ତର-ପଶ୍ଚିମ ଭାଗରେ ବର୍ଷା ଜାରି ରହିବ ବୋଲି ଅନୁମାନ କରାଯାଉଛି।

### ୧୨%, ୨୮% ଟିକସ...

କରିବା ସାମିଲ ରହିଛି। ସେହିପରି ରପ୍ତାନୀକାରୀଙ୍କ ପାଇଁ ସ୍ୱୟଂଚାଳିତ ଜିଏସ୍‌ଟି ରିଫଣ୍ଡ ବ୍ୟବସ୍ଥାକୁ ଅନୁମୋଦନ ଦିଆଯାଇଛି। ଏହା ଦ୍ୱାରା ପଞ୍ଜିକରଣ ପ୍ରକ୍ରିୟା ଅଧିକ ସରଳ ହେବ। ପରିଷଦର ଏହି ଦୁଇ ଦିନିଆ ବୈଠକରେ ଜିଏସ୍‌ଟି ହାର ଉପରେ ଆସିଥିବା ପ୍ରସ୍ତାବ ଏବଂ ସୁଧାରକୁ ନେଇ ଚର୍ଚ୍ଚା ଜାରି ରହିଛି। ବୈଠକ ଶେଷ ହେବା ପରେ ଗୁରୁବାର ଏ ନେଇ ଘୋଷଣା କରାଯିବ।

ସୂତ୍ର ଅନୁଯାୟୀ ୨୫୦୦ ଟଙ୍କା ପର୍ଯ୍ୟନ୍ତ ଜୋତା ଏବଂ ପୋଷା ଉପରେ ଜିଏସ୍‌ଟି ହାର ହ୍ରାସ କରି ୫ ପ୍ରତିଶତ କରାଯାଇପାରେ। ବୀମା ପ୍ରିମିୟମର ହାରକୁ ହ୍ରାସ କରିବା ପାଇଁ ପରିଷଦରେ ସହମତି ପ୍ରକାଶ ପାଇଛି। ଫଳରେ ସ୍ୱାସ୍ଥ୍ୟବୀମା ଶସ୍ତା ହେବ। ଜୀବନ ରକ୍ଷାକାରୀ ଔଷଧ ଉପରୁ ଟିକସ ହାର ମଧ୍ୟ କମ୍ କରାଯାଇପାରେ। ସେହିପରି ୨୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟ ବିଳାଶପୂର୍ଣ୍ଣ ଇଲେକ୍‌ଟ୍ରିକ୍ ଗାଡ଼ି ଉପରେ ଜିଏସ୍‌ଟି ହାର ୫ ପ୍ରତିଶତରୁ ବଢ଼ାଇ ୧୮ ପ୍ରତିଶତ କରାଯାଇପାରେ। ଏହାକୁ ଅନୁମୋଦନ ମିଳିଲେ ଟାଟା ମୋଟର୍ସ, ମହିନ୍ଦ୍ରା, ଟେସ୍‌ଲା ଏବଂ ମର୍ସିଡିଜ୍-ବେଞ୍ଜ ଭଳି କମ୍ପାନୀର ସମସ୍ୟା ବଢ଼ିପାରେ। ଏହି ବୈଠକରେ ବିରୋଧୀ ରାଜ୍ୟଗୁଡିକ କେନ୍ଦ୍ର ନିକଟରେ ରାଜସ୍ୱ ସୁରକ୍ଷା ଏବଂ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା କରିବାକୁ ଦାବି କରିଛନ୍ତି। ବିରୋଧୀ ରାଜ୍ୟଗୁଡିକର ସୂଚନା ଅନୁଯାୟୀ କମ୍ ଟିକସ ଲଗାଇ କମ୍ପାନୀଗୁଡିକ ଲାଭ ଉଠାଇବାକୁ ନ ଦେବା ଉଚିତ। ଟିକସ ହ୍ରାସର ଲାଭ ସିଧାସଳଖ ଗ୍ରାହକଙ୍କ ନିକଟରେ ପହଞ୍ଚିବା ଉଚିତ। ଏହା ସହିତ ନୂଆ ଟିକସ ସ୍ଲାବ ଦ୍ୱାରା ହେଉଥିବା କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ଆର୍ଥିକ ସହାୟତା ଦେବା ଆବଶ୍ୟକ। ପୂର୍ବରୁ ଏଥିପାଇଁ ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି କ୍ଷତି ହେବ ବୋଲି କୁହାଯାଇଥିଲା। କିଛି ବିଜେପି ଶାସିତ ରାଜ୍ୟ ମଧ୍ୟ ରାଜସ୍ୱ କ୍ଷତି ଉପରେ ଚିନ୍ତା ପ୍ରକଟ କରିଛନ୍ତି। ଏହି ବୈଠକରେ ଆରବିଆଇ ଅଧ୍ୟକ୍ଷଙ୍କ ସହିତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡିକର ଅର୍ଥମନ୍ତ୍ରୀମାନେ ସାମିଲ ହୋଇଛନ୍ତି।

### ଚୂଡ଼ାନ୍ତ ହେବ ମନ୍ତ୍ରିମଣ୍ଡଳ...

ଦିଲ୍ଲୀରେ ପହଞ୍ଚିଥିଲା। ଶୀର୍ଷ ନେତୃତ୍ୱ ଏହାକୁ ଗୁରୁତର ସହ ନେଇ ପରସ୍ପର ମିଳିମିଶି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିଲେ ହେଁ ତାହା ଚୂଡ଼ାନ୍ତ ହୋଇ ନ ଥିଲା।

ଶେଷରେ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଉଛି। ବିଶେଷକରି ଦୁଇଗୋଷ୍ଠୀ ମଧ୍ୟରେ ମନ୍ତ୍ରୀପଦକୁ ନେଇ ଭାଗବାଣ୍ଟ ଛିଡ଼ିଥିବା ବେଳେ ଶେଷ ନିଷ୍ପତ୍ତି ଦିଲ୍ଲୀରେ ହେବ ବୋଲି ସୂଚନା ମିଳିଛି। ସେଥିପାଇଁ ହଠାତ୍ ମନମୋହନଙ୍କୁ ଶୀର୍ଷ ନେତୃତ୍ୱ ଡକାଇଥିବା ବିଜେପି ଅଳିନ୍ଦରେ ଚର୍ଚ୍ଚା ହେଉଛି। ଯଦି ସବୁ ଠିକ୍‌ଠାକ ରୁହେ ତାହେଲେ ମୌସୁମୀ ଅଧିବେଶନ ପୂର୍ବରୁ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହେବ। ନହେଲେ ଅଧିବେଶନ ସରିବା କ୍ଷଣି ସମ୍ପ୍ରସାରଣ ସମ୍ପନ୍ନ ହେବ ବୋଲି ବିଜେପିର ଜଣେ ବରିଷ୍ଠ ନେତା କହିଛନ୍ତି। ଅପରପକ୍ଷେ ନିଗମ, ବୋର୍ଡକୁ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରିନଥିବା ବେଳେ ଏଥିପାଇଁ ଆହୁରି କିଛି ସମୟ ଲାଗିପାରେ ବୋଲି ଉକ୍ତ ନେତାଜଣକ ସୂଚନା ପ୍ରଦାନ କରିଛନ୍ତି।

### ସ୍ନାତକଙ୍କ ପାଇଁ ...

ମଧ୍ୟ ଜାରି ରହିଛି। ହେଲେ ବହୁ ପ୍ରତୀକ୍ଷିତ କମ୍ବାଇଣ୍ଡ୍ ଗ୍ରାଜୁଏସନ୍ ଲେଭେଲ୍ (ସିଜିଏଲ୍) ପାଇଁ ଏବେ ଯାଏଁ ବିଜ୍ଞପ୍ତି ବାହାରି ନାହିଁ। ଅନୁରୂପ ଭାବେ ଅଗଷ୍ଟ ଶେଷ ସୁଦ୍ଧା ୨୨ହଜାର ଗ୍ରୁପ୍-ସି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଅଗଷ୍ଟ ଯାଇ ସେପ୍ଟେମ୍ବର ହୋଇଥିଲେ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇନି। ଫଳରେ ଆଶାୟୀମାନେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଉପରେ ସନ୍ଦେହ ପ୍ରକାଶ କରିବା ସହ ତୁରନ୍ତ ବିଜ୍ଞପ୍ତି ବାହାର କରିବାକୁ ଦାବି କରିଛନ୍ତି।

ଅପରପକ୍ଷରେ ଏକାଧିକ ନିଯୁକ୍ତି ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ବିଜ୍ଞପ୍ତି ପାଇଁ ଆଶାୟୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି। ହାଇକୋର୍ଟରେ ମାମଲା ଗଡୁଥିବାରୁ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ୨୦୨୪ରେ ପ୍ରକାଶ ପାଇଥିବା ଓଡ଼ିଶା ପୁଲିସ୍ ରୁକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି) ପରିଚାଳିତ ପୁଲିସ୍ ଡ୍ରାଇଭର୍ (ପିଏମ୍‌ଟି), ଆଇଆର୍‌ବି ଓ ଏସ୍‌ଏସ୍‌ବି ବାଟାଲିଅନ୍, ପୁଲିସ୍ ଏସ୍‌ଆଇ ପରୀକ୍ଷା ନେଇ ମାମଲା ହୋଇଥିଲା। ଫଳରେ ଏବେଯାଏଁ ନିଯୁକ୍ତି ପ୍ରକ୍ରିୟା ସରିପାରି ନାହିଁ। ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ପରି ଅନେକ ପଦରେ ନିଯୁକ୍ତି ପ୍ରକ୍ରିୟା କୋର୍ଟଙ୍କ ବିଚାରଧୀନ ଥିବାରୁ ନିଯୁକ୍ତି ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଣୁ ନିୟମିତ ଭାବେ ଖାଲି ଥିବା ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାର କରିବାକୁ ଆଶାୟୀ ସୁନୀଲ କୁମାର ମିଶ୍ର ଦାବି କରିଛନ୍ତି।

### ରାଜ୍ୟସାରା ନିର୍ଦ୍ଧୂମ୍...

ଝାରସୁଗୁଡ଼ାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ଆଶଙ୍କା ରହିଥିବା ବେଳେ ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଛି। ୪ ତାରିଖ ପରେ ବର୍ଷାର ପ୍ରଭାବ କମିଲେ ମଧ୍ୟ ୫ ଓ ୬ ତାରିଖରେ କିଛି କିଛି ସ୍ଥାନରେ ବର୍ଷା ଆଶଙ୍କା ରହିଛି।

ରାଜ୍ୟରେ ଲଘୁଚାପ ଜନିତ ବର୍ଷା ପରେ ବିଭିନ୍ନ ନଦୀରେ ଜଳସ୍ତରରେ ବୃଦ୍ଧି ପାଇବାରେ ଲାଗିଛି। ବର୍ଷା ନଦୀ ଜଳସ୍ଥିତିକୁ ନେଇ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ରାଜ୍ୟରେ ଯେଉଁ ଅଧିକ ବର୍ଷା ଆକଳନ ହୋଇଥିଲା ସେପରି ବର୍ଷା ହୋଇନାହିଁ। ଆଖୁଆପଦାରେ ଯଦିଓ ବୈତରଣୀ ସତର୍କ ସଂକେତ ଉପରେ ଅଛି, ହେଲେ ଜଳସ୍ତର ବିପଦ ସଙ୍କେତ ଉପରକୁ ଯିବନି। ଗତକାଲି ୧୬ଟି ବ୍ଲକ୍ ମୁଖ୍ୟାଳୟରେ ୫୦ ମିମିରୁ ଅଧିକ ବର୍ଷା ହୋଇଛି। ମାତ୍ର ରାଜ୍ୟର କୌଣସି ଗୋଟିଏ ସ୍ଥାନରେ ବନ୍ୟା ସ୍ଥିତି ନାହିଁ ବୋଲି ସେ କହିଛନ୍ତି। ତେବେ ପାଣି ସମୁଦ୍ରକୁ ଯିବା ପାଇଁ ସମୟ ଲାଗେ। ତେଣୁ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ବୁଢାବଳଙ୍ଗ ଏବଂ ସୁବର୍ଣ୍ଣରେଖା ଭଳି ପ୍ରମୁଖ ନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇଛି। ସୋମବାରଠାରୁ ବର୍ଷା ହେବା ପରେ କିଛି ନଦୀ ଫୁଲିବା ଆରମ୍ଭ କରିଛି।

ରାଜ୍ୟରେ ମୌସୁମୀ ଋତୁରେ ସେପ୍ଟେମ୍ବର ୩ ସୁଦ୍ଧା ୯୦୭ ମିମି ବର୍ଷା ହୋଇଛି। ଏହି ସମୟରେ ସ୍ୱାଭାବିକ ବର୍ଷା ୯୪୧ ମିମି ତୁଳନାରେ ୪ ମିମି କମ୍ ବର୍ଷା ହୋଇଛି। ଜିଲ୍ଲାୱାରୀ ସ୍ଥିତିରେ ୯ ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଟି ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ହୋଇଛି ଓ ବାକି ସମସ୍ତ ଜିଲ୍ଲାରେ ବର୍ଷାର ସ୍ଥିତି ସ୍ୱାଭାବିକ ରହିଛି। ପୁରୀ ଓ କନ୍ଧମାଳ ଜିଲ୍ଲାରେ ବର୍ଷାର ସ୍ଥିତି ସବୁଠୁ ଅଧିକ ଅର୍ଥାତ ୩୧ ଓ ୩୦ ପ୍ରତିଶତ ଲେଖାଏଁ ନିଅଣ୍ଟିଆ ରହିଛି।

### ନିଶା ନିବାରଣ...

ଆତ୍ମହତ୍ୟା କରିବ ବୋଲି ପ୍ରଶାନ୍ତ ପ୍ରଶ୍ନ କରିଛନ୍ତି। ଯଦି ସୂର୍ଯ୍ୟକାନ୍ତ ଆତ୍ମହତ୍ୟା କରିଲେ, ପରିବାର ଉପସ୍ଥିତିରେ ମୃତଦେହ ଉଦ୍ଧାର ନକରି କାହିଁକି ତରବରିଆ ଭାବେ ଶବ ଉଦ୍ଧାର କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହା ଆତ୍ମହତ୍ୟା ନୁହଁ, ବରଂ ତାଙ୍କୁ ହତ୍ୟା ପରେ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରାଯାଇଛି ବୋଲି ପ୍ରଶାନ୍ତ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅନ୍ତେବାସୀ ଓ ନିଶା ନିବାରଣ କେନ୍ଦ୍ରର କର୍ମଚାରୀଙ୍କୁ ପଚରାଉଚରା କରିଛି।

ପୂର୍ବରୁ ମଧ୍ୟ ଅନେକ ଅଘଟଣ ଘଟିଛି। କେଉଁଠି ମାଡ଼ମରା ଯାଉଥିବାର ଭିଡିଓ ଭାଇରାଲ ହୋଇଛି ତ ଆଉ କେଉଁଠି ହତ୍ୟା କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ହେଲେ ଏସବୁରେ ଏପର୍ଯ୍ୟନ୍ତ ରୋକ୍ ଲାଗି ପାରିନାହିଁ। ଅଘଟଣ ଘଟିବା ପରେ ପୁଲିସ କେବଳ ତନାଘନା କରି ବସି ପଡୁଛି। ନିଶା ନିବାରଣ କରିବା ପାଇଁ ଥିବା ନିୟମାବଳୀ ଅନୁପାଳନ ହେଉନାହିଁ କି କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିଛି କି ନାହିଁ ସେନେଇ ମଧ୍ୟ ଯାଞ୍ଚ ହେଉନାହିଁ। କିଛି ଦିନ ତଳେ 'ସ୍ୱୀକାର' ନାମକ କେନ୍ଦ୍ରରେ ଝରଣା ସାହିର କାଳୁ ନାୟକଙ୍କ ମୃତ୍ୟୁ ଘଟିଥିଲା। ପୂର୍ବରୁ ସରଦେଇପୁର ଠାରେ ଥିବା 'ଶ୍ରଦ୍ଧା' ନିଶା ନିବାରଣ ଗୃହ ବିରୋଧରେ ସମାନ ଅଭିଯୋଗ ଆସିଥିଲା। ଏହା ପୂର୍ବରୁ ପାଣ୍ଡରା ଅଞ୍ଚଳରେ ଥିବା ସାଇକୃପା ଡିଆଡିକ୍ସନ ସେଣ୍ଟରରେ ସର୍ବେଶ୍ୱର ବେହେରାଙ୍କୁ ପିଟିପିଟି ମାରିବା ଘଟଣାରେ ୩ ଜଣ ଗିରଫ ହୋଇଥିଲେ। ସେହିପରି ପାଣ୍ଡରା ଅଞ୍ଚଳରେ ଥିବା କୃପା ଫାଉଣ୍ଡେସନ ଓ ଉତ୍ତରାରେ ଥିବା ଦିଶା ଫାଉଣ୍ଡେସନରେ ମଧ୍ୟ ୨ ଜଣଙ୍କ ମୃତ୍ୟୁ ହୋଇଥିଲା।

ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗ ଜରିଆରେ ଏନଜିଓ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଛତୁ ଫୁଟିବା ଭଳି ନିଶା ନିବାରଣ କେନ୍ଦ୍ର ଗଢ଼ି ଖୋଲୁଛନ୍ତି। ଉକ୍ତ କେନ୍ଦ୍ର ଗୁଡ଼ିକରେ ଅନେକ ନିର୍ଯାତନାର କାହାଣୀ ସାମ୍ନାକୁ ଆସୁଛି। ସେହି ସମୟରେ ପୁଲିସ ତତ୍ପରତା ଦେଖାଉଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସ୍ଥାଣୁ ପାଲଟି ଯାଉଛି। ନିୟମିତ ଭାବେ ଯାଞ୍ଚ ହେଉନଥିବାରୁ ସେଠାରେ କ'ଣ ଘଟୁଛି ତାହା ବାହାରକୁ ଜଣା ପଡୁନାହିଁ। ଏଥିସହିତ ନିଶା ନିବାରଣ କେନ୍ଦ୍ରରେ ନିଶା ଛଡ଼ାଇବା ଲାଗି କ'ଣ କରାଯାଉଛି, ଅଭିଜ୍ଞ ବିଶେଷଜ୍ଞ ରହିଛନ୍ତି କି ନାହିଁ ତାହା ମଧ୍ୟ କାହାରିକୁ ଜଣାନାହିଁ। ଅନଭିଜ୍ଞ କର୍ମଚାରୀ ସାଙ୍ଗକୁ ଅନ୍ତେବାସୀଙ୍କ ସୁରକ୍ଷାରେ ତ୍ରୁଟି ଅଭାବ ଓ ସିସିଟିଭି ବ୍ୟବହାରକୁ ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଆସୁଛି।

## ପାର୍ବଣ ପୂର୍ବରୁ ରାସ୍ତା ମରାମତି

ଭୁବନେଶ୍ୱର,୩।୯ (ସମିସ): ଦଶହରା ପୂର୍ବରୁ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର ମରାମତି କାମ ଶେଷ ହେବ। ଏଥିପାଇଁ ଆସନ୍ତା ୬ ତାରିଖରେ ବିଏମ୍‌ସି ଓ ସିଏମ୍‌ସି ସମେତ ରାଜ୍ୟର ସବୁ ସହରାଞ୍ଚଳ ରାସ୍ତାର କାମକୁ ନେଇ ସମୀକ୍ଷା ହେବା ସହ ୨୦ ତାରିଖ ସୁଦ୍ଧା କିପରି ଏହି ରାସ୍ତାଗୁଡ଼ିକର ମରାମତି କାମ ଶେଷ ହେବ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପୂର୍ତ୍ତମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବାକୁ ଥିବା ବେଳେ ଏଥିରେ ବିଏମ୍‌ସି ଓ

**୬ରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ**

ସିଏମ୍‌ସି ଅଞ୍ଚଳର ସମସ୍ତ ବିଧାୟକ ଓ ଦୁଇ ମେୟର ଉପସ୍ଥିତ ରହିବେ। ବୁଧବାର ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ମୌସୁମୀ ସମୟରେ ରାଜ୍ୟର ସମସ୍ତ ସହରାଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଅନେକ ସ୍ଥାନରେ ଖାଲଖମା ଯୋଗୁଁ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ଆଗକୁ ପାର୍ବଣ ଆସୁଥିବାରୁ ରାସ୍ତା ମରାମତି ନ ହେଲେ ବହୁ ଲୋକ ହଇରାଣ ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି କିପରି ପାର୍ବଣ ପୂର୍ବରୁ ସହରାଞ୍ଚଳର ରାସ୍ତାଗୁଡ଼ିକ ମରାମତି ହୋଇପାରିବ ସେଥିପାଇଁ ପ୍ରତିବର୍ଷ ଏଭଳି ବୈଠକ ଆୟୋଜନ ହେଉଛି।

**AFFIDAVIT**

By virtue of an affidavit before notary Jharsuguda, I Raj Kumar Kakani, S/o. Late Vassand Ram Kakani, aged about 61 years, R/o. Kakani Complex, Main Road, Jharsuguda, PS/Dist-Jharsuguda, declares that, My actual, true and correct name is Raj Kumar Kakani as mentioned in my Aadhaar Card vide No.4255 9577 3610. In my Passport vide Passport No. J 8483976 my name has been wrongly mentioned as Raju Kakani instead of Raj Kumar Kakani.That, the names Raj Kumar Kakani and Raju Kakani relates to same and one person i.e. myself only none else. From today I shall be known as RAJ KUMAR KAKANI S/o. Vassand Ram Kakani for all purpose.

**Notice (for Minor)**

By virtue of an affidavit sworn before Executive Magistrate, Bhubaneswar dated 03.09.2025 I, Lingaraj Prasad Barik Address At-Uttarana (Kandal), PO-Uttarana, PS-Gobindpur, Dist-Cuttack, Odisha, Pin-754105 declare that I have changed the name of my son from Shulin Snehashish (old name) to Shri Shulin Snehashis (new name). Henceforth, he shall be known as Shri Shulin Snehashis (new name) for all purposes.

Lingaraj Prasad Barik

**AFFIDAVIT**

By virtue of an affidavit no.05, dtd. 01.09.2025 before the Notary Public, Bhanjanagar, Ganjam, I, Sarojini Dakua, have changed my name from Sajani Dakua to Sarojini Dakua. Henceforth I shall be known as Sarojini Dakua for all purposes.

Sd/- Sarojini Dakua

**AFFIDAVIT**

I, Mirza Mehbub Alam Baig, S/o.: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan, P.S.: Mancheswar, Bhubaneswar-751017, Odisha Declare by this Affidavit No.: 2263, Dated: 02/09/2025 that now onwards I shall be known as **Mirza Mehebub Alam Baig,** for all future purposes.

Mirza Mehebub Alam Baig

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar dated 01.09.2025, I, **Sushree Yajnaseni Mohapatra** permanent resident of Vill: Arjunpur, PO.: ABC Patna, P.S.: Dhusuri, Dist.: Bhadrak, PIN-755036, Odisha, currently residing at C/o-Manoranjan Lenka, L-115, Phase-II, Basanti Colony, PO.: Uditnagar, Sub-Dist.: Raghunathpalli, Dist.: Sundargarh, PIN-769012, Odisha declare that I have changed my name from Yajnaseni Mohapatra to (Sushree Yajnaseni Mohapatra. Henceforth, I shall be known as **Sushree Yajnaseni Mohapatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF.NO- 128, dated 26-08-2025 I, **SWAGATIKA BARIK,** D/o Govinda Barik permanent resident of Village At-Kiapalla, PO- Nuagaon, PS- Banki Dist-Cuttack, State- Odisha, Pin- 754008 declare that I have changed my name from **GEETA DEVI** (Old name) to **SWAGATIKA BARIK** (New name). Henceforth, I shall be known as **SWAGATIKA BARIK** for all future purposes.

Sd/-( **SWAGATIKA BARIK** )

**AFFIDAVIT**

I, Behera Dinesh Kamlakanth, S/o Kamlakanta, resident of At/Po/Ps-Bhograi, Dist.-Balasore, Pin.No-756038, State-Odisha declared by this affidavit no-3156 dated 30-08-2025 that now onwards I shall be known as Dinesh Kamalakanta Behera (24) S/o-Kamalakanta Behera for all future purposes.

**AFFIDAVIT**

By virtue of an affidavit no.732, dtd. 01.09.2025 before the Sub-Divisional Magistrate / Assistant Collector /Sub-Collector, Nabarangpur, I, Namramani Majhi have changed my name from Nabaramani Christian to Namramani Majhi. Henceforth I shall be known as **Namramani Majhi** for all purposes.

Sd/- Namramani Majhi

**AFFIDAVIT**

By virtue of an affidavit sworn before The Executive Magistrate Banpur, Dist.- Khordha vide no.-3367, Dated- 2/9/2025, I Radharani Sen, aged about 37 yrs., W/O- Haribandhu Sen, Address At- Lahangadihi, Po.- Gambharimunda, Ps.-Banpur, Dist.- Khordha, Pin- 752035, Odisha, declare that I have changed my minor daughter's name from **Harshita Sen** to **Shushree Harsita Raginee Sen.** Henceforth, she shall be known as **Shushree Harsita Raginee Sen** for all purpose.

**Shushree Harsita Raginee Sen**

**AFFIDAVIT**

I Jyotirmayee Mohanty, W/o- Asim Mohanty, resident of Friends Colony, Ps- Manglabag, Dist- Cuttack, Pin-753001, Odisha declare that by this affidavit Sl No. 210, dtd. 12/07/2025 that now onwards I shall be known as **Jyotirmayee Kanungo** for all future purposes.

**FORM NO. URC-2**

Advertisement giving notice about registration under
**Part I of Chapter XXI**
[Pursuant to Section 374(b) of the Companies Act, 2013 and Rule 4(1) of the Companies (Authorised to Register) Rules, 2014]

1. Notice is hereby given that in pursuance of sub-section (2) of Section 366 of the Companies Act, 2013, an application has been made to the Registrar at Central Registration Centre (CRC), Indian Institute of Corporate Affairs (IICA), Plot No.6,7 & 8, Secotr-5, IMT Manesar, Dist: Gurgaon (Haryana) Pin-122050 that M/s. NEW BORN AND PEDIATRIC HEALTH CENTRE a partnership firm may be registered under Part I of Chapter XXI of the Companies Act, 2013, as a Company Limited by Shares with the name may be read as NEW BORN AND PEDIATRIC HEALTH CENTRE PRIVATE LIMITED.
2. The Principal object of the Company are as follows:
To take over the running business of M/s. NEW BORN AND PEDIATRIC HEALTH CENTRE (Partnership Firm) and to do the business relating to acquire, establish, maintain, operate, run, manage or administer hospitals, medicare, nursing homes, health care, diagnostic, health aids, and research centres and to do the business of pharmacy and surgical items and equipments for medical use and to carry related business activities.
3. A copy of the draft Memorandum and Articles of Association of the pro posed company may be inspected at the Office at: Plot No- D/54 Sector-7, CDA, 0802/808, Cuttack- 753014, Odisha.
4. Notice is hereby given that any person objecting to this application may communicate their objection in writing to the Central Registration centre (CRC)-ROC CRC, IICA, Manesar, Plot No.6,7 & 8, Secotr-5, IMT Manesar, Gurgaon-122050 within Twenty One days from date of publication of this notice, with a copy to the Firm i.e. Proposed Company at its office address mentioned above.

Dated this 3rd day of Sep, 2025.

For and on behalf of
M/s. New Born And Pediatric Health Centre
Sd/-
(Mr. Udayanath Upadhaya) Partner

**GOVERNMENT OF ODISHA, DEPARTMENT OF WATER RESOURCES** A-572
Office of the Engineer-In-Chief, Water REsources, Secha Sadan, Bhubaneswar
Email address: cemech.eicwr.od@gmail.com
e-Procurement Notice- Bid Indentification No.- CEM/MDC-16/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 16/ 2025-26
5. Estimated Cost : Rs. 94,77,043.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.06.09.2025 (10.00 AM) to dt.18.09.2025(5.30 PM)
8. Last date/ time for receipt of bid In the Portal : dt. 18.09.2025 (up to 5.30 PM)
9. Date and Place of opening of Technical Bid : dt.19.09.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0072/2526

**THE ORISSA MINERALS DEVELOPMENT COMPANY LTD.**
(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

STATEMENT OF REVIEWED STANDALONE FINANCIAL RESULTS FOR THE QTR. ENDED 30th JUNE 2025-IND-AS COMPLIANT

| SL. NO. | PARTICULARS | Qtr-I ENDING 30.06.2025 | Qtr-I ENDING 30.06.2024 | FOR YEAR ENDING 31.03.2025 |
|---|---|---|---|---|
| | | (Reviewed) | (Reviewed) | (Audited) |
| 1 | Total Income from Operation / Other Income | 2,103.28 | 1,465.44 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (278.61) | (207.81) | (4,840.40) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (278.61) | (207.81) | (4,840.40) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (278.61) | (207.81) | (4,840.40) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | (278.61) | (207.81) | (4,022.39) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,496.43) | (1,341.73) | (5,217.81) |
| 8 | Net Worth | (5,436.43) | (1,281.73) | (5,157.81) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.64) | (3.46) | (67.04) |
| | 2. Diluted | (4.64) | (3.46) | (67.04) |

1. The above results of the Company were approved by the Board of Directors at their respective meetings held on 02nd September 2025.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

For and on behalf of the Board of Director
Sd/-
(Vasudha Chandra Suratkal)
Managing Director

**Place:** Bhubaneswar
**Date:** 2nd September 2025

**EASTERN INVESTMENTS LIMITED**
CIN: L65993OR1927GOI034842
Regd. Office :Plot No:255, Pristine Green, Pokhariput, Bhubaneswar-751020

STATEMENT OF STANDALONE & CONSOLIDATED REVIEWED FINANCIAL RESULTS FOR THE QUARTER ENDED 30TH JUNE 2025

| Sl. No. | Particulars | Standalone | | | Consolidated | | |
|---|---|---|---|---|---|---|---|
| | | Quarter Ended | | Year Ended | Quarter Ended | | Year Ended |
| | | 30.06.2025 | 30.06.2024 | 31.03.2025 | 30.06.2025 | 30.06.2024 | 31.03.2025 |
| | | (Reviewed) | | (Audited) | (Reviewed) | | (Audited) |
| 1 | Total Income from Operation(including Other Income) | 32.25 | 42.91 | 44.27 | 4,497.58 | 2,756.45 | 13,405.00 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 15.99 | 23.30 | (44.47) | 175.11 | 176.31 | (4,119.11) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (0.39) | 4.76 | (28.91) | 19.35 | 67.25 | (3,518.39) |
| 5 | Total Comprehensive income for the period [comprising profit / (loss) for the period(after tax) and other comprehenshive income (after tax)] | (0.39) | 4.76 | (28.91) | 19.35 | 67.25 | (3,525.52) |
| 6 | Net Profit attributable to Non Controlling Interests | - | - | - | (1.04) | 19.10 | (1,791.41) |
| 7 | Net Profit attributable to Owners of the Company | - | - | - | 20.39 | 48.15 | (1,726.98) |
| 8 | Paid up Equity Share Capital (Face Value Rs. 10/- each) | 144.44 | 144.44 | 144.44 | 141.90 | 141.90 | 141.90 |
| 9 | Other Equity (Excluding Revaluation Reserve as per Balance Sheet) | 26,546.25 | 26,580.31 | 26,546.64 | (9,388.86) | (7,630.55) | (9,409.25) |
| 10 | Earning per share ( Rs) | | | | | | |
| | (i) Basic: | (0.03) | 0.33 | (2.00) | 1.44 | 3.39 | (121.71) |
| | (ii) Diluted | (0.03) | 0.33 | (2.00) | 1.44 | 3.39 | (121.71) |

1. The above results of the Company were approved by the Board of Directors at their respective meetings held on 02-09-2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

**Place:** Visakhapatnam
**Date:** 2nd September 2025

Sd/-
(S.C.Pandey)
Managing Director-EIL

# ବର୍ଷା ବିପ୍ଳବ; ସୁବର୍ଣ୍ଣରେଖା ଓ ଜଳକାରେ ବନ୍ୟା ଆଶଙ୍କା

କାଳିପଦା/ରାଜଘାଟ, ୩।୯ (ସମିସ)



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବାଲେଶ୍ୱର ଜିଲ୍ଲା ଦେଇ ପ୍ରବାହିତ ସୁବର୍ଣ୍ଣରେଖା ଓ ଜଳକା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ସୁବର୍ଣ୍ଣରେଖା ନଦୀକୂଳ ବାଲିଆପାଳ ବ୍ଲକର କୁମ୍ଭାରୀ, ନିଖିରା, ଶ୍ରୀରାମପୁର, ଅସ୍ତି, ବାଲିଆପାଳ, ବିଷ୍ଣୁପୁର, ଜାମ କୁଣ୍ଡା ଆଦି ପଞ୍ଚାୟତର ଲୋକମାନେ ବନ୍ୟା ଆଶଙ୍କାରେ ରହିଛନ୍ତି। ଏହି ସବୁ ପଞ୍ଚାୟତର ତଳିଆ ଅଞ୍ଚଳରେ ବର୍ଷା ପାଣି ଲହଡି ଭାଙ୍ଗୁଛି। ଖୋଳସା ପାଣ୍ଡ, ଚାନ୍ଦମଣୀ ପାଣ୍ଡ, କାଳନ୍ଦା ପାଣ୍ଡ, ମଧୁପୁରା ପାଣ୍ଡ ଆଦିରେ ଦୁଇ ଫୁଟରୁ ଅଧିକ ପାଣି ଜମି ଗଲାଣି। ଖରିଫ ଧାନ ଚାଷ ମଧ୍ୟ ବର୍ଷା ପାଣିରେ ବୁଡି ରହିଛି। ଏହି ସବୁ ପଞ୍ଚାୟତର ତଳିଆ ଅଞ୍ଚଳର ଲୋକଙ୍କ ଘରେ ମଧ୍ୟ ବର୍ଷା ପାଣି ପଶିଛି। ସେହିପରି ବଙ୍ଗୋପସାଗର କୂଳ ଡଗରା, ବେତରଡ଼ିଆ, ନୂଆଗାଁ, ପଞ୍ଚୁପାଲି, କାଖାରାଇ ଆଦି ପଞ୍ଚାୟତର ଲୋକ ମାନେ ସମୁଦ୍ର ଜୁଆର ମାଡି ଆସିବା ଆଶଙ୍କାରେ ରହିଛନ୍ତି। ଅନ୍ୟପକ୍ଷରେ ଗତକାଲିଠୁ ସୁବର୍ଣ୍ଣ ରେଖା ନଦୀର ଜଳସ୍ତର ବଢ଼ିବାକୁ ଲାଗିଛି।

ସେହିପରି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀର ଜଳସ୍ତର ବୁଧବାର ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ମଥାନୀଠାରେ ନଦୀର ସତର୍କ ସଙ୍କେତ ୬ ମିଟର ଓ ବିପଦ ସଙ୍କେତ ୭.୫ ମିଟର ରହିଛି। ମଙ୍ଗଳବାର ଭୋର ୪ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୬.୦୧ ମିଟରରେ ପ୍ରବାହିତ ହେଉଥିଲା। ବୁଧବାର ପୂର୍ବାହ୍ନ ୯ଟା ସୁଦ୍ଧା ସତର୍କ ସଙ୍କେତ ଟପି ୬.୦୫ ମିଟରରେ ପ୍ରବାହିତ ହେଉଛି। ଯାହାକୁ ନେଇ ଜଳକାରେ ପୁଣି ବନ୍ୟା ଆଶଙ୍କା ଦେଖାଦେଇଛି। ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବସ୍ତା ଓ ସଦର ବ୍ଲକର ଶତାଧିକ ହେକ୍ଟର ଚାଷଜମି ଜଳାର୍ଣ୍ଣବ ହୋଇଛି। ବନ୍ୟା ଆଶଙ୍କା ଚାଷୀଙ୍କୁ ଦୁର୍ବିଷା ଆଣିଦେଇଛି। ଭୟଭୀତ ଅବସ୍ଥାରେ ରହିଛନ୍ତି ନଦୀ କୂଳିଆ ବାସିନ୍ଦା। ଲଘୁଚାପଜନିତ ଲଗାଣ ବର୍ଷା କାରଣରୁ ବଢୁଛି ନଦୀର ଜଳସ୍ତର। ଗତ ଦୁଇଦିନ ଧରି ବାଲେଶ୍ୱର ସମେତ ପଡୋଶୀ ମୟୂରଭଞ୍ଜ ଜିଲାରେ ପ୍ରବଳ ବର୍ଷା ହୋଇଛି। ଫଳରେ ବସ୍ତା ଦେଇ ପ୍ରବାହିତ ହେଉଥିବା ଜଳକା ନଦୀ ଅବବାହିକା ସମେତ ନଦୀର ଉପର ମୁଣ୍ଡ ରାସଗୋବିନ୍ଦପୁର, ମୋରଡା, ଶୁଳିଆପଦା, ଚିତ୍ରଡା ଅଞ୍ଚଳରେ ପ୍ରବଳ ବର୍ଷା କାରଣରୁ ବୃଦ୍ଧି ପାଉଛି ନଦୀର ଜଳସ୍ତର। ତଳିଆ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ବନ୍ୟା ପରିସ୍ଥିତି ମୁକାବିଲା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ଏଡିଏମ୍ ସୁଧାକର ନାୟକ ସୂଚନା ଦେଇଛନ୍ତି।

## ମହିଳା ମହାବିଦ୍ୟାଳୟରେ ପଶିଲା ପାଣି



ନୀଳଗିରି, ୩।୯ (ସମିସ): ନୀଳଗିରିରେ ଲଘୁଚାପ ବର୍ଷା ସୋମବାର ରାତ୍ରି ଠାରୁ ଲାଗିରହିଥିବାବେଳେ ମଙ୍ଗଳବାର ରାତ୍ରିରେ ମଧ୍ୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ନୀଳଗିରି ସହରର ବିଭିନ୍ନ ରାସ୍ତାରେ ଦୀର୍ଘ ସମୟ ଧରି ବର୍ଷା ପାଣିର ସୁଅ ଛୁଟିଥିଲା। ଏହି ଲଗାଣ ବର୍ଷା ପାଣି ନୀଳଗିରି ଏନ୍.ଏ.ସି. ଅଧୀନ ନିଜଗଡଠାରେ ଥିବା ମହିଳା ମହାବିଦ୍ୟାଳୟ ପରିସରେ ଆଣ୍ଠେଏ ପାଣି ହେବା ସହ ଶ୍ରେଣୀ ଗୃହରେ ପାଣି ପଶିଥିବା ଦେଖିବାକୁ ମିଳିଥିଲା। ଶ୍ରେଣୀ ଗୃହ ଭିତରେ ପାଣି ଥିବା ବେଳେ ଚେୟାର ବେଞ୍ଚରେ ବସି ଯୁକ୍ତ ୩ ସେକେଣ୍ଡ ସେମିଷ୍ଟାର ପାଇଁ ପରୀକ୍ଷା ଦେଉଥିଲେ ୬୭ରୁ ଊର୍ଦ୍ଧ୍ୱ ଛାତ୍ରୀ। ମହାବିଦ୍ୟାଳୟରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବା କାରଣରୁ ଶ୍ରେଣୀ ଗୃହର ଭିତର ପରିସର ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇପଡ଼ିଥିଲା। ଶ୍ରେଣୀ ଗୃହରେ କାଦୁଅ ପାଣି ଏକ ଅପରିଷ୍କାର ପରିବେଶ ସୃଷ୍ଟି କରିଥିବାରୁ ଏ ନେଇ ଅସନ୍ତୋଷ ଦେଖାଦେଇଛି। ମହାବିଦ୍ୟାଳୟର ତିନିପାଖରେ ବଡ କୋଠା ଘର ମାନ ଗଢ଼ି ଉଠିଥିବା ଓ ଦିନକୁ ଦିନ ରାସ୍ତା ଉଚ୍ଚ ହେବା ସହ ସେହି ତୁଳନାରେ ମହାବିଦ୍ୟାଳୟର ପରିସର ଡାଉନ୍ ହୋଇଯିବାରୁ ପାଣି ପଶୁଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଭବିଷ୍ୟତରେ ଶ୍ରେଣୀ ଗୃହରେ ପାଣି ନ ପଶିବା ଓ ମହାବିଦ୍ୟାଳୟ ପରିସରରୁ ପାଣି ନିଷ୍କାସନର ବ୍ୟବସ୍ଥା କରିବାଦିଗରେ ସ୍ଥାନୀୟ ପ୍ରଶାସନ, ନିର୍ବାଚିତ ଜନ ପ୍ରତିନିଧି ଓ ସଚେତନ ନାଗରିକ ତତ୍ପର ହେବା ଆବଶ୍ୟକ। ଏହି ଘଟଣା ପରେ ବୁଧବାର ଅପରାହ୍ନରେ ଏନ୍.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା ଓ ବ୍ଲକ ତରଫରୁ ମହିଳା ମହାବିଦ୍ୟାଳୟକୁ ଯାଇ ଘଟଣାର ଅନୁଧାନ କରିଛନ୍ତି।

## ଆଦିଯୋଗୀଙ୍କ ଦର୍ଶନ ପାଇଁ ଯୁବକଙ୍କ ୧୯୫୦ କିମି ଯାତ୍ରା

ବାଲେଶ୍ୱର,୩।୯ (ସମିସ): ମାନସିକ ପୂରଣ ଓ ପରିବାରର ମଙ୍ଗଳ ପାଇଁ ଚିନ୍ତା ଜଣେ ଯୁବକ ମହାଦେବଙ୍କ ଦର୍ଶନ ପାଇଁ ବାହାରିଛନ୍ତି। ଆଉ ରାସ୍ତାରେ ଅଧିଆ ପଡିପଡି ଦୀର୍ଘ ୧୯୫୦କିମି ରାସ୍ତା ଅର୍ଥାତ ତାମିଲନାଡୁର ଆଦିଯୋଗୀ ବାବା ମହାଦେବଙ୍କ ଦର୍ଶନ କରିବାକୁ ବାହାରିଛନ୍ତି। ଆଉ ଲକ୍ଷ୍ୟ ରଖିଛନ୍ତି ଦୁଇବର୍ଷ ମଧ୍ୟରେ ସେଠାରେ ପହଁଚିବେ। ପଶ୍ଚିମବଙ୍ଗ ରାଜ୍ୟର ପୂର୍ବମେଦିନାପୁର ଖେଜୁରୀ ଜନକା ଗ୍ରାମର ତରୁଣ ବେହେରା ଏଭଳି ଯାତ୍ରା ଆରମ୍ଭ କରିଛନ୍ତି। ପରିବାର କହିଲେ ତାଙ୍କର ବାପା ଓ ମାଙ୍କ ସମେତ ପତ୍ନୀ ଓ ପିଲାଛୁଆକୁ



ମିଶାଇ ଆଠ ଗଣ। ହେଲେ ମନରେ ବିଶ୍ୱାସ ଓ ଭକ୍ତି ରଖି ନିଜ ପରିବାରର ମଙ୍ଗଳ ତଥା ମାନସିକ ପୂରଣ କରିବାକୁ ବାହାରିପଡିଛନ୍ତି ମହାଦେବଙ୍କ ଦର୍ଶନ ପାଇଁ। ଗତ ଅଗଷ୍ଟ ମାସ ୪ତାରିଖ ସକାଳ ୮ଟାରେ ନିଜ ଘରୁ ବାହାରି ବୁଧବାର ସେ ବାଲେଶ୍ୱର ଜିଲ୍ଲାରେ ପ୍ରବେଶ କରିଛନ୍ତି। ପୂର୍ବମେଦିନାପୁରରୁ ତାମିଲନାଡୁ ସ୍ଥିତ ଆଦିଯୋଗୀ ବାବା ମହାଦେବଙ୍କ ମନ୍ଦିର ରାସ୍ତାର ଦୂରତା ହେଉଛି ୧୯୫୦କିଲୋମିଟର। ଆଉ ଏହି ଦୂରତାକୁ ସେ ଦୁଇ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ପୁରୀ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରି ତାମିଲନାଡୁ ଅଭିମୁଖେ ଯାତ୍ରା କରିବେ। ତାଙ୍କ ସାଙ୍ଗରେ ଭିଣୋଇ ନନ୍ଦନ ବାରୋଇ ମଧ୍ୟ ରହିଛନ୍ତି। ତରୁଣ ଅଧିଆ ପଡି ଯାଉଥିବା ବେଳେ ନନ୍ଦନ ତାଙ୍କ ପଛରେ ସାଇକଲ ଧରି ଯାଉଛନ୍ତି।

## ପାଣିରେ ବୁଡ଼ି ଯୁବକ ମୃତ

ରାଜଘାଟ, ୩।୯ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ନାଇକୁଡି ପଞ୍ଚାୟତ ବାଘ୍ୟା ଗ୍ରାମରେ ପାଣିରେ ବୁଡି ଜଣେ ଯୁବକର ମୃତ୍ୟୁ ଘଟିଛି। ଏହି ଗାଁର ଶ୍ରୀକାନ୍ତ ମହାନ୍ତିଙ୍କ ପୁଅ ଗୁରୁପଦ ମହାନ୍ତି ସକାଳ ୬ଟା ସମୟରେ ବିଲକୁ ସାର ପକାଇବାକୁ ଯାଇଥିଲେ। ସାତ ଟା ସମୟରେ ଗାଁର ଆଉ କିଛି ଲୋକ ଉକ୍ତ ରାସ୍ତା ଦେଇ ବିଲକୁ ଯିବା ସମୟରେ ବିଲ ପାଖରେ ପାଣି ଭର୍ତି ଏକ ଖାଲୁଆ ଜାଗାରେ ଗୁରୁପଦ ପଡ଼ିଥିବା ଦେଖି ତୁରନ୍ତ ତାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କ ସହ ବସ୍ତା ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁପଦଙ୍କ ମୃତ୍ୟୁରେ ଗ୍ରାମ ତଥା ପରିବାରରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସିଂଲା ପୁଲିସ ଡାକ୍ତରଖାନା ରେ ପହଂଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

● ସରପଞ୍ଚଙ୍କୁ ଆକ୍ରମଣ ଉଦ୍ୟମ

## କାର୍ଯ୍ୟାନୁଷ୍ଠାନ ପାଇଁ ଶତାଧିକ ସମର୍ଥକ ଥାନାର ଦ୍ୱାରସ୍ଥ




ଖଇରା,୩।୯ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଅଧୀନ ଗରସଙ୍ଗ ପଞ୍ଚାୟତ ସରପଞ୍ଚରାଜେନ୍ଦ୍ର ଦାସଙ୍କୁ ଆକ୍ରମଣ ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଶତାଧିକ ସମର୍ଥକ ବୁଧବାର ସିମୁଳିଆ ଥାନା ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ ଗରସଙ୍ଗ ଗ୍ରାମର ରବିନ୍ଦ୍ର ଦାସ ଗତ ସୋମବାର ସଂଧ୍ୟାରେ ଏକ ଲୁହାରଡ ନେଇ ସରପଞ୍ଚଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିବା ବେଳେ ସୌଭାଗ୍ୟ ବଶତଃ ଅଲେଖ ଜେନା ନାମକ ବ୍ୟକ୍ତି ରବୀନ୍ଦ୍ରଙ୍କୁ ଏଥିରେ ବାଧା ଦେଇଥିଲେ। ରବୀନ୍ଦ୍ର ଅନେକ ସମୟରେ ବଜାରରେ ସମସ୍ତଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ଭୟଭୀତ କରୁଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। ସେହିଭଳି ଗରସଙ୍ଗରେ ବେଆଇନ ନିଶା କାରବାର ବ୍ୟାପକ ରୂପ ଧାରଣା କରିଥିବାବେଳେ ଏହା ଉପରେ ଅଙ୍କୁଶ ଲଗାଇବା ପାଇଁ ସମର୍ଥକଙ୍କ ତରଫରୁ ଦାବି କରାଯାଇଛି।

## ଜନ ସୁରକ୍ଷା ଯୋଜନା ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ




ନୀଳଗିରି, ୩।୯ (ସମିସ): ଗ୍ରାମପଞ୍ଚାୟତ ସ୍ତରୀୟ ଜନ ସୁରକ୍ଷା ଯୋଜନା ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ନୀଳଗିରି ବ୍ଲକର ଅଯୋଧ୍ୟା ପଞ୍ଚାୟତର ଅଯୋଧ୍ୟା ଗ୍ରାମରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ବ୍ୟାଙ୍କର ପଦାଧିକାରୀ ଉପସ୍ଥିତ ରହି ହିତାଧିକାରୀ ମାନେ କିପରି ନିଜର ଟଙ୍କାକୁ ସୁରକ୍ଷିତ ରଖିବେ, କେୱାଇସି ଉପରେ ସବିଶେଷ ଆଲୋଚନା କରିଥିଲେ। ଅଯୋଧ୍ୟା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଶାଖା ପରିଚାଳକ ନିର୍ମଳ ମହାକୁଡ଼ ଅଧକ୍ଷତା କରିଥିବା ବେଳେ ପ୍ରମୁଖ ଜିଲ୍ଲା ପ୍ରବନ୍ଧକ (ବ୍ୟାଙ୍କ) ମୋତି କୁମାର ଶାହା, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କ୍ଷେତ୍ରୀୟ ପ୍ରବନ୍ଧକ ଆଶିଷ କୁମାର ନାୟକ, ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ର ମହାପ୍ରବନ୍ଧକ, ନାବାଡ଼ ଜିଲ୍ଲା ବିକାଶ ପ୍ରବନ୍ଧକ, ଆର୍ ବି ଆଇ, ପ୍ରମୁଖ ଜିଲ୍ଲା ଅଧିକାରୀ, ୟୁକୋ ବ୍ୟାଙ୍କ ଅଧିକାରୀ, ଅଯୋଧ୍ୟାର ସରପଞ୍ଚ ତାରିଣୀ ସିଂ ପ୍ରମୁଖ ଉପସ୍ଥିତ ରହି ଦିଗ୍‌ଦର୍ଶନ ଦେଇଥିଲେ।

## ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ପ୍ରତ୍ୟାହାର

ନୀଳଗିରି, ୩।୯ (ସମିସ): ଜମି ପଞ୍ଜୀକରଣ କ୍ଷେତ୍ରରେ ବିଭିନ୍ନ କଟକଣାକୁ ନେଇ ଗତ ୧୨/୮/୨୫ରିଖ ଠାରୁ ନୀଳଗିରି ମହୋରିର ସଂଘ ପକ୍ଷରୁ ଆଜି ପର୍ଯ୍ୟନ୍ତ ନୀଳଗିରି ଉପ ନିବନ୍ଧକ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ଜିଲ୍ଲା ମୋହରିର ସଂଘର ନିର୍ଦ୍ଦେଶ କ୍ରମେ ଏଯାବତ୍ ଧାରଣାରେ ବସି ଥିବାବେଳେ ୩/୯/୨୫ରିଖ ଦିନ ଉକ୍ତ ଧାରଣାକୁ ପ୍ରତ୍ୟାହୃତ କରି ନେଇଛନ୍ତି ମୋହରିର ସଂଘ। ଜମି ପଞ୍ଜୀକରଣ କ୍ଷେତ୍ରରେ ବିଭିନ୍ନ କଟକଣା ଜାରି କରାଯାଇଥିବା ବେଳେ ବାଲେଶ୍ୱର ଜିଲାର ସମସ୍ତ ମୋହରିର ମିଳିତ ଭାବେ ଉକ୍ତ ନିୟମକୁ ବିରୋଧ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଟକ ରେ ଏକ ପିଟିସନ ଦାଖଲ କରିଥିଲେ। ଡବ୍ଲ୍ୟୁ.ପି(ସି) ୨୩୯୩୪ରେ ମାନ୍ୟବର ହାଇକୋର୍ଟ ଆସନ୍ତା ୨୫/୯/୨୫ରେ ମାମଲାର ଶୁଣାଣିକୁ ଅର୍ଡର ରହିଅଛି। ବର୍ତ୍ତମାନ ଲଘୁଚାପ ଜନିତ ବର୍ଷା ତଥା ଦୀର୍ଘ ଦିନର ପଞ୍ଜିକରଣ କାର୍ଯ୍ୟବନ୍ଦ୍ ହେବା ଯୋଗୁଁ ଜନସାଧାରଣ ବହୁ ଅସୁବିଧାରେ ପଡ଼ିଥିବା ବେଳେ ସ୍ଥାନୀୟ ଉଭୟ ଓକିଲ ସଂଘର ସଭାପତି, ସମ୍ପାଦକ, ବରିଷ୍ଠ ଓକିଲ ବନ୍ଧୁ ତଥା ନୀଳଗିରି ଉପ ନିବନ୍ଧକ ପ୍ରଦୀପ କୁମାର ଦାସଙ୍କ ଅନୁରୋଧ କ୍ରମେ ବୁଧବାର ଦିନ ସମସ୍ତ ମୋହରିର ମାନେ ତାହାକୁ ସମ୍ମାନ ଜଣାଇ କାର୍ଯ୍ୟବନ୍ଦ୍ ଧାରଣାକୁ ବନ୍ଦ କରି ୪/୯/୨୫ରିଖ ଠାରୁ କାର୍ଯ୍ୟରେ ଯୋଗ ଦେବାର ନିଷ୍ପତ୍ତି ହୋଇଥିବାର ସଙ୍ଘ ପକ୍ଷରୁ ସୂଚନା ଦିଆଯାଇଛି।

## ପିକ୍‌ଅପ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ଜଳେଶ୍ୱର, ୩।୯ (ସମିସ) : ଜଳେଶ୍ୱର ନିକଟ ଜାତୀୟ ରାଜପଥ ୬୦ର ଚାଲନ୍ତି ନିକଟରେ ବାଲେଶ୍ୱର ଅଭିମୁଖେ ଯାଉଥିବା ଏକ ବାଇକ୍‌କୁ ପଛପଟୁ ଏକ ପିକ୍‌ଅପ୍ ପିଟିବା ଫଳରେ ବାଇକ୍ ପଛପଟେ ବସିଥିବା ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଘଟଣାରୁ ପ୍ରକାଶ ଆଜି ମଧ୍ୟାହ୍ନରେ ବାଇକ୍‌କୁ ଚଳାଇ ରାୟାଁରାମଚନ୍ଦ୍ରପୁର ଗାଁର ତପନ ରାଉତ ସ୍ତ୍ରୀ ସଂଧ୍ୟାରାଣୀଙ୍କୁ ବସାଇ ବାଲେଶ୍ୱର ଅଭିମୁଖେ ଯାଉଥିଲେ। ଜାତୀୟ ରାଜପଥ ୬୦ର ଚାଲନ୍ତି ନିକଟରେ ଏକ ପିକ୍‌ଅପ୍ ଭ୍ୟାନ ପଛପଟୁ ଆସି ତାଙ୍କୁ ଧକ୍କା ଦେବାଫଳରେ ସଂଧ୍ୟାରାଣୀ ବାଇକ୍‌ରୁ ଛିଟିକି ପଡିଥିଲେ। ଉଭୟ ତପନ ଓ ସଂଧ୍ୟାରାଣୀ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ସଂଧ୍ୟାରାଣୀଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ପ୍ରଥମେ ଜିକେ ଭଟ୍ଟର ହସ୍‌ପିଟାଲ ଓ ପରେ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି।

## ପାଣି ନିଷ୍କାସନ ହେଉନି, ୨ଶହ ପରିବାର ହନ୍ତସନ୍ତ



ଭୋଗରାଇ, ୩।୯ (ସମିସ): ଲଘୁଚାପ ଜନିତ ଲଗାଣ ବର୍ଷାରେ ପାଣି ନିଷ୍କାସନ ନ ହେବାରୁ ରାସ୍ତା ଉପରେ ଦୀର୍ଘ ଦିନ ଧରି ଜମି ରହିଛି ପାଣି ଓ ଫଳରେ କମର୍ଦ୍ଦା ପଞ୍ଚାୟତ ୮ ନମ୍ବର ୱାର୍ଡର ୨ଶହ ପରିବାର ଜମି ରହିଥିବା ସେହି ଦୁର୍ଗନ୍ଧ ଯୁକ୍ତ ପାଣି ଜମିଥିବା ରାସ୍ତା ଉପର ଦେଇ ଯାତାୟାତ କରିବାକୁ ପଡୁଛି। ରାତି ପାହିଲେ ପ୍ରତିଦିନ ସେହି ପାଣିରେ ହାଟ ବଜାର କରିବା, ଛାତ୍ରଛାତ୍ରୀ ବିଦ୍ୟଳୟକୁ ଯିବା ସହିତ ଲୋକେ ହସ୍ପିଟାଲ ଇତ୍ୟାଦି ବିଭିନ୍ନ କାମରେ ଯିବାକୁ ପଡୁଛି। ସେହିପରି ପିଲା ମାନଙ୍କର ସ୍କୁଲ ଯିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନ ପାଣି ଜମିଥିବାରୁ ପିଲା ମାନେ ସ୍କୁଲ ଯାଇ ନ ପାରି ପାଠପଢ଼ା ରେ ଡୋରି ବନ୍ଧା ହେଉଛି । ଅନ୍ୟପକ୍ଷରେ ଦୂଷିତ ପାଣିରେ ଲୋକେ ବାରମ୍ବାର ଯାତାୟାତ କରୁଥିବାରୁ ଜଳବାହିତ ରୋଗ ସହିତ ବିଭିନ୍ନ ପ୍ରକାର ଚର୍ମ ରୋଗ ଦେଖା ଦେଲାଣି। ଜମି ରହିଥିବା ପାଣିକୁ ନିଷ୍କାସନ ପାଇଁ ଗ୍ରାମବାସୀ ଓ ଛାତ୍ର ଛାତ୍ରୀ ମାନେ ସ୍ଥାନୀୟ ପ୍ରଶାସନକୁ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତୁରନ୍ତ ଏହି ରାସ୍ତାରେ ଜମି ରହିଥିବା ପାଣି ନିଷ୍କାସନ କରିବା ପାଇଁ ଗ୍ରାମର ରାଧରଞ୍ଜନ ଦାସ, ସଂଗ୍ରାମ ଦାସ, ଗିରିବାଳା ଦାସ, ଗୌର ଶଙ୍କର ଦାସ, ମାଧୁରୀ ସୁର, ବୃନ୍ଦାବତୀ ଦାସ, ରୀନାରାଣୀ ସୁର, ଅନୁରାଧା ସି, ବଣିଆ ଦେ, ବିଜୟ ଦାସ, ବାବୁ ସାହୁ, କାଳିଆ ଦେ ପ୍ରମୁଖ ଭୋଗରାଇ ବ୍ଲକ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

## କମ୍ୟୁନିଟି ସେଣ୍ଟରକୁ ସ୍ଥାନାନ୍ତର ହେଲା ପଳାସିଆ ଅଙ୍ଗନବାଡ଼ି କେନ୍ଦ୍ର



ବସ୍ତା ବ୍ଲକ, ୩।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଦରଡ଼ା ପଞ୍ଚାୟତ ପଳାସିଆ ଅଙ୍ଗନବାଡ଼ି କେନ୍ଦ୍ରକୁ ନେଇ ଚାଲିଥିବା ବିବାଦର ଯବନିକା ପଡ଼ିଛି। ଏକ ଅସ୍ୱାସ୍ଥ୍ୟକର ପରିବେଶ ଓ ଅସୁରକ୍ଷିତ ଚାଳ ଘରେ ବର୍ଷ ବର୍ଷ ଧରି ଚାଲି ଆସୁଥିବା ବେଳେ ଏହାକୁ ସ୍ଥାନାନ୍ତର ପାଇଁ ଗ୍ରାମବାସୀ ପକ୍ଷରୁ ଦାବି ହୋଇ ଆସୁଥିବାବେଳେ ଏହାକୁ ଅଙ୍ଗନବାଡ଼ି କର୍ମୀ ମାନୁ ନ ଥିବା ବେଳେ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଏହି ଘଟଣା ର ସମାଧାନ ହୋଇଛି। ଆଜକୁ ୧୫ ବର୍ଷ ଧରି ପଳାସିଆ ଅଙ୍ଗନବାଡ଼ି କେନ୍ଦ୍ର ଏକ ଚାଳ ଘରେ ଚାଲି ଆସୁଥିଲା। ଅନେକ ସମୟରେ ଏହି ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ପିଲାଙ୍କୁ ନିୟମ ମୁତାବକ ଖାଦ୍ୟ ଦେଉନଥିବା ଅଭିଯୋଗ ହୋଇ ଆସୁଥିଲା। ଏହି ଘଟଣା ନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପରେ ବସ୍ତା ଭାରପ୍ରାପ୍ତ ସିଡିପିଓ ସ୍ନେହଲତା ଦାସ ବିପଦ ସଙ୍କୁଳ ଭାବେ ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ନିକଟସ୍ଥ କମ୍ୟୁନିଟି ସେଣ୍ଟରକୁ ସ୍ଥାନାନ୍ତର ପାଇଁ ଚିଠି କରିଥିଲେ। ମାତ୍ର କର୍ମୀ କବିତା ପାତ୍ର ଏହି ନିର୍ଦ୍ଦେଶକୁ ବେଖାତିର୍ କରିଥିଲେ। ଏହାକୁ ନେଇ ଗ୍ରାମବାସୀ ପୁଣି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାପରେ ବୁଧବାର ବସ୍ତା ସିଡିପିଓ ସ୍ନେହଲତା ଦାସ, ବସ୍ତା ତହସିଲଦାର ସୁଶାନ୍ତ ପଟ୍ଟନାୟକ ଓ ବସ୍ତା ପୁଲିସ ସହିତ ବିଭାଗୀୟ ସୁପରଭାଇଜରଙ୍କ ଉପସ୍ଥିତି ରେ ଅସୁରକ୍ଷିତ ଅଙ୍ଗନବାଡ଼ି କେନ୍ଦ୍ରକୁ ନିକଟସ୍ଥ କମ୍ୟୁନିଟି ସେଣ୍ଟରକୁ ସ୍ଥାନତରିତ କରିବା ସହିତ ଏକ ନୂତନ ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରିଥିବା ଜଣାପଡ଼ିଛି।

● ଡେଙ୍ଗୁ ଆତଙ୍କ, ବେହେରା ସାହିରେ ବ୍ୟାପକ ସଚେତନତା

## ୩ ଦିନରେ ୮୮ ଜଣଙ୍କ ରକ୍ତ ନମୁନା ସଂଗ୍ରହ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୩।୯ (ସମିସ) : ଜଳେଶ୍ୱର ବ୍ଲକ ତଥା ରାଇବଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଖୁଦିଆମାଝିସାହି ପଂଚାୟତର ବେହେରାସାହି ଗାଁର ଡେଙ୍ଗୁ ସଂକ୍ରମଣ ଜଣାଯିବା ପରେ ସେଠାରେ ବ୍ୟାପକ ସଚେତନତା ଆରମ୍ଭ ହୋଇଛି। ମୋଟ ୮୮ଜଣ ଲୋକଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିବା ବେଳେ ସ୍ଥାନୀୟ ଓ ଜିଲାସ୍ତରୀୟ ଚିକିତ୍ସକ ଦଳ ଗାଁରେ ରହି ଚିକିତ୍ସା ଆରମ୍ଭ କରିଛନ୍ତି। ବେହେରାସାହି ଗାଁରେ ଜଣେ ବାଳିକାର ମୃତ୍ୟୁ ହେବାପରେ ରୋଗ ସଂକ୍ରମଣ ସଂପର୍କରେ ଜଣାପଡିଥିଲା। ଗାଁରେ ୪୫ଜଣ ବ୍ୟକ୍ତିଙ୍କ ଠାରେ ଜ୍ୱର ଲକ୍ଷଣ ଦେଖାଦେଇଥିବା ବେଳେ ୨ଜଣ ଗାଁ ବୈଦ୍ୟ ଚିକିତ୍ସା କରିଆସୁଥିଲେ। କିନ୍ତୁ ଉକ୍ତ ଗାଁରୁ ୪ଜଣ ବ୍ୟକ୍ତି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସାଲାଗି ଯାଇଥିବା ବେଳେ ସେମାନଙ୍କୁ ବାଲେଶ୍ୱର ଓ ପରେ କଟକ ସ୍ଥାନ କରାଯାଇଥିଲା। ଅଦ୍ୟାବଧି ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ୮ଜଣଙ୍କ ଠାରେ ଡେଙ୍ଗୁର ଲକ୍ଷଣ ଦେଖାଦେଇଥିବା ବେଳେ ଏବେ ଗାଁରେ ବ୍ୟାପକ ସଚେତନତା ଆରମ୍ଭ ହୋଇଛି। ସୋମବାର ୫୫ଜଣ, ମଙ୍ଗଳବାର ୩୦ ଓ ଆଜି ୩ଜଣଙ୍କ ରକ୍ତ ନମୁନା ସଂଗ୍ରହ ହୋଇ ପରୀକ୍ଷାଲାଗି ପଠାଯାଇଥିବାର ଡା. ଭୀଷ୍ମଚରଣ ପରିଡା ସୂଚନା ଦେଇଛନ୍ତି। ଆଶାକର୍ମୀ ପୁଷ୍ପଲତା ବେହେରା ଓ ସ୍ୱେଚ୍ଛାସେବୀ ସାଜେଦା ବିବି ତଥା ପିଏଚ୍ଇଓ ଫକୀରମୋହନ ପ୍ରଧାନଙ୍କ ନେତୃତ୍ୱରେ ଗାଁରେ ଘରକୁ ଘର ଯାଇ ସଚେତନତା ସହିତ ଡେଙ୍ଗୁଜ୍ୱର ସଂପର୍କରେ ଲୋକମାନଙ୍କୁ ବୁଝାଇଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସକଙ୍କ ନିର୍ଦ୍ଦେଶରେ କୀଟ ବିଜ୍ଞାନୀ ଜ୍ୟୋତିରଂଜନ କର, ଯା ନିରୀକ୍ଷକ ଭାଗ୍ୟଶ୍ରୀ କର, କୀଟ ସଂଗ୍ରହକ ବବିତା ପୁହାଣ ଘଟଣାସ୍ଥଳକୁ ଯାଇ ଅନୁଧାନ କରି ଫେରିଛନ୍ତି। ସଚେତନତା ବିନା ସେଠାରେ ଡେଙ୍ଗୁ ନିରାକରଣ ସମ୍ଭବ ନୁହେଁ ବୋଲି ମତପ୍ରକାଶ ପାଇଛି। ଡେଙ୍ଗୁର କାରଣ ସଂପର୍କରେ ଅନୁଧାନ କରାଯିବାକୁ ସାଧାରଣରେ ଦାବି ହେଉଛି।

ଗାଁରେ ଜିଲ୍ଲାସ୍ତରୀୟ ଚିକିତ୍ସକ ଦଳ



## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର, ୩।୯ (ସମିସ) : ବାଲିଆପାଳ ବ୍ଲକ କୁଣ୍ଡୁଳୀ ପଞ୍ଚାୟତ ଅନ୍ତର୍ଗତ ଇନ୍ଦିପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଆଦିତ୍ୟ ରାଉତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ପୂର୍ବତନ ଶିକ୍ଷକ ରତ୍ନାକର ଦାସ, ସମ୍ମାନିତ ଅତିଥି ଭାବରେ ନିମପଦା କ୍ଲଷ୍ଟର ସିଆରସିସି ରଞ୍ଜନ ସେନାପତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସାହୁ, ନାରାୟଣ ସେନାପତି, ସଞ୍ଜୟ ବେହେରା, ପ୍ରବୁଦ୍ ପଣ୍ଡା, ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ଅମୂଲ୍ୟ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୁଦାମ ଚରଣ ଦାସ, ମମତା ରାଉଳ, କବିତା ବେହେରା, ସୃଷ୍ଟିଧର ସାହୁ, ରୁଦ୍ରଣି ବେହେରା, ଡମ୍ବୁରୁଧର ମଣ୍ଡଳ, ସମ୍ଭୁ ମଣ୍ଡଳ, ପ୍ରଦୀପ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ନିଗମ ଚନ୍ଦ୍ର ମାନ୍ନା ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ ଦିନରେ ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ଧାରଣା

ଭୋଗରାଇ, ୩।୯ (ସମିସ)



୨୦୦୮ ମସିହା ପରଠାରୁ ନିଯୁକ୍ତି ପାଇ ବିଭିନ୍ନ କଲେଜ ମାନଙ୍କରେ କାର୍ଯ୍ୟ କରି ଆସୁଥିବା ଅଧ୍ୟାପକ ଓ କର୍ମଚାରୀମାନଙ୍କ ଦାବିକୁ ସରକାର ଶୁଣୁନାହାନ୍ତି। ବିଗତ ୪ ବର୍ଷ ଧରି ଏମାନେ ବାରମ୍ବାର ରାଜ୍ୟ ସରକାରଙ୍କୁ ଗୁହାରୀ କରି ଆସୁଥିଲେ ମଧ୍ୟ ଏଯାବତ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ଆଣି ୨୦୦୮ ମସିହାରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତ ହୋଇଥିବା କର୍ମଚାରୀ ଓ ଅଧ୍ୟାପକଙ୍କୁ ଅନୁଦାନ ପରିସରଭୁକ୍ତ କରାଯିବା ଦାବିରେ ୧୭ ଦିନ ହେଲା ରାଜ୍ୟ ବ୍ୟାପି ଆନ୍ଦୋଳନ ଜାରି ରହିଥିବା ବେଳେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସରକାର ଏମାନଙ୍କର ଦାବି ପ୍ରତି ଉଦାସୀନ ରହୁଥିବାରୁ ଆନ୍ଦୋଳନ ରତ ଅଧ୍ୟାପକ ଓ କର୍ମଚାରୀମାନେ ଆଜି କଲେଜ ପରିସରରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ସେମାନଙ୍କ ଦୀର୍ଘଦିନର ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ନିବେଦନ କରିଥିଲେ।

### ଶୁଣୁନାହାନ୍ତି ସରକାର, ବିଧାୟକଙ୍କୁ ଦେଲେ ଦାବିପତ୍ର

ବିଧାୟକ ଶ୍ରୀ ଦାସ ମଧ୍ୟ ଚଳିତ ଅଧିବେଶନରେ ଏ ବାବଦରେ ସରକାରଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ସଭାପତି ବିଶ୍ୱ ରଞ୍ଜନ ଦାସଙ୍କ ନେତୃତ୍ୱରେ ସରକାର ସେମାନଙ୍କୁ ଗ୍ରାଣ୍ଟ ଇନ୍ ଏଡ ଭୁକ୍ତ ନ କରିବା ଯାଏଁ ଏହି ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ୨୦୦୮ ମସିହାଠାରୁ ୨୦୧୮ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀ ସଂଘର ସଭାପତି ସୁରଜିତ ପାତ୍ର, ନିରୁପମା ଚାନ୍ଦ, ଶ୍ୱେତା ପଦ୍ମାସିନି ପାତ୍ର, ପ୍ରଜ୍ଞାଶ୍ରୀ ଦାସ, ଦୁଷ୍ମନ୍ତ କୁମାର ଦାସ, ସୁଶିଳା ବାଳା ଦାସ, ସୁମନ କୁମାର କର, ତ୍ରିବିକ୍ରମ ଦାସମହାପାତ୍ର, ସଞ୍ଜୟ କୁମାର ଜେନା, ଗୀତାଞ୍ଜଳି ଦାସ ମାନସୀ ରାଣୀ ବେହେରା ପ୍ରମୁଖ ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରୀ ରଖିବେ ବୋଲି ଚେତାବନୀ ଦେଇଛନ୍ତି।

## କରମ୍ ପୂଜାରେ ମୋରଡ଼ା ବ୍ଲକ ଉତ୍ସବମୁଖର

# ମାଦଳର ତାଳେ ତାଳେ ନାଚିଲେ ଆଦିବାସୀ





ମୋରଡ଼ା,୩।୯ (ସମିସ):

ମୟୂରଭଞ୍ଜ ଜିଲ୍ଲାରେ ବିଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ବେଳେ ସଂସ୍କୃତି ଏବଂ ପରମ୍ପରା ଅଲଗା। କୁଡୁମୀ ସମ୍ପ୍ରଦାୟର ପ୍ରମୁଖ ପର୍ବ ହେଉଛି କରମ ପୂଜା। ଚଳିତବର୍ଷ ଧୁମଧାମରେ ପାଳନ କରାଯାଉଛି। କୁଡୁମୀ ସମ୍ପ୍ରଦାୟର ଲୋକ କରମ ପୂଜା ମାଧ୍ୟମରେ ନିଜର କଳା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ଉଦ୍ୟମ ଚଳାଇଛନ୍ତି। ମୋରଡ଼ା ବ୍ଲକର ଚିତ୍ରଡା, ହଳଦୀପାଳ,

### ପୂଜା ମାଧ୍ୟମରେ ବଞ୍ଚି ରହିଛି କଳା, ସଂସ୍କୃତି ଓ ପରମ୍ପରା

ନିଚୁଆପଦା, ଦାନ୍ତିଆମୁହାଁ, ଗଡ଼ିଗାଁ, ଜୁଆଳିଭଙ୍ଗା, ନୂଆଗାଁ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩ ଦିନ ଧରି ଏହି ପୂଜାକୁ ଲୋକମାନେ ବେଶ୍ ଉପଭୋଗ କରିଛନ୍ତି। ଭାଦ୍ରବ ମାସ ଏକାଦଶୀ ଦିନ ସନ୍ଧ୍ୟାରେ କୁଡୁମୀ ସମ୍ପ୍ରଦାୟ କରମ ଗଛକୁ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ସହିତ ମାଦଳ ଓ ବାଜା ବଜାଇ ନୃତ୍ୟ ପରିବେଷଣ କରି କରମ ଡାଳକୁ ଜଙ୍ଗଲକୁ ଯାଇ ଘରକୁ ଆଣିଥାନ୍ତି। ତେବେ କୁଡୁମୀମାନେ ଏହି ପୂଜାରେ ମୂର୍ତ୍ତି ବଦଳରେ ଡାଳକୁ ଏକ ବେଦୀରେ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଇଥାଏ। ଚିତ୍ରଡାର କୁଡୁମୀ ସମ୍ପ୍ରଦାୟର ପରମ୍ପରାକୁ ବଜାଇ ରଖି ଆସୁଥିବା ପ୍ରସିଦ୍ଧ ଲେଖକ ସ୍ୱର୍ଗତ ଡକ୍ଟର ଆଦିକନ୍ଦ ମହାନ୍ତଙ୍କ ପୁଅ ମଘାନୁର ମହାନ୍ତ ଏହି ପୂଜାର କିମ୍ବଦନ୍ତୀ ବିଷୟରେ କୁହନ୍ତି ଯେ, କରମା ବୋଲି ଜଣେ ରାଜା ଥିଲେ; ଯାହାଙ୍କୁ କୁଡୁମୀମାନେ ପୂର୍ବ ପୁରୁଷ ପ୍ରଥା ଅନୁଯାୟୀ ପୂଜାର୍ଚ୍ଚନା କରି ଆସୁଛନ୍ତି। ଶ୍ରୀବତ୍ସ ବୋଲି ଜଣେ ରାଜାଙ୍କ ଦୁଇ ପୁଅ ଥିଲେ। ଜଣେ ପୁଅ ଚାଷ କାର୍ଯ୍ୟ କରୁଥିବା ବେଳେ ଆଉ ଜଣେ ବାଣିଜ୍ୟ କରିବା ପାଇଁ ବାହାରକୁ ଯାଉଥିଲେ। ଯେଉଁ ପୁଅ ଚାଷ କାର୍ଯ୍ୟ କରୁଥିଲେ ସେ କରମା ରାଜାଙ୍କୁ ପୂଜାର୍ଚ୍ଚନା କରୁଥିବା ବେଳେ ବାଣିଜ୍ୟ କରୁଥିବା ପୁଅ ମଧ୍ୟ ସେହି ସମୟରେ କରମାଙ୍କୁ ଡାକିଥିଲେ। ହେଲେ ସେ ପୂଜାରେ ବ୍ୟସ୍ତ ଥିବାରୁ ଶୁଣି ନ ଥିଲେ। ଫଳରେ ବାଣିଜ୍ୟ କରୁଥିବା ପୁଅ ରାଗିଯାଇ କରମା ଠାକୁରଙ୍କୁ ଫିଙ୍ଗି ଦେଇଥିଲେ। କିଛି ଦିନ ମଧ୍ୟରେ ବାଣିଜ୍ୟ କରୁଥିବା ପୁଅ ଅନେକ ଦୁର୍ଦ୍ଦଶା ଦେଇ ଗତି କଲେ। ପୁଣି ଆଉ ଥରେ କରମା ରାଜାଙ୍କୁ ପୂଜାର୍ଚ୍ଚନା କରିବା ପରେ ପୁଣି ତାଙ୍କର ସମ୍ପତ୍ତି ଫେରି ପାଇଥିଲେ। ସେହି ଦିନଠାରୁ କରମା ପୂଜା ଧୂମ୍‌ଧାମରେ ପାଳିତ ହୋଇଆସୁଛି। ପୂଜାର୍ଚ୍ଚନା ସରିବା ପରେ ପାରମ୍ପରିକ ଗୀତ ଗାଇ ଝିଅ ଓ ମହିଳା ମାଦଳ ଏବଂ ବାଜାର ତାଳେ ତାଳେ ସଙ୍ଗୀତ ଗାନ କରି ନୃତ୍ୟ ପରିବେଷଣ କରିଥାନ୍ତି। ପରଦିନ ପୂଜା ହୋଇଥିବା କରମଡାଳ ଓ ବାଲିକୁ ପାଣିରେ ବିସର୍ଜନ କରି ଗ୍ରାମବାସୀ ଏକାଠି ବସି ସାରୁ ପତ୍ରରେ ଭୋଗ ସେବନ କରିଥାନ୍ତି। ଚିତ୍ରଡାର ଛଉ ନୃତ୍ୟ ଗୁରୁ ତଳସାହିର ଜାନକୀ ମହାନ୍ତ ଏବଂ ଗାୟକ ଗଦାଧର ମହାନ୍ତ ଏକ ଗ୍ରୁପ କରି ନିକଟରେ ହେଉଥିବା କରମ ପୂଜା ମଣ୍ଡପଗୁଡିକୁ ମାଦଳ ସହିତ ବାଜା ଧରି ନାନା ପ୍ରକାରର ସଂଗୀତ ଗାନ କରିଥିଲେ।

## ବ୍ଲକ୍ ଅଧ୍ୟକ୍ଷା ଗାଁରାସ୍ତା କାଦୁଅ ପଚ୍‌ପଚ୍



ରାଇରଙ୍ଗପୁର,୩।୯ (ସମିସ): ବିଜାତଳା ହାଟ ପାଖରୁ ଉପରସାହି ଯାଏ ରାସ୍ତା ବିପର୍ଯ୍ୟସ୍ତ ହୋଇଛି। ଲଗାଣବର୍ଷାରେ ଏହି ରାସ୍ତା କାଦୁଅ ପଚପଚ ହୋଇଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସନ, ଭତ୍ତା ଓ ଅନ୍ୟାନ୍ୟ କାମ ପାଇଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବା ଆସିବା କରୁଥିବାବେଳେ ରାସ୍ତାସାରା ଖାଲଖମା ହୋଇଥିବାରୁ ଲୋକେ ନାକେଦମ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ବିଜାତଳା ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁଙ୍କ ଘର ବିଜାତଳା ଉପର ସାହିରେ। ଏହି ରାସ୍ତାରେ ପଡେ ବିଜାତଳା ରାଜସ୍ୱ ନିରୀକ୍ଷକ କାର୍ଯାଳୟ। ଏଠାକୁ ଦୈନିକ ୨୦ରୁ ୩୦ଜଣ ବିଭିନ୍ନ କାମ ପାଇଁ ଆସନ୍ତି। ତେଣୁ ଏହି ରାସ୍ତାକୁ କଂକ୍ରିଟ କରିବାକୁ ଉପରସାହିବାସୀ ଦାବି କରିଛନ୍ତି।

## ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ରକ୍ତଦାନ ଶିବିର



ରାସଗୋବିନ୍ଦପୁର,୩।୯ (ସମିସ): ରାସଗୋବିନ୍ଦପୁର ବ୍ଲକ ନଳଗଜା ଉପେନ୍ଦ୍ରନାଥ ମହାବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ନଳଗଜା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଫିସର ସ୍ମୃତି ସିଲଭା ଧର ଯୋଗଦେଇ ଉଦଘାଟନ କରିଥିଲେ। ଶିବିରରେ ଅଧ୍ୟକ୍ଷ ଡ଼. ସଞ୍ଜିବ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ବୃନ୍ଦ ଓ ସ୍ଥାନୀୟ ଲୋକେ ସ୍ୱଚ୍ଛାକୃତ ଭାବରେ ରକ୍ତଦାନ କରିଥିଲେ। ଡ଼ା. ସାଧନା ରାଉତ, ପ୍ରଶାସନିକ ଅଧିକାରୀ ରବିନ୍ଦ୍ର ରାଉତ ମଧ୍ୟ ଉପସ୍ଥିତ ଥିଲେ। ମାନବ ତଥା ସମାଜ ସେବା ପାଇଁ ସର୍ବଦା ଦୃଢ ନିଷ୍ଠ ହୋଇ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିବା ତିନି ସଂସ୍ଥା ଜାତୀୟ ସେବା ଯୋଜନା, ଏନ୍‌ସିସି ଏବଂ ୱାଇଆର୍‌ସିର ଅଧିକାରୀ ଯଥାକ୍ରମେ ଅରୋ ପ୍ରସାଦ ପରିଡା, ଦୀପକ କୁମାର ଗିରି, କନ୍ଦା ନାଏକ୍ ଶିବିର ପରିଚାଳନା କରିଥିଲେ। ଶିବିରରେ ୭୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଆୟୋଜିତ ଏକ ସଭାରେ ସହିଦ୍ ମେମୋରିଆଲ୍ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଦିଲୀପ କୁମାର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାରିପଦା, ୩।୯(ସମିସ): ମହାରାଣୀ ପ୍ରେମକୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଶିକ୍ଷକ ଡ. ଶଶିଧର ବିଶ୍ୱାଳଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସଂଜୟ କୁମାର କଳିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଆଦର୍ଶ ଶିକ୍ଷକ ସବୁ ସମୟରେ ଛାତ୍ର ଛାତ୍ରୀ ମାନଙ୍କ ଠାରେ ପୂଜ୍ୟ ହୋଇ ଥାନ୍ତି ବୋଲି ମତ ପୋଷଣ କରିଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର ଓ ରଂଜନ କୁମାର ଗିରି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଛାତ୍ରୀଙ୍କୁ ଅନେକ ଉପଦେଶ ଦେଇଥିଲେ। ସଭାର ପ୍ରାରମ୍ଭରେ ବରିଷ୍ଠ ଶିକ୍ଷୟିତ୍ରୀ ମାଧୁରୀ ଦ୍ୱିବେଦୀ ମଞ୍ଚାସୀନ ଅତିଥିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଶିକ୍ଷକ ସଞ୍ଜୟକୁମାର କଳିଆ ଅବସର ନେଉଥିବା କୃତ ଶିକ୍ଷକ ଡ. ଶଶିଧର ଶିଶ୍ୱାଳଙ୍କର ଦୀର୍ଘ ୩୬ ବର୍ଷର କାର୍ଯ୍ୟ ଶୈଳି ଓ ଶିକ୍ଷାଦାନ ସଂପର୍କରେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ କମଳାଂଶୁ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିବାଥିଲେ।

## ସ୍ୱାମ ଶାସନରେ ହରିହାଟ



ତୁରୁମୁଙ୍ଗା, ୩।୯(ସମିସ): ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନରେ ବୁଧବାର ବଡ଼ ଏକାଦଶୀ ଅବସରରେ ହରିହାଟ ଅନୁଷ୍ଠିତ ହୋଇଛି। ସ୍ୱାମଶାସନ ମଣ୍ଡପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ପବନସୁତ ହନୁମାନ, ଶ୍ରୀରାଧା-କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରି ଗ୍ରାମ ତଥା ବିଶ୍ୱକଲ୍ୟାଣ ପାଇଁ ହରିହାଟ ଅନୁଷ୍ଠିତ ହୋଇଛି। ମଣ୍ଡପରେ ସାମୂହିକ ଗୀତା, ଭାଗବତ ପୁରାଣ ଆବୃତ୍ତି କରାଯାଇଛି। ମୁଖ୍ୟପୂଜକ ଭାବେ ପଣ୍ଡିତ ଅଲେଖ ତ୍ରିପାଠୀ ଓ ସୁଶାନ୍ତ ଶେଖର ଦାଶ ଏବଂ କର୍ତ୍ତା ଭାବେ ଗୌରୀରଞ୍ଜନ ମିଶ୍ର ଦେବନୀତି ସମ୍ପାଦନ କରିଥିଲେ। ବିଭିନ୍ନ ପୁରାଣକୁ ଅଜିତ ଦାଶ, ବୀରମୋହନ ଦ୍ୱିବେଦୀ, ତରୁଣ ତ୍ରିପାଠୀ, ଗୌରଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ତ୍ରିପାଠୀ, ଶିବପ୍ରସାଦ ଦାଶ, ଭାଗୀରଥି ଦାଶ, ଦୈତାରି ଶତପଥୀ, ଲୋକନାଥ ମିଶ୍ର, ଭାଗୀରଥି ଦାଶ, ଭବେଶ ରଞ୍ଜନ ତ୍ରିପାଠୀ, ଅମରେନ୍ଦ୍ର ମିଶ୍ର, ମହେନ୍ଦ୍ର ମିଶ୍ର, ତରୁଣ ଦାଶ, କୁଳମଣି ଶତପଥୀ ଆବୃତ୍ତି କରିଥିଲେ। ସୁମିତ ପତି ଓ ଜ୍ଞାନେନ୍ଦ୍ର ମିଶ୍ର, ସୌମ୍ୟରଞ୍ଜନ ଦାଶ ପରିଚାଳନା କରିଥିବା ବେଳେ ସୃଷ୍ଟିର ମଙ୍ଗଳ ପାଇଁ ଯଜ୍ଞାନୁଷ୍ଠାନ ସମ୍ପନ୍ନ ହୋଇଥିଲା।

## ତାଲୁକ ଆଇନସେବା ସମିତିର ସଚେତନତା




ଆନନ୍ଦପୁର, ୩।୯ (ସମିସ): ଆନନ୍ଦପୁର ତାଲୁକ ଆଇନସେବା ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗମ ଅଞ୍ଚଳରେ ବନବାସୀ ତଥା ସାମାଜିକ ଅନଗ୍ରସର, ଭିନ୍ନକ୍ଷମ, ବିଧବା ମହିଳା, ଅସହାୟ ମହିଳା, ବରିଷ୍ଠ ନାଗରିକ, ପିତୃମାତୃହୀନ ଅନାଥ ଅସହାୟ ଶିଶୁ, ଚାଷୀ, ସାଧାରଣ ବର୍ଗ, ପଛୁଆ ବର୍ଗଙ୍କ ନିମନ୍ତେ ରହିଥିବା ଯୋଜନା, ସହାୟତା ବିଷୟରେ ଆଲୋଚନା ହୋଇଥିଲା। ଉପଖଣ୍ଡସ୍ତରୀୟ ବିଭିନ୍ନ ବିଭାଗର ବରିଷ୍ଠ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ। ଭୂମିହୀନ ଏପରିକି ଚାରି ଡିସିମିଲ୍‌ରୁ କମ୍ ଜମି ଥିବା ପ୍ରଜାମାନଙ୍କୁ ଜମି ଯୋଗାଇଦେବା, ଆବାସ, ଜାତି, ଆର୍ଥିକ ରୋଜଗାର ପ୍ରମାଣପତ୍ର କିପରି ସହଜରେ ପାଇପାରିବେ ଏବଂ ପୁରାତନ ମୃତ ପ୍ରଜାଙ୍କ ଜମି କାଗଜପତ୍ରର ସୁବିଧାରେ ସେମାନଙ୍କ ଉତ୍ତରାଧିକାରୀଙ୍କ ନାମରେ କରିବାକୁ ନେଇ ତହସିଲଦାର ଆଲୋଚନା ରଖିଥିଲେ।

## ବିଶ୍ୱର ସର୍ବବୃହତ ଏକକ ରଥର ମୁଖ୍ୟ କାରିଗର ସମ୍ମାନିତ



କେନ୍ଦୁଝର,୩।୯ (ସମିସ): ବିଶ୍ୱର ସର୍ବବୃହତ ଏକକ ରଥର ମୁଖ୍ୟ କାରିଗର କୁଳମଣି ମହାରଣାଙ୍କୁ ସମ୍ମାନିତ କଲା କେନ୍ଦୁଝରଗଡ଼ ପୌରପାଳିକା। ୭୫ତମ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ କେନ୍ଦୁଝର ରାଷ୍ଟ୍ରଦେବତା ପ୍ରଭୁଶ୍ରୀ ବଳଦେବଜୀଉଙ୍କ ରଥ ଏବଂ ଯାହାକି ବିଶ୍ୱର ସର୍ବବୃହତ ଏକକ ରଥର ମାନ୍ୟତା ପାଇଥିବା ନନ୍ଦିଘୋଷ ରଥର ମୁଖ୍ୟ କାରିଗର ଶ୍ରୀ ମହାରଣାଙ୍କୁ ଦୀର୍ଘ ୫୦ବର୍ଷ ଧରି କାରିଗର ଭାବରେ ଓ ୨୭ ବର୍ଷ ଧରି ରଥର ମୁଖ୍ୟ କାରିଗର ଭାବରେ ଦାୟିତ୍ୱ ତୁଲାଇଥିବାରୁ ସମ୍ମାନିତ କରାଯାଇଛି। ଶ୍ରୀବଳଦେବଜୀଉଙ୍କ କୃପାଲାଭ କରି ଚତୁର୍ଦ୍ଧାମୂରତିଙ୍କ ଘୋଷଯାତ୍ରା ପାଇଁ ଓ ଭକ୍ତ ଏବଂ ଭଗବାନଙ୍କ ଅପୂର୍ବ ମିଳନର ସଂଯୋଗ ହେତୁ ନିଷ୍ଠାର ସହିତ ଏହି ସେବା କରନ୍ତି ବୋଲି କହିଛନ୍ତି ଶ୍ରୀ ମହାରଣା। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ତାଙ୍କ ବାସଭବନକୁ ଯାଇ ଶୁଭେଚ୍ଛା ଜଣାଇବା ସହିତ ପ୍ରଶଂସା କରିଛନ୍ତି।

## ଶ୍ରମିକଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର



ତେଲକୋଇ, ୩।୯(ସମିସ): କେନ୍ଦୁଝର କେନ୍ଦୁପତ୍ର ବନଖଣ୍ଡ ଏବଂ ତେଲକୋଇ କେନ୍ଦୁପତ୍ର ବନାଞ୍ଚଳ ତରଫରୁ ସଲେଇକେନା ପଞ୍ଚାୟତ ଉଚ୍ଚବିଦ୍ୟାଳୟରେ କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଇ ଶ୍ରମିକମାନଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏହାକୁ ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ଉଦଘାଟନ କରିଥିଲେ। ଏସିଏଫ ପୁନମ ହୀରା ହାଁସଦା ଏବଂ ସ୍ୱାଗତିକା ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚ ପାଙ୍ଗେଲା ମୁଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତେଲକୋଇ କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ମନୋରଞ୍ଜନ ସେନାପତି ପରିଚାଳନା କରିଥିଲେ। ବନପାଳ ଚନ୍ଦ୍ରମଣି ଜୁଆଙ୍ଗ, ବନରକ୍ଷୀ ଲକ୍ଷ୍ମୀଧର ମହାନ୍ତ ଓ ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ ଡାକ୍ତର ବିଶ୍ୱଜିତ ସାମଲଙ୍କ ଚିକିତ୍ସା ଦଳ ୧୩୬ ଜଣଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ଔଷଧ ବିତରଣ କରିଥିଲେ।

## ବେଲବାହାଲି ସମବାୟ ସମିତିରେ ଆଣ୍ଠୁଏ ପାଣି



ବେଲବାହାଲି,୩।୯ (ସମିସ): କେନ୍ଦୁଝର ଜିଲ୍ଲାରେ ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଲି ସେବା ସମବାୟ ସମିତିରେ ଆଣ୍ଠୁଏ ପାଣି ଜମି ରହିଛି। ସମବାୟ ସମିତିର ନୂତନ ଘର ନିର୍ମାଣ କାମ ଚାଲୁ ରହିଥିବାରୁ ବର୍ଷା ପାଣି ଜମି ଅଫିସ୍ ଗୃହ ମଧ୍ୟକୁ ପଶିଥିବାର ଚିତ୍ର ସାମନାକୁ ଆସିଛି। ଉକ୍ତ କାର୍ଯ୍ୟକୁ ଟେଣ୍ଡର ନେଇଥିବା ଠିକାଦାରଙ୍କୁ ଉକ୍ତ ସମସ୍ୟା ବିଷୟରେ ପଚାରିଲେ କେହି ଶୁଣୁ ନଥିବା ଅଭିଯୋଗ ହେଉଛି। ଯାହାଫଳରେ ଅଫିସ ମଧ୍ୟକୁ କର୍ମଚାରୀଙ୍କ ସମେତ ଚାଷୀଙ୍କ ଯିବା କଷ୍ଟକର ହୋଇପଡୁଛି। ନାଳଟିକୁ ପୋତି ଦେଇଥିବାରୁ ବର୍ଷା ଜଳ ଅଫିସ୍ ଗୃହ ମଧ୍ୟକୁ ପ୍ରବେଶ କରୁଛି। ଅନ୍ୟପଟେ ବିଭାଗୀୟ କର୍ମଚାରୀଙ୍କୁ ଜଣାଇଲେ ମଧ୍ୟ ସେ ନିର୍ମାଣ କରୁଥିବା ଠିକାଦାରଙ୍କୁ କିଛି କହୁ ନଥିବା ଅଭିଯୋଗ ହୋଇଛି।

## ଜନବସତିରେ ପଶିଲା ଦନ୍ତା; ଭାଙ୍ଗିଲା ୧୦ ବଖରା ଘର



ବଡ଼ବିଲ, ୩।୯(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ବନାଞ୍ଚଳର ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ଝାଡ଼ଗାଁସ୍ଥିତ ହୁଡ଼ିସାହିରେ ଗତକାଲି ବ୍ୟାପକ କ୍ଷୟକ୍ଷତି କରିଛି ଦନ୍ତା ହାତୀ। ଏକ ଦନ୍ତା ହାତୀ ପ୍ରଥମେ ପାଣ୍ଡୁ ମୁଣ୍ଡାଙ୍କ ଦୁଇ ବଖରା ଓ ଗୁଡୁ ମୁଣ୍ଡାଙ୍କ ତିନି ବଖରା ଘରକୁ ଭାଙ୍ଗି ଦେଇଥିଲା। ଘଟଣା ସମ୍ପର୍କରେ ବନବିଭାଗକୁ ଅବଗତ କଲାପରେ ବିଭାଗୀୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀଟିକୁ ରୋଇଡା ଜଙ୍ଗଲ ଆଡକୁ ଘଉଡ଼ାଇ ଦେଇଥିଲେ। ହେଲେ ପରିସ୍ଥିତି ଉପରେ ନଜର ରଖିବା ପରିବର୍ତ୍ତେ ସେମାନେ ସେଠାରୁ ଚାଲିଯାଇଥିଲେ। ହାତୀଟି ରାତିରେ ପୁଣି ଥରେ ସେହି ଅଞ୍ଚଳରେ ପଶି ଜୋକର ମୁଣ୍ଡାଙ୍କ ଦୁଇ ବଖରା ଓ ମୁନା ପାତ୍ରଙ୍କ ତିନି ବଖରା ଘର ସମେତ ସମୁଦାୟ ୧୦ ବଖରା ଘର ଭାଙ୍ଗି ଦେଇଥିବା ଜଣାପଡିଛି। ବୁଧବାର ବଡ଼ବିଲ ବନାଞ୍ଚଳ ଅଧିକାରୀ ସଂଜୀବ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଓ ଜରିପାଲ ବଣ୍ଟନ କରି ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯିବ ବୋଲି କହିଥିଲେ। ପ୍ରକାଶଥାଉ କି, ଦନ୍ତା ହାତୀଟି ନିକଟ ଜଙ୍ଗଲରେ ଥିବା ସତ୍ତ୍ୱେ ବନବିଭାଗ କର୍ମଚାରୀମାନେ ଖାମଖିଆଲି କାର୍ଯ୍ୟ କରୁ ନଥିବାରୁ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି ଏବଂ ଅଞ୍ଚଳବାସୀ ଅସୁରକ୍ଷିତ ଭାବେ ଜୀବନଯାପନ କରୁଛନ୍ତି।



ଆନନ୍ଦପୁର: କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ତରୁଆଁ ଗ୍ରାମ ପୋଖରୀରେ ବିନ୍‌ଦାସ୍ କ୍ଲବ୍ ପକ୍ଷରୁ ଗଣପତିଙ୍କୁ ମେଲାଣି

## ପ୍ରଧାନଶିକ୍ଷକ ନିଲମ୍ବିତ

ବଡସାହି,୩।୯ (ସମିସ): ବଡସାହି ବ୍ଲକ୍ ମାଧପୁର ପଞ୍ଚାୟତ ଧାନପୋତା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଂଜୟ କୁମାର ଜେନାଙ୍କୁ ବ୍ଲକ୍ ଶିକ୍ଷାଧିକାରିଣୀ ମଧୁସ୍ମିତା ଗିରି ନିଲମ୍ବନ କରିଛନ୍ତି। ଏହି ନିଲମ୍ବନ ଅବଧିରେ ସେ ନରଣଖୁଣ୍ଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉପସ୍ଥିତ ରହିବେ। ଚିଠିରୁ ନିଲମ୍ବନର କାରଣ ଜଣାପଡି ନାହିଁ। ମାତ୍ର ବିଦ୍ୟାଳୟ ପରିଚାଳନା ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ଏହା ହୋଇଛି ବୋଲି ଜଣାପଡିଛି। ନିଲମ୍ବନ ଚିଠିର ଏକ ନକଲ ଡିଇଓ, ଡିପିସି, ସିଆରସିସି, ନରଣଖୁଣ୍ଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଧାନପୋତା ପ୍ରାଥମିକ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଶ୍ରୀ ଜେନାଙ୍କୁ ପଚାରିବାରୁ କାର୍ଯ୍ୟାଳୟର କିଛି ଅନିୟମିତତା ଓ ଅବ୍ୟବସ୍ଥା ସମ୍ପର୍କରେ ମୁହଁ ଖୋଲିବାରୁ ତାଙ୍କୁ ଆକ୍ରୋଶମୂଳକ ଭାବେ ନିଲମ୍ବନ କରାଯାଇଥିବା କହିଛନ୍ତି।

## ଗୁପ୍ତ ବୃନ୍ଦାବନରୁ ଶ୍ରୀକ୍ଷେତ୍ରକୁ ପଦଯାତ୍ରା



ଶୁଳିଆପଦା,୩।୯ (ସମିସ): ପଶ୍ଚିମବଙ୍ଗର ଝାଡଗ୍ରାମ ଜିଲ୍ଲା ଅଧୀନ ଗୋପିବଲ୍ଲଭପୁର ରାଧାଗୋବିନ୍ଦ ଜୀଉ (ଗୁପ୍ତ ବୃନ୍ଦାବନ) ଠାକୁର ବାଡିରୁ ଶ୍ରୀକ୍ଷେତ୍ର ଧାମ ପୁରୀକୁ ଶତାଧିକ ଗୌଡିୟ ବୈଷ୍ଣବ ସଂପ୍ରଦାୟର ପଦଯାତ୍ରା ମହନ୍ତ ଶ୍ରୀ ଶ୍ରୀ କୃଷ୍ଣ କେଶବା ନନ୍ଦ ଦେବ ଗୋସ୍ୱାମୀ ପ୍ରଭୁପାଦଙ୍କ ନେତୃତ୍ୱରେ ଆରମ୍ଭ ହୋଇଛି। ଏହି ପଞ୍ଚମ ବର୍ଷର ପଦଯାତ୍ରାରେ ୧୨୦ ଜଣ ଭକ୍ତ ଅଛନ୍ତି। ପଦଯାତ୍ରା ସହିତ ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ଚରଣ ପାଦୁକା ମଧ୍ୟ ବିଦ୍ୟମାନ ଅଛନ୍ତି। ଶୁଳିଆପଦା ବ୍ଲକ୍ ଅଧିନ ଅଁଳାକୁଡା,ଦେଉଳି ଦେଇ ଏହି ପଦଯାତ୍ରା ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥଗଲା। ୧୫ରୁ ୧୮ ଦିନ ମଧ୍ୟରେ ଏହି ପଦଯାତ୍ରା ପୁରୀରେ ପହଞ୍ଚିବ ବୋଲି ସୂଚନା ମିଳିଛି।

## ସେଚ ପ୍ରକଳ୍ପରୁ ପାଇପ ଚୋରି; ଡ୍ରାଇଭର ଗିରଫ

ବଡ଼ସାହି,୩।୯ (ସମିସ): ବଡ଼ସାହି ଥାନା ଅଞ୍ଚଳରେ ଚାଲିଥିବା ମେଗା ଜଳସେଚନ ପାଇପ ଚୋରି କରି ଚାଲାଣ କରାଯାଉଥିବା ସମୟରେ ବୈଶିଙ୍ଗା ପୁଲିସ ଏକ ଟ୍ରକ ଅଟକ ରଖି ବଡସାହି ଥାନାକୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ମେର୍ଦାନୂଆଗାଁ ଗ୍ରାମର ରାଜକିଶୋର ସାମଲ ବଡସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ଗାଡିଟିକୁ ଜବତ କରିବା ସହିତ ଡ୍ରାଇଭର ସୋର ଥାନା ଅଧିନ ବିଦୁ ଗ୍ରାମର ଗୈରାଙ୍ଗ ଶର୍ମାଙ୍କୁ ଗିରଫ କରାଯାଇଛି। ଚୋରି ପାଇପର ମୂଲ୍ୟ ୭ ଲକ୍ଷ ୬୦ ହଜାର ଟଙ୍କା ହେବ।

### ■ ହିତାଧିକାରୀଙ୍କୁ ରାସନକାର୍ଡ ଓ ଜଙ୍ଗଲ ଜମି ବଣ୍ଟନ

# ମନ୍ତ୍ରୀଙ୍କୁ ଭେଟିଲେ କ୍ରିୟାନୁଷ୍ଠାନ କମିଟି ସଭ୍ୟ



ରାସଗୋବିନ୍ଦପୁର,୩।୯ (ସମିସ):

ବୁଧବାର ରାସଗୋବିନ୍ଦପୁର ବ୍ଲକ ପରିସରରେ ଜଙ୍ଗଲ ଜମି ଯୋଜନା ଓ ବସୁନ୍ଧରା ଯୋଜନାରେ ପଟ୍ଟା ଏବଂ ରାସନ୍ କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ଜଙ୍ଗଲ ଜମି ଯୋଜନା ଓ ବସୁନ୍ଧରା ଯୋଜନାରେ ନଳଗଜା ପଞ୍ଚାୟତରୁ ୧୧ଜଣ, ଝଟିଆଡା ପଞ୍ଚାୟତରୁ ୧୧ଜଣ, ଅମରଦା ପଞ୍ଚାୟତରୁ ୧୧ଜଣ, ରାସଗୋବିନ୍ଦପୁର ପଞ୍ଚାୟତରୁ ୧୦ ଜଣ, ସାନମାଣିଦା ପଞ୍ଚାୟତରୁ ୭ଜଣ ସମୁଦାୟ ୫୦ ହିତାଧିକାରୀଙ୍କୁ ଜମି ପଟ୍ଟା ଓ ରଘାବପୁର ପଞ୍ଚାୟତରୁ ୪ଜଣ, ବଡାମପୁର ପଞ୍ଚାୟତରୁ ୪ଜଣ, ଗଡିଘାଟି ପଞ୍ଚାୟତରୁ ୨ଜଣ, ତୋଟାପଡ଼ା ପଞ୍ଚାୟତରୁ ୩ଜଣ, ଅମରଦା ରୁ ଜଣେ ଏବଂ କମାରଡିହା ପଞ୍ଚାୟତରୁ ୧୧ଜଣ, ଝାଟିଅଡା ଜଣେ ଓ ସରୁମୂଳାରୁ ୩ଜଣ ସମେତ ମୋଟ ୨୯ ହିତାଧିକାରୀଙ୍କୁ ନୂତନ ରେସନ୍ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ଲଗାଣ ବର୍ଷାରେ ଦୁଇ ହିତାଧିକାରୀଙ୍କ ଚାଳ ଛପର ଘର ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବାର ଅଭିଯୋଗ ପାଇ ତୁରନ୍ତ ବିଡ଼ିଓଙ୍କୁ ନୂତନ ଗୃହ ଯୋଜନାରେ ସାମିଲ କରି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା, ବିଡ଼ିଓ ଅନନ୍ତ ହାଁସଦା, ତହସିଲଦାର ଉପେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ପାର୍ବତୀ ହାଁସଦା, ବ୍ଲକ ଉପାଧ୍ୟକ୍ଷ ପଦନ ଦେହୁରୀ, ପୂର୍ବତନ ଅବସରପ୍ରାପ୍ତ ଉପ ଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ବିଧାୟକ କାହ୍ନା ସରେନ୍ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଗତ ୩୧ ତାରିଖରେ ନୂତନ ଭାବେ ୧୬ଟି ଏନ୍.ଏ.ସି ଘୋଷଣା ତାଲିକାରେ ରାସଗୋବିନ୍ଦପୁରକୁ ସାମିଲ କରାଯାଇଥିବାରୁ ଅଞ୍ଚଳବାସୀ ଓ କ୍ରିୟାନୁଷ୍ଠନ କମିଟିର ସଦସ୍ୟମାନେ ମନ୍ତ୍ରୀଙ୍କୁ ସାକ୍ଷାତ କରି କୃତଜ୍ଞତା ଜଣାଇଥିଲେ।

# ଦଳ ଛାଡ଼ିଲେ କବିତା

ହାଇଦରାବାଦ୍, ୩।୯(ଏଜେନ୍ସି): ଭାରତ ରାଷ୍ଟ୍ର ସମିତ (ବିଆରଏସ୍) ସୁପ୍ରିମୋ କେସିଆରଙ୍କ ଝିଅ କେ କବିତା ବିଆରଏସ୍ ପାର୍ଟିର ଏମ୍ଏଲ୍‌ସି ପଦରୁ ଇସ୍ତଫା ଦେଇଛନ୍ତି। ଗୋଟିଏ ଦିନ ପୂର୍ବରୁ ମଙ୍ଗଳବାର ଶୃଙ୍ଖଳା ଭଙ୍ଗ ଓ ଦଳ



ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପାର୍ଟିରୁ ନିଲମ୍ବନ କରାଯାଇଥିଲା। କବିତା ସମ୍ବାଦିକ ସମ୍ମିଳନୀରେ ନିଜ ଭାଇ ତଥା ପାର୍ଟି ନେତା କେଟି ରାମା ରାଓ (କେଟିଆର)ଙ୍କୁ ସେ ଦାଦା ପୁଅ ଭାଇ ସନ୍ତୋଷ ରାଓଙ୍କ ଉପରେ ଭରସା ନ କରିବାକୁ ସର୍ତକ କରାଇଛନ୍ତି। ଉଲ୍ଲେଖଥାଛ କି, ଭବିତା ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ନିଜାମାବାଦ୍‌ରୁ ସାଂସଦ ରହିଥିଲେ। ଦୀର୍ଘ ସମୟ ହେବ ପାର୍ଟି ନେତୃତ୍ୱକୁ ନେଇ ତାଙ୍କର ଭାଇ କେଟି ରାମା ରାଓ ଓ ଦାଦାପୁଅ ଭାଇ ହରିଶ ରାଓଙ୍କ ମଧ୍ୟରେ ବିବାଦ ଚାଲିଛି। ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ବିଆରଏସ୍‌ର କେତେଜଣ ନେତାଙ୍କ ସହ ମିଶି ଆମର ପରିବାର ଭାଙ୍ଗିବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଭାଇ କେଟିଆରଙ୍କ ସମେତ ପାର୍ଟିର କେତେଜଣ ନେତାଙ୍କ ବିରୋଧରେ ସେ ଏକାଧିକ ଅଭିଯୋଗ ଆଣିଛନ୍ତି।

# ଆମେରିକା ଅଧିକାରୀଙ୍କ ମୃତ୍ୟୁକୁ ନେଇ ହଇଚଇ

ଢ଼ାକା, ୩।୯(ଏଜେନ୍ସି): ବାଂଲାଦେଶ ରାଜଧାନୀ ଢ଼ାକାର ଏକ ହୋଟେଲରେ ଶନିବାର ଆମେରିକୀୟ ସେନାବାହିନୀର ଏକ ସ୍ପେଶାଲ ଫୋର୍ସ କମାଣ୍ଡର ଜଣେ ବରିଷ୍ଠ ଅଧିକାରୀଙ୍କ ମୃତଦେହ ଉଦ୍ଧାର କରାଯିବା ପରେ ହଇଚଇ ସୃଷ୍ଟି ହୋଇଛି। ଏହି ଅଧିକାରୀଙ୍କ ନାମ ଟେରେନ୍ସ ଅରଭେଲ ଜ୍ୟାକ୍‌ସନ। ଏ ନେଇ ଭାରତୀୟ ଗୁଇନ୍ଦା ଏଜେନ୍ସି ଚିନ୍ତା ପ୍ରକାଟ କରିଛି। କିନ୍ତୁ ଭାରତ ଆନୁଷ୍ଠାନିକ ଭାବେ ଏ ନେଇ କୌଣସି ମନ୍ତବ୍ୟ ଦେଇନାହିଁ। ଜ୍ୟାକସନ୍ ଗତକେତେ ମାସ ହେବ ଢ଼ାକାରେ ରହୁଥିଲେ ଓ ସେ ଅଗଷ୍ଟ ୨୯ରେ ବେଷ୍ଟିନ ହୋଟେଲରେ ଅବସ୍ଥାନ କରିଥିଲେ। ସେ କ'ଣ ପାଇଁ ବାଂଲାଦେଶ ଯାତ୍ରା କରି ସେଠାରେ ରହୁଥିଲେ ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। କୌଣସି ଯାଞ୍ଚ ନ କରାଯାଇ ତାଙ୍କ ମୃତଦେହକୁ ଆମେରିକା ଦୂତାବାସକୁ ଦିଆଯାଇଛି। ଫଳରେ ଏ ନେଇ ପ୍ରଶ୍ନ ଉଠିଛି। ଜ୍ୟାକସନ ବାଂଲାଦେଶରେ କାହିଁକି ରହୁଥିଲେ ଓ କାହାକୁ ଭେଟିବାକୁ ଯାଇଥିଲେ ବୋଲି ଭାରତ ପ୍ରଶ୍ନ କରିଛି। ଜ୍ୟାକସନ ହଠାତ ମୃତ୍ୟୁବରଣ କରିବା ଖବରକୁ ଭାରତ ସହଜରେ ଗ୍ରହଣ କରିପାରୁନାହିଁ। ଏହା ଆଞ୍ଚଳିକ ସୁରକ୍ଷା ତଥା ନିରାପତ୍ତା ପାଇଁ ଏହା ଏକ ଗମ୍ଭୀର ପ୍ରଶ୍ନ ବୋଲି ଭାରତୀୟ ଗୁଇନ୍ଦା ଏଜେନ୍ସି ତରଫରୁ କୁହାଯାଇଛି।

# ଗଣେଶ ଶୋଭାଯାତ୍ରାରେ ପଶିଗଲା ଏସ୍‌ୟୁଭି କାର; ୩ ମୃତ, ଡ୍ରାଇଭର ଗିରଫ

ଯଶପୁର, ୩।୯(ଏଜେନ୍ସି): ଛତିଶଗଡ଼ର ଯଶପୁର ଜିଲ୍ଲାର ଏକ ଧାର୍ମିକ ଶୋଭାଯାତ୍ରା ବାହାରିଥିବା ବେଳେ ଏକ ବଡ଼ ଅଘଟଣ ଘଟିଛି। ଦ୍ରୁତଗତିରେ ଆସୁଥିବା ଏକ ଏସ୍‌ୟୁଭି କାର ନିୟନ୍ତ୍ରଣ ହରାଇ ଗଣେଶ ପ୍ରତିମା ବିସର୍ଜନ ଶୋଭାଯାତ୍ରା ଭିତରକୁ ପସିଯାଇଥିଲା। ଫଳରେ ୨ ଜଣ ଲୋକ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଲୋକ ଆହତ ହୋଇଛନ୍ତି ବୋଲି ପୁଲିସ ବୁଧବାର ସୂଚନା ଦେଇଛି। କାର ଚାଳକ ସୁଖସାଗର ବୈଷ୍ଣବଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ରାତିରେ ବଗିଚା ପୁଲିସ ଥାନ ଅଞ୍ଚଳର ଜୁରୁଡାଣ୍ଡ ଗାଁରେ ଏହି ଘଟଣା ଘଟିଥିଲା। ୧୦୦ରୁ ଉର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ବାହାରି ଗଣେଶ ପ୍ରତିମା ବିସର୍ଜନ କରିବାକୁ ବାହାରିଥିଲେ। ଗୁରୁତର ଭାବେ ଆହତ ଶ୍ରଦ୍ଧାଳୁଙ୍କୁ ନିକଟସ୍ଥ ସୁରଗୁଜା ଜିଲ୍ଲାର ଅମ୍ବିକାପୁର ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସେହିପରି ଅନ୍ୟମାନଙ୍କୁ ଲୋକାଲ କମ୍ୟୁନିଟି ହେଲ୍ଥ ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ଏକ ମାମଲା ରୁଜୁ କରାଯାଇଛି ଓ ତଦନ୍ତ ଜାରି ରହିଛି ବୋଲି କୁହାଯାଇଛି।

# ୧୭ ବର୍ଷ ପରେ ଜେଲ୍‌ରୁ ମୁକୁଳିଲେ ଗ୍ୟାଙ୍ଗଷ୍ଟର ଗୱାଲୀ

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ୧୭ ବର୍ଷ ବନ୍ଦୀ ଭାବେ ରହିବା ପରେ ଗ୍ୟାଙ୍ଗଷ୍ଟର ଅରୁଣ ଗୱାଲି ନାଗପୁର ସେଣ୍ଟ୍ରାଲ ଜେଲରୁ ମୁକୁଳିଛନ୍ତି। ୨୦୦୭ରେ ଘଟିଥିବା ଏକ ହତ୍ୟା ମାମଲାରେ ସେ ତାଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ



କରିଥିଲେ। ମୁମ୍ବାଇ ଶିବସେନା କର୍ପୋରେଟର କମଲାକର ଜାମସାନ୍ଦେକର ହତ୍ୟା କରିଥିବା ଅଭିଯୋଗରେ ୭୬ ବର୍ଷୀୟ ଗୱାଲୀଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇଥିଲା। ବିଭିନ୍ନ ପ୍ରକାର ଓପଚାରିକତା ଶେଷ ହେବା ପରେ ଗୱାଲୀ ବୁଧବାର ଦ୍ୱିପହର ୧୨.୩୦ରେ ଜେଲ ବାହରକୁ ଆସିଥିଲେ। ତାଙ୍କ ପରିବାର ସଦସ୍ୟ, ଓକିଲ ଓ ସମର୍ଥକମାନେ ଜେଲ ବାହାରେ ସ୍ୱାଗତ କରିଥିଲେ। ସେ ମଧ୍ୟ ଅଖିଳ ଭାରତୀୟ ସେନା ନାମକ ଏକ ରାଜନୈତିକ ଦଳ ଗଠନ କରିଥିଲେ। ତାଙ୍କର ଅପରାଧ ତାଲିକା ବେଶ୍ ଲମ୍ବା ରହିଛି।

# ନିଶାଦ୍ରବ୍ୟ ବୋଟ ଉପରେ ଆକ୍ରମଣ; ୧୧ ମୃତ

ୱାଶିଂଟନ, ୩।୯(ଏଜେନ୍ସି): ଲାଟିନ ଆମେରିକାରେ ଚାଲିଥିବା ନିଶାଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ଆମେରିକା ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଆମେରିକା ନୌସେନା ଭେନେଜୁଏଲାରୁ ନିଶାଦ୍ରବ୍ୟ ନେଇ ଯାଉଥିବା ଏକ ବୋଟ୍ ଉପରେ ଆକ୍ରମଣ କରିଛି ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏଥିରେ ୧୧ଜଣ ନିଶାଦ୍ରବ୍ୟ ଚୋରା ଚାଲଣକାରୀ ମୃତ୍ୟୁବରଣ କରିଛନ୍ତି। ଆମେରିକା ସେନା ତରଫରୁ ଏକ କାଇନେଟିକ୍ ଷ୍ଟାଇକ୍ ଦ୍ୱାରା ଏହି ଡ୍ରଗ୍ସ ମାଫିଆଙ୍କ ଉପରେ ଆକ୍ରମଣ କରାଯାଇଛି। ଟ୍ରମ୍ପ ସାମାଜିକ ଗଣମାଧ୍ୟମ ଟ୍ରୁଥ୍‌ରେ ପୋଷ୍ଟ କରି ଏ ନେଇ ସୂଚନା ଦେଇଛନ୍ତି। ଏଥିରେ ଆମେରିକା ନୌସେନାର କୌଣସି କର୍ମଚାରୀଙ୍କର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଆମେରିକାରେ ଡ୍ରଗ୍ସ ଚୋରା ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଏହା ଦ୍ୱାରା ଟ୍ରମ୍ପ ଚେତାବନୀ ଦେଇଛନ୍ତି।



# ଉ.କୋରିଆ ବାହାରେ ପ୍ରଥମଥର ଦେଖାଦେଲେ କିମ୍ ଜୋଙ୍ଗ୍‌ଙ୍କ ଝିଅ

ବେଜିଂ, ୩।୯(ଏଜେନ୍ସି): ଉତ୍ତର କୋରିଆର ସୁପ୍ରିମ ଲିଡର କିମ୍ ଜୋଙ୍ଗ୍ ଅନ୍‌ଙ୍କ ଝିଅ କିମ୍ ଜୁ ଆଏଙ୍କୁ ପ୍ରଥମଥର ପାଇଁ ଦେଶ ବାହାରେ ଦେଖିବାକୁ ମିଳିଛି। ଚୀନ୍‌ର ବିଜୟ ଦିବସ ପାଳନ ଅବସରରେ ପିତାଙ୍କ ସହ କିମ୍ ଜୁ ଆଏଙ୍କୁ ସମସ୍ତେ ଦେଖିବାକୁ ପାଇଥିଲେ। ତାଙ୍କୁ କିମ୍ ଜୋଙ୍ଗଙ୍କ ଉତ୍ତରାଧିକାରୀ ଭାବେ ବିବେଚନା କରାଯାଉଛି। ଜୁଙ୍କ ବୟସ ଏବେ ୧୩ ବର୍ଷ। ସେ ୨୦୨୨ରେ ପିତାଙ୍କ ସହ ସୈନ୍ୟ ପରେଡ, ଅସ୍ତ୍ରଶସ୍ତ୍ର ପରିକ୍ଷଣ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥାନ୍ତି। ତେବେ ଉତ୍ତର କୋରିଆ ବାହାରେ ତାଙ୍କୁ ପ୍ରଥମଥର ଦେଖାଯାଇଛି ବୋଲି ଗଣମାଧ୍ୟମଗୁଡ଼ିକ ଦାବି କରିଛି। କିମ୍ ଜୋଙ୍ଗଙ୍କ ୩ଟି ସନ୍ତାନ ଅଛନ୍ତି। କିମ୍ ଜୁଙ୍କ ବାଦ୍ ଦେଲେ ତାଙ୍କର ଆଉ ଜଣେ ଭାଇ ଅଛନ୍ତି। ତେବେ ତୃତୀୟ ସନ୍ତାନ ଜଣକ ପୁଅ କି ଝିଅ ତାହା ସ୍ପଷ୍ଟ ହୋଇନାହିଁ। କିମ୍ ଜୁଙ୍କୁ ପିତା କିମ ଜଙ୍ଗ ତାଙ୍କ ଉତ୍ତରାଧିକାରୀ ଭାବେ ଉପସ୍ଥାପନା କରୁଛନ୍ତି।



# ଭାରତକୁ ଅଧିକ ଏସ୍-୪୦୦ ଦେବ ରୁଷ୍

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ରୁଷିଆ ଭାରତକୁ ପୁଣି ଏସ୍-୪୦୦ ଡିଫେନ୍ସ ସିଷ୍ଟମ ଦେବ। ଏହି ମିସାଇଲ ପ୍ରଣାଳୀ କିଣିବାକୁ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଛି। ଭାରତକୁ ଆହୁରି ଅଧିକ ଏସ୍-୪୦୦ ଦେବାକୁ ରୁଷ ପ୍ରସ୍ତୁତ ବୋଲି ରୁଷିଆର ଜଣାଶୁଣା ନ୍ୟୁଜି ଏଜେନ୍ସି ଟାସ୍ ସୂଚନା ଦେଇଛି। ରୁଷିଆର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ଭାବେ ମନ୍ତବ୍ୟ ଦେଇଛନ୍ତି ବୋଲି ଟାସ କହିଛି। ଉଲ୍ଲେଖଥାଉ କି, ୨୦୧୮ରେ ୫ଟି ଏସ୍-୪୦୦ ସିଷ୍ଟମ କ୍ରୟ କରିବାକୁ ଭାରତ ଓ ରୁଷ୍ ମଧ୍ୟରେ ୫.୪ ବିଲିୟନ ଡଲାର ଅର୍ଥାତ ୪୮ ହଜାର କୋଟି ଟଙ୍କା ମୂଲ୍ୟରେ ଚୁକ୍ତି କରିଥିଲା। ଏପର୍ଯ୍ୟନ୍ତ ଭାରତକୁ ୩ଟି ଏସ୍-୪୦୦ ସଷ୍ଟମ ମିଳିଛି। ବାକି ଦୁଇଟି ୨୦୨୬-୨୭ରେ ମିଳିବ ବୋଲି ଆଶା କରାଯାଉଛି। ପାକିସ୍ତାନ ବିପକ୍ଷରେ ହୋଇଥିବା ଅପରେସନ ସିନ୍ଦୂରରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ ବେଶ୍ ଉପାଦେୟ ସାବ୍ୟସ୍ତ ହୋଇଥିଲା ଓ ପାକିସ୍ତାନ ତରଫରୁ ଛଡା ଯାଇଥିବା ମିସାଇଲ ଓ ଡ୍ରୋନ୍ ଆକ୍ରମଣକୁ ଏହି ସିଷ୍ଟମ ଆକାଶରେ ହିଁ ନିଷ୍କ୍ରିୟ କରିଥିଲା।

# ତୃତୀୟ ବିଶ୍ୱଯୁଦ୍ଧ ପ୍ରସ୍ତୁତିରେ ୟୁରୋପ

ପ୍ୟାରିସ, ୩।୯ (ଏଜେନ୍ସି): ନାଟୋ ରାଷ୍ଟ୍ର ଏବଂ ରୁଷ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ଯୋଗୁଁ ଯେକୌଣସି ମୁହୂର୍ତ୍ତରେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଫ୍ରାନ୍ସର ଯୁଦ୍ଧ ପ୍ରସ୍ତୁତିରୁ ଏହି ଆଶଙ୍କା କରାଯାଉଛି। ପ୍ରଘଟ ହୋଇଯାଇଥିବା ଏକ ଗୁଇନ୍ଦା ଚିଠିରୁ ଏହା ଜଣାପଡ଼ିଛି। ଫ୍ରାନ୍ସ ନିଜ ନାଗରିକ ଏବଂ ହସ୍ପିଟାଲଗୁଡ଼ିକୁ ବଡ଼ଧରଣର ଯୁଦ୍ଧ ପାଇଁ ପ୍ରସ୍ତୁତି ହେବାକୁ କହିଛି। ଏଥିପାଇଁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ମାର୍ଗଦର୍ଶିକା ମଧ୍ୟ ଜାରି କରିସାରିଛି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦିନକୁ ଶତାଧିକ ଆହତ ସୈନିକଙ୍କ ଯତ୍ନ ନେବା ପାଇଁ ପ୍ରସ୍ତୁତ ରହିବାକୁ ଡାକ୍ତରଖାନାଗୁଡ଼ିକୁ କୁହାଯାଇଛି।

ଏହି ଗୁପ୍ତ ଚିଠିରୁ ଜଣାପଡ଼ିଛି ଯେ ଫ୍ରାନ୍ସ କେବଳ ନିଜର ନୁହେଁ, ବରଂ ନାଟୋ ଦେଶର ସୈନିକଙ୍କ ପାଇଁ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରୁଛି। ଏ ନିମନ୍ତେ ଉନ୍ନତ ବ୍ୟବସ୍ଥା ପ୍ରସ୍ତୁତ କରିବାକୁ କୁହାଯାଇଛି। ନାଟୋର ଧାରା-୫ ଅନୁଯାୟୀ କୌଣସି ସଦସ୍ୟ ରାଷ୍ଟ୍ରଙ୍କ ଉପରେ ଆକ୍ରମଣ ହେଲେ ସବୁ ଦେଶକୁ ଯୁଦ୍ଧକୁ ଡେଇଁବାକୁ ହେବ। ଏଭଳି ସ୍ଥିତିରେ ବ୍ରିଟେନ, ଆମେରିକା ଏବଂ ୟୁରୋପର ଅନେକ ଦେଶ ମଧ୍ୟ ସିଧାସଳଖ ଯୁଦ୍ଧରେ ସାମିଲ ହୋଇପାରନ୍ତି। ତେଣୁ ତୃତୀୟ ବିଶ୍ୱଯୁଦ୍ଧ ଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଜର୍ମାନୀର ପ୍ରମୁଖ ଜେନେରାଲ କାର୍ଷ୍ଟନ ବ୍ରେଉର ଚେତାବନୀ ଦେଇଛନ୍ତି ଯେ ରୁଷର ଜାପାଡ-୨୦୨୫ ଯୁଦ୍ଧାଭ୍ୟାସର

**ହସ୍ପିଟାଲ ସଜାଡୁଛି ଫ୍ରାନ୍ସ**

**ପୋଲାଣ୍ଡରେ ସେନା ମୁତୟନ ବୃଦ୍ଧି**

**ଉତ୍ତେଜନା ପଛରେ ରୁଷ୍‌ର ଯୁଦ୍ଧାଭ୍ୟାସ**

ଭୟାବହତାକୁ ଦେଖାଇ ବିଶ୍ୱଯୁଦ୍ଧର ଅଗ୍ନି ସଂଯୋଗ କରାଯାଇପାରେ। ଗୁପ୍ତ ଚିଠିରୁ ଯୁଦ୍ଧ ସ୍ଥିତିରେ ସ୍କାଣ୍ଡିନାଭିଆନ ଦେଶର ନାଗରିକ କେମିତି ଜୀବିତ ରହିଥିଲେ ତାହା ଜଣାପଡ଼ିଛି। ଏହାର ସୂଚନା ସହିତ ଲୋକଙ୍କ ପାଇଁ ମାର୍ଗଦର୍ଶିକା ଜାରି କରିଛି। ଯୁଦ୍ଧ ସ୍ଥିତିକୁ ଦୃଷ୍ଟିରେ ରଖି ଏଭଳି ପ୍ରସ୍ତୁତି କରାଯାଉଛି ବୋଲି ଫ୍ରାନ୍ସ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ସେହିପରି ସେନାରେ ଅଧିକ ଯବାନଙ୍କୁ ନିଯୁକ୍ତି କରାଯାଉଛି। ପୋଲାଣ୍ଡ ଏବଂ ବାଲ୍‌ଟିକ ଦେଶଗୁଡ଼ିକରେ ମଧ୍ୟ ସେନାକୁ ମଜବୁତ କରାଯାଉଛି। ଏହି ରାଷ୍ଟ୍ରଗୁଡ଼ିକରେ ଟ୍ୟାଙ୍କ, ମାଇଲଫିଲ୍ଡ ଏବଂ ରକେଟ ସିଷ୍ଟମ ସହ ସଂଯୁକ୍ତ ବାୟୁରକ୍ଷା ପ୍ରଣାଳୀ ପ୍ରସ୍ତୁତ ହୋଇ ରହିଛି।

ଅନ୍ୟପଟେ 'ଅପରେସନ ଡାୟଚଲାଣ୍ଡ' ନାମରେ ଜର୍ମାନୀ ଏକ କାଗଜପତ୍ର ପ୍ରସ୍ତୁତ କରିଛି। ଏଥିରେ ସୁରକ୍ଷିତ ସ୍ଥାନ, ବଙ୍କର ଏବଂ ନାଟୋ ସୈନିକ ସହିତ ଗାଡ଼ି ଗୁଡ଼ିକର ମୁତୟନ ନେଇ ସୂଚନା ଦିଆଯାଇଛି। ଏହା ବ୍ୟତୀତ ପରମାଣୁ ଯୁଦ୍ଧ ପାଇଁ ମଧ୍ୟ ପ୍ରସ୍ତୁତି ହେଉଛି। ଏଭଳି ଆକ୍ରମଣ ସ୍ଥିତିରେ ଜୀବନ ବଞ୍ଚାଇବାର ଉପାୟ ଉପରେ କାର୍ଯ୍ୟାରମ୍ଭ କରିଦେଇଛନ୍ତି। ପ୍ରଘଟ ଚିଠିରୁ ଜଣାପଡ଼ିଛି ଯେ ଜୁଲାଇରେ ବ୍ରିଟେନ ଏବଂ ଫ୍ରାନ୍ସ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ତୃତୀୟ ବିଶ୍ୱଯୁଦ୍ଧ ସ୍ଥିତିରେ ଦୁଇ ଦେଶ ସମନ୍ୱିତ ଭାବେ ଆକ୍ରମଣ କରିବେ ବୋଲି ଏଥିରେ ନିୟମ ଥିଲା।

# କୋହଳ ହେଲା ସିଏଏ ସୀମା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନରୁ ଆସିଥିବା ଅଳ୍ପସଂଖ୍ୟକଙ୍କ ପାଇଁ କେନ୍ଦ୍ର ସରକାର ବୁଧବାର ନାଗରିକତା ସଂଶାଧନ କାନୁନ୍ (ସିଏଏ)ରେ ଏକ ବଡ଼ ପରବର୍ତ୍ତନ କରିଛନ୍ତି। ଏହି ୩ଟି ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ନାଗରିକ ଯଥା ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାରସୀ ଓ ଖ୍ରୀଷ୍ଟିଆନ୍ ସଂମ୍ପ୍ରଦାୟର ଲୋକମାନଙ୍କ ପାଇଁ ଆଶ୍ୱସ୍ତିକର ଖବର ଆସିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ଆସିଥିବା ଏହି ସମ୍ପ୍ରଦାୟର ଲୋକମାନଙ୍କୁ ଭାରତରେ ବିନା ପାସପୋର୍ଟରେ ରହିବାକୁ ଅନୁମତି ଦିଆଯାଇଛି। ପୂର୍ବରୁ ସିଏଏ ଅନୁସାରେ

**୨୦୨୪ ପର୍ଯ୍ୟନ୍ତ ପଡୋଶୀ ଦେଶରୁ ଆସିଥିବା ଅଳ୍ପସଂଖ୍ୟକ ଭାରତରେ ରହିପାରିବେ**

ଏହା ୨୦୧୪ ପର୍ଯ୍ୟନ୍ତ ସୀମିତ ଥିଲା। ଯଦି ଏହି ଲୋକମାନଙ୍କର ପାସପୋର୍ଟ ଓ କାଗଜପତ୍ରର ବୈଧତା ଶେଷ ହୋଇଛି, ସେମାନେ ଭାରତରେ ରହିପାରିବେ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ପୂର୍ବରୁ ସିଏଏ ଅନୁସାରେ ୨୦୧୪ ଡିସେମ୍ବର ୩୧ରେ ତାରିଖ ପର୍ଯ୍ୟନ୍ତ ଆସିଥିବା ଅଳ୍ପସଂଖ୍ୟାକଙ୍କୁ ଭାରତରେ ରହିବାକୁ ଅନୁମତି ଦିଆଯାଇଥିଲା। ଉଲ୍ଲେଖଥାଉ କି, କେନ୍ଦ୍ର ସରକାର ୨୦୨୪ ମାର୍ଚ୍ଚ ୧୧ରେ ସାରା ଦେଶରେ ସିଏଏ ଆଇନ୍ ଲାଗୁ କରିଥିଲେ। ଏହି ଆଇନ୍ ଅନୁସାରେ ଚଳିତ ବର୍ଷ ମେ ମାସରେ ୧୪ ଜଣ ଲୋକଙ୍କୁ ଭାରତର ନାଗରିକତା ପ୍ରଦାନ କରାଯାଇଥିଲା। ସେହପିରପ ନେପାଳ ଓ ଭୁଟାନର ନାଗିରକଙ୍କୁ ଭାରତ ଆସିବା ପାଇଁ ଭିସାର ଆବଶ୍ୟକତା ନାହିଁ ବୋଲି କୁହାଯାଇଛି। ୧୯୫୫ରେ ଲାଗୁ ହୋଇଥିବା ଆଇନ୍‌ରେ ପରିବର୍ତ୍ତନ କରାଯାଇଥିଲା।

# ପୁଣି ବିଲିବିଲେଇଲେ ଟ୍ରମ୍ପ

## ଏକତରଫା ସମ୍ପର୍କ ଚଳିବନି



ୱାସିଂଟନ, ୩।୯ (ଏଜେନ୍ସି): 'ମୃତ୍ୟୁ ଚର୍ଚ୍ଚା'ରେ ବିରାମ ଲଗାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସର୍ବ ସମ୍ମୁଖକୁ ଆସିଛନ୍ତି। ସେ ହ୍ୱାଇଟ ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭାରତକୁ ପୁଣି ଦୋଷ ଦେଇଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଦୀର୍ଘ ଦିନ ହେଲା ଆମେରିକା ସହ ଭାରତର ଏକତରଫା ସମ୍ପର୍କ ଥିଲା। ସେଥିପାଇଁ ନୂଆଦିଲ୍ଲୀ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଯାଇଛି। ଟ୍ରମ୍ପଙ୍କ ଅନୁଯାୟୀ ଆମେରିକା ସାମଗ୍ରୀ ଉପରେ ଭାରତ ଶତ ପ୍ରତିଶତ ଶୁଳ୍କ ଲଗାଉଛି। ଏହା ବିଶ୍ୱରେ ସର୍ବାଧିକ। ଏଥିଯୋଗୁଁ ଦୁଇ ଦେଶର ମଧ୍ୟରେ ବାଣିଜ୍ୟ ଅସନ୍ତୁଳନ ସୃଷ୍ଟି ହୋଇଛି। ଆମେରିକା ବହୁତ କମ୍ ଏବଂ ଭାରତ ସର୍ବାଧିକ ବ୍ୟବସାୟ କରୁଥିଲା। କାରଣ ସେତେବେଳେ କୌଣସି ଶୁଳ୍କ ଲଗାଯାଉ ନ ଥିଲା। ଏହାର ଲାଭ ଭାରତ ଉଠାଉ ଥିଲା। ଟ୍ରମ୍ପ ଏଥିପାଇଁ ଆମେରିକୀୟ କମ୍ପାନୀ ହାର୍ଲେ ଡେଭିଡସନର ଉଦାହରଣ ଦେଇଛନ୍ତି। ଏହି କମ୍ପାନୀର ମୋଟରସାଇକେଲ ଉପରେ ଭାରତ ୨୦୦ ପ୍ରତିଶତ ଶୁଳ୍କ ଲଗାଉ ଥିଲା। ଏଥିପାଇଁ କମ୍ପାନୀ ଗାଡ଼ି ବିକ୍ରି କରିପାରୁ ନ ଥିଲା। ତେଣୁ ଏହି କମ୍ପାନୀକୁ ଭାରତରେ କାରଖାନା ପ୍ରତିଷ୍ଠା କରିବାକୁ ପଡ଼ିଥିଲା। ଏହା ଫଳରେ ଆଉ ହାର୍ଲେ ଡେଭିଡସନକୁ ଶୁଳ୍କ ଦେବାକୁ ପଡୁନାହିଁ।

ଟ୍ରମ୍ପ ଦାବି କରିଛନ୍ତି ଯେ ଭାରତୀୟ ସାମଗ୍ରୀ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଶୁଳ୍କ ଦ୍ୱାରା ଆର୍ଥିକ ଉତ୍ତେଜନା ବୃଦ୍ଧି ପାଇଛି। ରୁଷରୁ ଅଶୋଧିତ ତୈଳ କିଣୁଥିବାରୁ ଭାରତକୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଦେବାକୁ ପଡୁଛି। ଟ୍ରମ୍ପ ପୁଣି ନିଜ ଶୁଳ୍କକୁ ଉଚିତ ଦର୍ଶାଇଛନ୍ତି। ସେ ଏହାକୁ ଯୁଦ୍ଧ ସମାଧାନର ଅସ୍ତ୍ର କହିଛନ୍ତି। ଏହି ନୀତି ଯୋଗୁଁ ଆମେରିକାକୁ ଆଲୋଚନାର ଶକ୍ତି ମିଳୁଛି। ଏହି ଚମତ୍କାର ଅସ୍ତ୍ରବଳରେ ୭ ଯୁଦ୍ଧ ଅଟକାଇ ଥିବା ଟ୍ରମ୍ପ ଦାବି କରିଛନ୍ତି। ସେ ପୂର୍ବତନ ଜୋ ବାଇଡେନ ପ୍ରଶାସନକୁ ମଧ୍ୟ ନିଶାଣ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଆମେରିକା ହେଉଛି ବିଶ୍ୱର ମେରୁଦଣ୍ଡ। ପ୍ରଥମ ଚାରି ବର୍ଷର କାର୍ଯ୍ୟକାଳରେ ସେ ଏହାକୁ ମଜବୁତ କରିଥିଲେ। କିନ୍ତୁ ବାଇଡେନ ପ୍ରଶାସନ ଏହାକୁ ଦୁର୍ବଳ କରିଦେଇଥିଲା। ଏବେ ଶୁଳ୍କ ନୀତି ଯୋଗୁଁ ଆମେରିକା ଆର୍ଥିକ ଭାବେ ମଜବୁତ ହେଉଛି।

# ଭାରତ ସହ ତିକ୍ତତା ଆମେରିକାକୁ ମହଙ୍ଗା ପଡ଼ିବ: ଫିନ୍‌ଲାଣ୍ଡ ରାଷ୍ଟ୍ରପତି

ହେଲସିଙ୍କି, ୩।୯ (ଏଜେନ୍ସି): ବୈଦେଶିକ ନୀତିକୁ ଗ୍ଲୋବାଲ ସାଉଥ୍ ପ୍ରତି ବିଶେଷ କରି ଭାରତ ନିମନ୍ତେ ଅଧିକ ସମ୍ମାନ ଏବଂ ସହଯୋଗ ଦେବା ଜରୁରୀ। ଯଦି ଏପରି ନ ହୁଏ ତେବେ ଆମେରିକା ଏହି ବାଜି ହାରିଯିବ ବୋଲି ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡାର ଷ୍ଟବ୍ କହିଛନ୍ତି। ବିଦେଶୀ ନୀତିକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ବିଶେଷ କରି ଆମେରିକାକୁ ଚେତାବନୀ ଦେଇ ଷ୍ଟବ୍ ଏହି ଟିପ୍ପଣୀ ଦେଇଛନ୍ତି। ସେ ୟୁରୋପୀୟ ଦେଶଗୁଡ଼ିକୁ ମଧ୍ୟ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ସମ୍ମିଳନୀର ଉଦାହରଣ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଯୋଗ ଦେଇଥିବା ଏହି ବୈଠକ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପାଇଁ ସତର୍କ ଘଣ୍ଟି ସଦୃଶ। ଏହି ସମ୍ମିଳନୀ କ'ଣ ବାଜିରେ ଲାଗିଛି ବୋଲି ମନେ ପକାଇ ଦେଉଛି। ଆମେ ସମସ୍ତେ ଏକ ପୁରୁଣା ବ୍ୟବସ୍ଥାକୁ ସଂରକ୍ଷିତ କରି ରଖିବାକୁ ଚାହୁଁଛେ। କିନ୍ତୁ ଏସ୍‌ସିଓ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ଏକତାକୁ ଦୁର୍ବଳ କରିବାରେ ଲାଗିଛି। ଶୁଳ୍କକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିଥିବାବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ଭାବେ ପରିଚିତ ଆଲେକଜାଣ୍ଡାର ଏହି ଟିପ୍ପଣୀ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ ଟ୍ରମ୍ପଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା ନେତାଙ୍କ ମଧ୍ୟରେ ଷ୍ଟବ୍ ସାମିଲ ଅଛନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ ଷ୍ଟବ୍‌ଙ୍କ ଉପରେ ପ୍ରଭାବ ପକାଇ ପାରୁଥିବା କ୍ଷୁଦ୍ର ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଷ୍ଟବ୍‌ଙ୍କ ପରି ନେତା ନାହାନ୍ତି। ଏହା ପୂର୍ବରୁ କୌଣସି ୟୁରୋପୀୟ ନେତାଙ୍କୁ ଏଭଳି କ୍ଷମତା ମିଳି ନ ଥିଲା।

# ମରାଠା ଆନ୍ଦୋଳନ: ଆଜାଦ ମଇଦାନରେ କୁଢ଼ କୁଢ଼ ଆବର୍ଜନା

ନୂଆଦିଲ୍ଲୀ, ୩।୯(ଏଜେନ୍ସି): ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ଆୟୋଜନ ହୋଇଥିବା ମରାଠା ସଂରକ୍ଷଣ ଆନ୍ଦୋଳନ ଅବସରରେ ଅଜାଦ ମଇଦାନରେ ୧୨୫ ମେଟ୍ରିକ୍ ଟନ୍‌ରୁ ଅଧିକ ଆବର୍ଜନା ଗଦା ହୋଇଛି। ବ୍ରିହାନମୁମ୍ବଇ ନଗରନିଗମ (ବିଏମ୍‌ସି) ବୁଧବାର ଏ ନେଇ ସୂଚନା ଦେଇଛି। ଗତ ୫ ଦିନ ହେବ ୪୬୬ ଜଣ କର୍ମଚାରୀ ଆବର୍ଜନାକୁ ସଫା କରିବାରେ ଲାଗି ପଡ଼ିଛନ୍ତି। ୨୯ ତାରିଖରେ ପ୍ରଥମ ଦିନରେ ୪ ମେଟ୍ରିକ ଟନ୍ ଆବର୍ଜାନ ବାହାର କରାଯାଇଥିଲା। ସେହିପରି ୩୦ରେ ୭, ୩୧ ଓ ୧ ତାରିଖରେ ୩୦ ମେଟ୍ରିକ ଟନ୍ ଲେଖାଏ ଆବର୍ଜନା ଜମା ହୋଇଥିଲା। ୨ ତାରିଖରେ ସର୍ବାଧିକ ୫୭ ମେଟ୍ରିକ୍ ଟନ୍ ଆବର୍ଜନା ଜମି ରହିଥିଲା। ଅନ୍ୟପଟେ ଏହି ଆନ୍ଦୋଳନ ଅବସରରେ ପ୍ରଦର୍ଶନକାରୀମାନେ ମୁମ୍ବଇରେ ବହୁ ପରିମାଣରେ ଧନସମ୍ପତ୍ତି ନଷ୍ଟ କରିଥିଲେ। ଏ ନେଇ ବମ୍ବେ ହାଇକୋର୍ଟ ମରାଠା ଆନ୍ଦୋଳନର ନେତା ମନୋଜ ଜରାଙ୍ଗେଙ୍କୁ ଏହି ସମ୍ପତ୍ତିର ଭରଣା କିଏ କରିବ ବୋଲି ପ୍ରଶ୍ନ କରିଛନ୍ତି। ମନୋଜ ଅଗଷ୍ଟ ୨୯ରେ ଆଜାଦ ମଇଦାନରେ ଆମରଣ ଅନଶନ ଆରମ୍ଭ କରିଥିଲେ। ବମ୍ବେ ହାଇକୋର୍ଟଙ୍କ ଆଦେଶ ଅନୁସାରେ ମଙ୍ଗଳବାର ତାଙ୍କର ଅନଶନ ଶେଷ ହୋଇଥିଲା। ମନୋଜଙ୍କ ୮ଟି ସର୍ତ୍ତରୁ ସରକାର ୬ଟି ସର୍ତ୍ତ ମାନିଛନ୍ତି। ପ୍ରଦର୍ଶନକାରୀ ମାନେ ଆନ୍ଦୋଳନ ଅବସରରେ ରାସ୍ତା ଓ ଫୁଟ୍‌ପାଥ ଉପରେ ରୋଷେଇ କରିବା ସହ ଗାଧୋଉଥିବାର ଦେଖାଯାଇଥିଲା। ଫଳରେ ଏତେ ପରିମାଣରେ ଆବର୍ଜନା ଗଦା ହୋଇଥିଲା ବୋଲି କୁହାଯାଉଛି।



# ୮୦ତମ ବିଜୟ ଦିବସ ପାଳନ କଲା ଚୀନ୍

ବେଜିଂ, ୩।୯(ଏଜେନ୍ସି): ଚୀନ ବୁଧବାର ତା'ର ୮୦ତମ ବିଜୟ ଦିବସ ପାଳନ କରିଛି। ଏହି ଅବସରରେ ରାଜଧାନୀ ବେଜିଂରେ ଦେଶର ସର୍ବବୃହତ୍ ସୈନ୍ୟ ପରେଡର ଆୟୋଜନ କରାଯାଇଥିଲା। ଏଥିସହ ଚୀନ୍ ସରା ବିଶ୍ୱ ଆଗରେ ନିଜ ଶକ୍ତି ଓ ସାମର୍ଥ୍ୟର ନମୁନା ପ୍ରଦର୍ଶନ କରିଥିଲା। ଆମେରିକାର ଚ୍ୟାଲେଞ୍ଜକୁ ପ୍ରତିହତ କରିବା ପାଇଁ ଚୀନ ବିଜୟ ଦିବସ ଅବସରରେ ଏହି ସାମରିକ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶିତ କରିଥିଲା। ଏଥିରେ ମହାକାଶ ବା ଅନ୍ତରୀକ୍ଷରେ ଆକ୍ରମଣ କରୁଥିବା ମିସାଇଲ, ବିନା ପାଇଲଟ୍‌ରେ ଉଡୁଥିବା ଫାଇଟର ଜେଟ୍, ପାଣି ଭିତର ଚାଲୁଥିବା ଡ୍ରୋନ୍ ସମେକ ବହୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରାଯାଇଥିଲା। ପରେଡ୍‌ରେ ୧୦୦ରୁ ଉର୍ଦ୍ଧ୍ୱ ଅସ୍ତ୍ର, ୪୫ଟି ସୈନ୍ୟ ଦଳ ଓ ୧୦୦ରୁ ଉର୍ଦ୍ଧ୍ୱ ବିମାନ ସାମିଲ ଥିଲା। ପ୍ରଦର୍ଶିତ ହୋଇଥିବା ଅଧିକାଂଶ ଅସ୍ତ୍ରଶସ୍ତ୍ର ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ। ଏହି ଅସ୍ତ୍ରଶସ୍ତ୍ର ଚୀନ୍‌ର ସାମରିକ ଦକ୍ଷତା ଓ ଉନ୍ନତ ବୈଶୟିକ ଜ୍ଞାନକୌଶଳ ପ୍ରଦର୍ଶନ କରୁଛି ବୋଲି ଚୀନ୍ ରାଷ୍ଟ୍ରପତି ସି ଜିଙ୍ଗ୍‌ପିଙ୍ଗ୍ କହିଛନ୍ତି। ବିଜୟ ଦିବସ ପାଳନ ଅବସରରେ ଚୀନ୍ ପ୍ରଥମଥର ପାଇଁ ଟାଇପ୍ ୯୯ବି ମେନ ବ୍ୟାଟଲ ଟ୍ୟାଙ୍କ ପ୍ରଦର୍ଶିତ କରିଥିଲା। ଏହା ଟାଇପ୍ ୯୯ ସିରିଜର ସବୁଠାରୁ ନୂଆ ତୃତୀୟ ପୀଢ଼ିର ଟ୍ୟାଙ୍କ ବିବେଚିତ ହେଉଛି। ଏହି ଅବସରରେ ଚୀନ୍ ପିଏଚ୍ଏଲ୍-୧୬ ମଲ୍ଟିପଲ ରକେଟ ଲଞ୍ଚର ପ୍ରଦର୍ଶିତ କରିଥିଲା। ସେହପରି ପାଣି ଭିତରେ ଚାଲୁଥିବା ଏଜେଏକ୍ସ୦୦୨ ଡ୍ରୋନ୍ ମଧ୍ୟ ପ୍ରଦର୍ଶିତ ହୋଇଥିଲା।

# ସୁନା ଅଳଙ୍କାରକୁ ମାନିବ ଏହି ମେକ୍‌ଅପ୍

**ମେକ୍‌ଅପ୍ ଭଳି ଅଳଙ୍କାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଏହା ସାଧା ପରିଧାନକୁ ସୁନ୍ଦର କରିଥାଏ । ବର୍ତ୍ତମାନ ବିଭିନ୍ନ ଅଳଙ୍କାର ବିକଳ୍ପ ଥିଲେ ମଧ୍ୟ, ସୁନା ଅଳଙ୍କାରର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି । ଏହାର ଲୋକପ୍ରିୟତା ସବୁବେଳେ ରହିଥାଏ । ତେଣୁ ପାରିବାରିକ ଉତ୍ସବ, ବିବାହ, ଜନ୍ମଦିନ, ବର୍ଷପୂରାଣୀ ଆଦିରେ ମହିଳାମାନେ ସୁନା ଅଳଙ୍କାର ପିନ୍ଧି ଯିବାକୁ ପସନ୍ଦ କରନ୍ତି । ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ତେଣୁ ସୁନା ଅଳଙ୍କାର ପିନ୍ଧି ସୁନ୍ଦର ଦିଶିବାକୁ ଚାହୁଁଥିଲେ, ମେକ୍‌ଅପ୍ ପ୍ରତି ଧ୍ୟାନ ଦେବା ଜରୁରି ।**



### ମେକ୍‌ଅପ୍ ବେସ୍‌କୁ ରଖନ୍ତୁ ହାଲୁକା

ମେକ୍‌ଅପ୍ କରୁଥିବା ସମୟରେ ବେସ୍‌କୁ ଧ୍ୟାନ ଦିଅନ୍ତୁ । ବିଶେଷ କରି ସୁନା ଅଳଙ୍କାର ପିନ୍ଧୁଥିଲେ ଯତ୍ନବାନ ହେବା ଆବଶ୍ୟକ । କାରଣ ସୁନା ଅଳଙ୍କାର ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ତେଣୁ ମେକ୍‌ଅପ୍‌କୁ ହାଲୁକା ରଖିଲେ ଏହା ବେଶି ସୁନ୍ଦର ଲାଗିଥାଏ । ଏଥିପାଇଁ ହାଲୁକା ଫାଉଣ୍ଡେସନ୍ କିମ୍ବା ବିବି କ୍ରିମ୍ ବ୍ୟବହାର କରିପାରିବେ । ଥରେ ଫାଉଣ୍ଡେସନ୍ ଲଗାଇବା ପରେ ମୁହଁରେ ଥିବା ଦାଗକୁ କମ୍ କରିବା ପାଇଁ କନ୍‌ସିଲର୍ ଲଗାନ୍ତୁ । ଏହାପରେ ଟ୍ରାନ୍ସୁଲେଣ୍ଟ ପାଉଡର ବ୍ୟବହାର କରି ଫ୍ରେଶ୍ ମ୍ୟାଟ୍ ଲୁକ୍ ଦିଅନ୍ତୁ ।

### ଆଖିକୁ କରନ୍ତୁ ହାଇଲାଇଟ୍

ମେକ୍‌ଅପ୍ କରିବା ସମୟରେ ଆଖିକୁ ହାଇଲାଇଟ୍ କରନ୍ତୁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଆଖିକୁ ହାଇଲାଇଟ୍ କରିବା ପାଇଁ ହାଲୁକା ଗୋଲଡେନ୍ କିମ୍ବା ବ୍ରୋଞ୍ଜ ସିମର ଆଇସ୍ୟାଡୋ ବ୍ୟବହାର କରିପାରିବେ । ଏହାପରେ କପର୍ କିମ୍ବା ବ୍ରାଉନ୍ ଆଇସ୍ୟାଡୋ ସ୍ମଜ୍ କରି ଲଗାଇପାରିବେ । ଏହାଦ୍ୱାରା ଆଖିର ସୁନ୍ଦରତା ଦ୍ୱିଗୁଣା ବୃଦ୍ଧି ପାଇଥାଏ । ସେହିପରି ଆଖିରେ କଳା ଆଇଲାଇନରରେ ୱିଙ୍ଗ୍ କରିପାରିବେ । ସେହିପରି ଆଖି ମେକ୍‌ଅପ୍‌କୁ ସମ୍ପୂର୍ଣ୍ଣ କରିବା ପାଇଁ ମସ୍କାରା ଲଗାଇବାକୁ ଭୁଲନ୍ତୁନି ।

### ତ୍ୱଚାକୁ ୱାର୍ମ ଟୋନ୍ ଦିଅନ୍ତୁ

ସୁନା ଅଳଙ୍କାର ପିନ୍ଧୁଥିଲେ ବ୍ରୋଞ୍ଜ, ପୀଚ୍ ଓ ଧୂସର ରଙ୍ଗ ପ୍ରତି ଧ୍ୟାନ ଦିଅନ୍ତୁ । ଏହି ୱାର୍ମଟୋନ୍ ତ୍ୱଚାରେ ପ୍ରାକୃତିକ ଚମକ ଆଣିଥାଏ । ଏଥିସହ ଅଳଙ୍କାରର ରଙ୍ଗକୁ ନିୟନ୍ତ୍ରଣ କରିଥାଏ । ବ୍ଲଶ୍‌କୁ ମଧ୍ୟ ୱାର୍ମ ରଖିବା ଆବଶ୍ୟକ । ସୁନା ଅଳଙ୍କାର ସହ ପିଚ୍ କିମ୍ବା କୋରାଲ ବ୍ଲଶ୍ ଅଧିକ ସୁନ୍ଦର ଲାଗିଥାଏ ।

# ରୋଜଗାରର ରାହା ପାଲଟିଛି ରେଜିନ୍ ଆର୍ଟ

**ସାଧାରଣତଃ ଫୁଲଟିଏ ନିଜର ରଙ୍ଗ, ସୌନ୍ଦର୍ଯ୍ୟ, ସୁଗନ୍ଧ ଓ କୋମଳତା ପାଇଁ ସବୁରି ମନ ହରଣ କରିଥାଏ । ଏହାକୁ ଠାକୁର ପୂଜା, ସାଜସଜ୍ଜା, ବିବାହ ଆଦି ମାଙ୍ଗଳିକ କାର୍ଯ୍ୟରେ ବ୍ୟବହାର କରାଯାଏ; କିନ୍ତୁ ଏବେ ଏହା କେବଳ ସାଜସଜ୍ଜା ନୁହେଁ, ଫେଶନର ଏକ ଅଂଶ ପାଲଟିଛି । ଫୁଲ ଓ ପତ୍ରକୁ ଶୁଖାଇ ରେଜିନ୍ ଆର୍ଟ ମାଧ୍ୟମରେ ଭଳିକି ଭଳି ଲକେଟ୍, କାନଫୁଲ, ଅଳଙ୍କାର ଓ ବ୍ରେସ୍‌ଲେଟ୍ ଆଦି ପ୍ରସ୍ତୁତ କରି ରୋଜଗାରକ୍ଷମ ହୋଇଛନ୍ତି, ଉତ୍ତରାଖଣ୍ଡ ହଲ୍‌ଦ୍ୱାନିର ରକ୍ଷନ୍ଦା ବିଷ୍ଟ । ଏଥିସହ ସେ ରେଜିନ୍ ଆର୍ଟରେ ଘରସଜ୍ଜା ଉପକରଣ ପ୍ରସ୍ତୁତ କରି ଅନ୍ୟ ମହିଳାଙ୍କୁ ପ୍ରୋତ୍ସାହିତ କରିଛନ୍ତି ।**





### ଅଳଙ୍କାର ଓ ସାଜସଜ୍ଜା ଉପକରଣ

ରକ୍ଷନ୍ଦା ସୂର୍ଯ୍ୟମୁଖୀ, ଗୋଲାପ, ମୋଗରା, ମଲ୍ଲୀ, ଚମେଲି ଭଳି ଫୁଲ ଉପଯୋଗ କରି ମୁଦି, କାନଫୁଲ, ଲକେଟ୍, ବ୍ରେସ୍‌ଲେଟ୍ ଭଳି ରେଜିନ୍ ଅଳଙ୍କାର ତିଆରି କରନ୍ତି । ଏଥିସହ ରେଜିନ୍ ଆର୍ଟ ମାଧ୍ୟମରେ ସେ ଫଟୋ ଫ୍ରେମ୍, ବୁକ୍‌ମାର୍କ୍ସ, ଟ୍ରେ ଏବଂ ଅନ୍ୟ ଘରକରଣା ଜିନିଷ ତିଆରି କରିଥାନ୍ତି । ବିଶେଷ କଥା ହେଉଛି ତାଙ୍କର ସମସ୍ତ ଉତ୍ପାଦ ଘର ତିଆରି ହୋଇଥିବାରୁ ଲୋକେ ଏହାକୁ ଅଧିକ ପସନ୍ଦ କରିଥାନ୍ତି । ଏହା ଜିନିଷ ଦେଖିବାକୁ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଥାଏ ।

### କରିଛନ୍ତି ନିଜର ବ୍ରାଣ୍ଡ

ରେଜିନ୍, ଅକ୍ସୀ ରେଜିନ୍, ଏବଂ ଜାସମୋନାଇଟ୍ ଭଳି ଉପାଦାନ ବ୍ୟବହାର କରି ସେ ଫୁଲକୁ ସଂରକ୍ଷିତ କରନ୍ତି । ଏହାଦ୍ୱାରା ଫୁଲ ଦୀର୍ଘ ସମୟ ଧରି ସତେଜ ଓ ସୁନ୍ଦର ରହିଥାଏ । ଏହା ଦେଖିବାକୁ ମଧ୍ୟ ଖୁବ୍ ଆକର୍ଷଣୀୟ ଦେଖାଯାଏ । ତାଙ୍କ କହିବାନୁଯାୟୀ ସେ ସାମାଜିକ ଗଣମାଧ୍ୟରେ ରେଜିନ୍ ଆର୍ଟ ଦେଖି ଏଥିପ୍ରତି ଆକର୍ଷିତ ହୋଇଥିଲେ । ଧୀରେ ଧୀରେ ଶିଖି ଏଥିରେ ସଫଳ ହୋଇଥିଲେ । ସେ ଦୀର୍ଘ ତିନିବର୍ଷ ଧରି ଏହି କାର୍ଯ୍ୟ କରି ଆସୁଛନ୍ତି । ସେ ଇନ୍‌ଷ୍ଟାଗ୍ରାମରେ 'ରେସ୍‌ମୋନାଇଟ୍' ନାମରେ ଏକ ଆକାଉଣ୍ଟ ଖୋଲି ଏହି ବ୍ୟବସାୟ ଜାରି ରଖିଛନ୍ତି । ଏଥିରେ ଲୋକେ ତାଙ୍କ ହାତ ତିଆରି ଜିନିଷ ଦେଖି କିଣିଥାନ୍ତି । ଏଥିସହ ସେ ବିଭିନ୍ନ ପ୍ରଦର୍ଶନୀରେ ନିଜ ଷ୍ଟଲ୍ ପକାଇଥାନ୍ତି ।

### ବଢୁଛି ରେଜିନ୍ ଆର୍ଟର ଚାହିଦା

ଏହା ଏକ ପ୍ରକାର କଳା । ଏଥିରେ ତରଳ ରେଜିନରେ ବିଭିନ୍ନ ଗ୍ଲିଟର୍ ମିଶାଇ ସେଥିରେ ଫୁଲ ଦେଇ ବିଭିନ୍ନ ଅଳଙ୍କାର ଓ ଘରସଜ୍ଜା ଜିନିଷ ଆଦି ପ୍ରସ୍ତୁତ କରାଯାଇଥାଏ । ଏହା ଦୀର୍ଘସ୍ଥାୟୀ ମଧ୍ୟ ହୋଇଥାଏ । ସ୍ଥାନୀୟ ଅଞ୍ଚଳର ଲୋକେ ରକ୍ଷନ୍ଦାଙ୍କ ରେଜିନ୍ ଜୁଏଲାରୀକୁ ଖୁବ୍ ପସନ୍ଦ କରନ୍ତି । ଏହା ଅନ୍ୟ ଅଳଙ୍କାରଠୁ ଭିନ୍ନ ହୋଇଥିବାରୁ ଯୁବତୀମାନେ ଏଥିପ୍ରତି ଅଧିକ ଆକର୍ଷିତ ହୋଇଥାନ୍ତି । ତେବେ ଏହି ଅଳଙ୍କାର ତିନିଶହ ଟଙ୍କାରୁ ଆରମ୍ଭ ହୋଇ ବିଭିନ୍ନ ମୂଲ୍ୟ ଯାଏ ରହିଛି । ରକ୍ଷନ୍ଦାଙ୍କ କହିବାନୁଯାୟୀ ଲୋକେ ଏହି ଜିନିଷକୁ ଖୁବ୍ ପସନ୍ଦ କରୁଛନ୍ତି । ଏହାଦ୍ୱାରା ସେ ନିଜେ ରୋଜଗାରକ୍ଷମ ହେବା ସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରେରିତ କରିଛନ୍ତି । ତେବେ ଆତ୍ମବିଶ୍ୱାସ ଓ ସୃଜନଶୀଳତା ଥିଲେ ସବୁକିଛି ସମ୍ଭବ ବୋଲି ସେ ପ୍ରମାଣ କରିଛନ୍ତି ।

# କାନ୍ଥରୁ କ୍ରେୟନ୍ ରଙ୍ଗ ସଫା କରିବାର ଉପାୟ



**ଘରର କାନ୍ଥ ସଫାସୁତୁରା ରହିଲେ ସୁନ୍ଦର ଦେଖାଯାଏ; କିନ୍ତୁ ଘରେ ଛୋଟ ପିଲାଥିଲେ କାନ୍ଥ ଅପରିଷ୍କାର ତଥା ଗାରେଇ ହେବା ସ୍ୱାଭାବିକ କଥା । ବାରମ୍ବାର ମନା କରିବା ସତ୍ତ୍ୱେ ପିଲାମାନେ କାନ୍ଥରେ କ୍ରେୟନ, ପେନ୍‌ସିଲ୍ ଆଦି ଗାରେଇଥାନ୍ତି । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେବେ କାନ୍ଥରୁ ଏହି ରଙ୍ଗକୁ ସହଜ ଉପାୟରେ କିପରି ଛଡ଼ାଇବେ ଜାଣିବା ସେ ବିଷୟରେ...**

### ଗ୍ଲାସ୍ କ୍ଲିନର୍

କାନ୍ଥରେ ପିଲାମାନେ ରଙ୍ଗ, ପେନ୍‌ସିଲ୍, କଲମ ଆଦି ଗାରେଇ ଥିଲେ, ଏଥିପାଇଁ ଓଦା କପଡ଼ା ବ୍ୟବହାର ନ କରି ଗ୍ଲାସ କ୍ଲିନର୍ ବ୍ୟବହାର କରିପାରିବେ । ଏହା ମାର୍କେଟରେ ସହଜରେ ମିଳିବ । ଏଥିପାଇଁ ଗ୍ଲାସ୍ କ୍ଲିନର୍‌କୁ କାନ୍ଥରେ ସ୍ପ୍ରେ କରି ପାଞ୍ଚସାତ ମିନିଟ୍ ଯାଏ ଛାଡ଼ି ଦିଅନ୍ତୁ । ଏହାପରେ ଏହାକୁ ଏକ କପଡ଼ାରେ ସଫା କରନ୍ତୁ ।

### ଡିସ୍‌ୱାସ୍ ଲିକ୍ୱିଡ୍

ଡିସ୍‌ୱାସ୍‌ରେ କେବଳ ବାସନ ନୁହେଁ, କାନ୍ଥକୁ ମଧ୍ୟ ଚମକାଇ ପାରିବେ । ଏଥିପାଇଁ ଉଷୁମ ପାଣିରେ ଡିସ୍‌ୱାସ୍ ଜେଲ୍ ପକାଇ ଘାଣ୍ଟି ଦିଅନ୍ତୁ । ଏହି ପାଣିରେ ଏକ କପଡ଼ା ଭିଜାଇ କାନ୍ଥକୁ ସଫା କରନ୍ତୁ ।

# ଦୋ ମୁହାଁ କେଶର ଘରୋଇ ଉପଚାର

**ଅନେକ ମହିଳା ଦୋମୁହାଁ କେଶ ସମସ୍ୟା ଦୂର କରିବା ପାଇଁ କେଶ କାଟି ଦିଅନ୍ତି । କିନ୍ତୁ ଏହା ସତ୍ତ୍ୱେ ଦୋ ମୁହାଁ କେଶ ପୁଣି ଦେଖିବାକୁ ମିଳିଥାଏ । ଏହାଦ୍ୱାରା କେଶ ରୁକ୍ଷ ଓ ଦୁର୍ବଳ ହୋଇଯାଏ । ବାରମ୍ବାର ପାର୍ଲର ଯାଇ ଖର୍ଚ୍ଚାନ୍ତରୁ ବଞ୍ଚିବାକୁ ଚାହୁଁଥିଲେ, ଘରୋଇ ଉପଚାର ଆପଣାଇ ଦୋମୁହାଁ କେଶ ସମସ୍ୟା ଦୂର କରିପାରିବେ । ଜାଣିବା ସେ ବିଷୟରେ...**



### ହେୟାର୍ ମାସ୍କ

ଏଥିପାଇଁ ନଡ଼ିଆ ତେଲ ଓ ଶୁଦ୍ଧ ମହୁ ବ୍ୟବହାର କରିପାରିବେ । କେଶର ଲମ୍ବ ଅନୁସାରେ ଗୋଟିଏ ପାତ୍ରରେ ନଡ଼ିଆ ତେଲ ନେଇ ସେଥିରେ ଦୁଇ ଚାମଚ ମହୁ ମିଶାନ୍ତୁ । ଏହାକୁ ଭଲରେ ଚାମଚ ସାହାଯ୍ୟରେ ଗୋଳାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ ।

### ଏପରି କରନ୍ତୁ ବ୍ୟବହାର

ଏହାକୁ ବ୍ୟବହାର କରିବା ଖୁବ୍ ସହଜ । ଏଥିପାଇଁ ପ୍ରଥମେ କେଶ ପରିଷ୍କାର ଅଛି କି ନାହିଁ ତାହା ଧ୍ୟାନ ରଖିବା ଜରୁରୀ । ସେହିପରି ଆବଶ୍ୟକ ହେଲେ ସାମ୍ପୁ ଲଗାଇ ପୁଣିଥରେ କେଶ ସଫା କରି ଦିଅନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ହେୟାର୍ ମାସ୍କ ଲଗାନ୍ତୁ । ଏହାକୁ କେଶମୂଳରୁ ନେଇ ଅଗ ଯାଏ ଭଲରେ ଲଗାନ୍ତୁ । ଏହାକୁ ଲଗାଇବାର ୪୦ ମିନିଟ୍ ପରେ ଏକ ମାଇଲ୍ଡ ସାମ୍ପୁରେ କେଶ ଧୋଇଦିଅନ୍ତୁ ।

### ସପ୍ତାହରେ ଲଗାନ୍ତୁ ଦୁଇଥର

ସପ୍ତାହରେ ଅତି କମ୍‌ରେ ଦୁଇଥର ଏହି ମାସ୍କ ଲଗାଇବା ଆବଶ୍ୟକ । ଏହା ଦ୍ୱାରା ଧୀରେ ଧୀରେ ଦୋମୁହାଁ କେଶ ସମସ୍ୟା ଦୂର ହୋଇଥାଏ । କେଶ ସୁସ୍ଥ, ସୁନ୍ଦର ଓ ମଜଭୂତ ରହିଥାଏ ।

# ଫେଶନରେ ଆଫ୍‌ଗାନୀ ସୁଟ୍



**ଫେଶନ ଅନୁଯାୟୀ ଯୁବତୀମାନେ ପାରମ୍ପରିକ ଓ ଆଧୁନିକ ସ୍ପର୍ଶ ଥିବା ପୋଷାକ ପିନ୍ଧିବାକୁ ବେଶୀ ପସନ୍ଦ କରନ୍ତି । ସେମିତି ଏକ ସୁଟ୍ ହେଉଛି ଆଫ୍‌ଗାନୀ ସୁଟ୍ । ଏହା ଦେଖିବାକୁ ଆକର୍ଷଣୀୟ ହେବାସହ, ପିନ୍ଧିବାକୁ ଆରାମଦାୟକ ଲାଗିଥାଏ । ତେଣୁ ଯୁବତୀମାନେ ଏହାକୁ ପାର୍ଟି, ଫଙ୍କସନ୍ ଆଦି ସ୍ଥାନକୁ ପିନ୍ଧିଯିବାକୁ ପସନ୍ଦ କରିଥାନ୍ତି ।**

### ଆଫ୍‌ଗାନୀ ସୁଟ୍

ଅଫିସ୍ ଓ କଲେଜ ଯାଉଥିବା ମହିଳାଙ୍କ ପାଇଁ ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ଏହା ଅଧିକ କ୍ଲାସି ଓ ପ୍ରଫେସ୍‌ନାଲ୍ ଲାଗିଥାଏ । ଏହାକୁ ବଜାରରୁ କିଣିପାରିବେ, ନଚେତ୍ ନିଜ ପସନ୍ଦ ଅନୁଯାୟୀ କପଡ଼ା କିଣି ଏହାକୁ ପ୍ରସ୍ତୁତ କରିପାରିବେ । ଏଥିସହ କଣ୍ଟ୍ରାଷ୍ଟ ଦୁପଟା ପକାଇ ଷ୍ଟାଇଲ୍‌କୁ ଦୁଇଗୁଣା କରିପାରିବେ ।

### ଫର୍ମାଲ କୁର୍ତ୍ତା

ଫର୍ମାଲ ଓ ଷ୍ଟାଇଲିଶ୍ କୁର୍ତ୍ତା ସେଟ୍ ଚାହୁଁଥିଲେ, ଭି-ନେକ୍ ଓ ଏ-ଲାଇନ୍ କଟିଙ୍ଗ ଯୁକ୍ତ କୁର୍ତ୍ତାସେଟ୍ କରିପାରିବେ । ଏହାକୁ ସାଧା ସୂତା ପ୍ରିଣ୍ଟ କପଡ଼ାରେ ପ୍ରସ୍ତୁତ କରିପାରିବେ । ଆଫ୍‌ଗାନୀ କୁର୍ତ୍ତା ସେଟ୍‌ର ଏହି ଷ୍ଟାଇଲ୍ କାର୍ଯ୍ୟସ୍ଥଳୀ ପାଇଁ ଖୁବ୍ ଭଲ ହୋଇଥାଏ ।

### ପାର୍ଟି ପାଇଁ ସିମର୍

ବିବାହ କିମ୍ବା କୌଣସି ପାର୍ଟି, ଫଙ୍କସନ୍ ପାଇଁ ଆକର୍ଷଣୀୟ ପୋଷାକ ପିନ୍ଧିବାକୁ ଚାହୁଁଥିଲେ, ସିମର୍ ଫ୍ୟାବ୍ରିକ୍‌ରେ ନିର୍ମିତ, ଆଫ୍‌ଗାନୀ ସୁଟ୍ ଭଲ ବିକଳ୍ପ । ମାଳି ଓ ହାଲୁକା ଏମ୍ବ୍ରୋଡୋରୀ ଡିଜାଇନର ଏହି ସୁଟ୍ ଅଧିକ ଓଜନିଆ ଲାଗେ ନାହିଁ । ଏଥିରୁ ଏକ ସୁନ୍ଦର ଲୁକ୍ ମିଳିଥାଏ ।

### ଫ୍ଲୋରାଲ୍ ପ୍ରିଣ୍ଟ

ଏବେ ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ଓ ଡ୍ରେସ୍‌ର ଲୋକପ୍ରିୟତା ରହିଛି । ଏହା ଷ୍ଟାଇଲିଶ୍ ହେବା ସହ ଦେଖିବାକୁ ଖୁବ୍ ସୁନ୍ଦର ହୋଇଥାଏ । ଏପରି ସ୍ଥଳେ ଚାହିଁଲେ, ପ୍ରିଣ୍ଟେଡ୍ କପଡ଼ାରେ ଏହି ସୁଟ୍ ତିଆରି କରିପାରିବେ । ଫୁଲ୍ ସ୍ଲିଭ୍‌ସ କିମ୍ବା ପଫ୍ ସ୍ଲିଭ୍ ବ୍ଲାଉଜ୍ ଏହାକୁ ଅଧିକ ଆକର୍ଷଣୀୟ କରିଥାଏ ।

# ମୋ ହାଣ୍ଡିଶାଳରୁ...

## ମିଲେଟ୍ ଖିରୀ



### ଆବଶ୍ୟକ ସାମଗ୍ରୀ

କ୍ଷୀର – ଚାରି କପ୍, ପିସ୍ତା ଗୁଣ୍ଡ – ଦୁଇଚାମଚ, କାଜୁ ଗୁଣ୍ଡ – ଦୁଇ ଚାମଚ, କିସମିସ୍ –ଚାରି ପାଞ୍ଚୋଟି, କୋଡୋ ମିଲେଟ୍ – ଦୁଇ କପ୍, ଚିନି – ଅଧା କପ୍, ଗୁଆଘିଅ – ଦୁଇ ଚାମଚ, ଗୁଜରାତି- ଅଧା ଚାମଚ ।

### ପ୍ରସ୍ତୁତି ପ୍ରଣାଳି

ଚୁଲାରେ କଡ଼େଇ ବସାଇ ଚାରି କପ୍ କ୍ଷୀର ଦେଇ ଫୁଟାନ୍ତୁ । ଏହାପରେ ଏକ କଡ଼େଇ ବସାଇ ସେଥିରେ ଦୁଇଚାମଚ ଘିଅ ଦେଇ, ଦୁଇ ଚାମଚ ପିସ୍ତା, ବାଦାମ, କାଜୁ ଓ କିସ୍‌ମିସ୍ ଦେଇ ଅଳ୍ପ ସମୟ ଭାଜି ଏକ ପାତ୍ରରେ କାଢ଼ି ଦିଅନ୍ତୁ । ଏହାପରେ କଡ଼େଇରେ ଅଳ୍ପ ଘିଅ ଦେଇ ସେଥିରେ କୋଡୋ ମିଲେଟ୍ ପକାଇ ଭାଜନ୍ତୁ । ହାଲୁକା ଭାଜି ହୋଇଯିବା ପରେ ଏହାକୁ ଫୁଟନ୍ତା କ୍ଷୀରରେ ପକାଇ ବହଳିଆ ହେବା ଯାଏ ଘାଣ୍ଟନ୍ତୁ । ଏହାପରେ ସେଥିରେ ଆବଶ୍ୟକ ଅନୁସାରେ ଚିନି, ଗୁଜରାତି ଗୁଣ୍ଡ ଦେଇ ଘାଟନ୍ତୁ । ଶେଷରେ ଭାଜି ରଖିଥିବା ଡ୍ରାଏ ଫ୍ରୁଟ୍ସ ସବୁକୁ ଦେଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ମିଲେଟ୍ ଖିରୀ' ।

# ଚର୍ଚ୍ଚାରେ କ୍ରିକେଟରଙ୍କ ବ୍ରୋଙ୍କୋ ଟେଷ୍ଟ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆଇପିଏଲ୍ ଓ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ପରେ ଅନେକ ପ୍ରତିଷ୍ଠିତ ଭାରତୀୟ କ୍ରିକେଟର କୌଣସି ପ୍ରତିଯୋଗିତାମୂଳକ କ୍ରିକେଟ ଖେଳି ନାହାନ୍ତି। ଏହା ମଧ୍ୟରେ କିଛି ଖେଳାଳି ଦୁଲୀପ୍ ଟ୍ରଫିରେ ଅବତୀର୍ଣ୍ଣ ହୋଇଥିଲାବେଳେ ଆଉ କିଛି ଏସିଆ କପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍ ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେଥିଲାଗି ଏଠାରେ ଥିବା ସେଣ୍ଟର ଫର ଏକ୍ସିଲେନ୍ସିରେ ଖେଳାଳିମାନଙ୍କର ଫିଟନେସ ଟେଷ୍ଟ କରାଯାଇଛି। ନୂଆକରି ଷ୍ଟ୍ରେନ୍ଥ ଓ କଣ୍ଡିସନିଂ କୋଚ୍ ନିଯୁକ୍ତ ପାଇଥିବା ଆଡ୍ରିଆନ ଲୀ ରକ୍ସଙ୍କ ପ୍ରସ୍ତାବିତ ବ୍ରୋଙ୍କୋ ଟେଷ୍ଟକୁ ନେଇ ଚର୍ଚ୍ଚା ଚାଲିଛି। ଭାରତୀୟ ଖେଳାଳିମାନେ କଷ୍ଟସାଧ୍ୟ ବ୍ରୋଙ୍କୋ ଟେଷ୍ଟରେ ପାସ କଲେ ଚୟନଲାଗି ଉପଲବ୍ଧ ହେବେ ବୋଲି କୁହାଯାଇଥିଲା। କିନ୍ତୁ ରୋହିତ ଶର୍ମାଙ୍କଠାରୁ ଆରମ୍ଭ କରି ଅର୍ଶଦୀପ ସିଂହଙ୍କ ସମେତ ଅନେକ ଖେଳାଳି ଏଠାରେ ଫିଟ୍‌ନେସ ଟେଷ୍ଟରେ ପାସ୍ କରିଛନ୍ତି। ସେମାନଙ୍କୁ କେବଳ ୟୋ ୟୋ ଟେଷ୍ଟ କରାଯାଇଥିଲା। ଆବଶ୍ୟକ ହେଲେ ବ୍ରୋଙ୍କୋ ଟେଷ୍ଟକୁ ବିସିସିଆଇ ଗ୍ରହଣ କରିବ ବୋଲି କୁହାଯାଇଛି।

# ଜୁନିଅର ହକି ବିଶ୍ୱକପ୍ ବୟକଟ୍ କରିବ ପାକିସ୍ତାନ

ଲାହୋର, ୩।୯ (ଏଜେନ୍ସି): ଚଳିତ ବର୍ଷ ଶେଷ ଭାଗରେ ଏଫ୍‌ଆଇଏଚ୍ ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ ଭାରତରେ ଆୟୋଜିତ ହେବ। ନଭେମ୍ବର ୨୮ରୁ ଡିସେମ୍ବର ୧୦ ତାରିଖ ପର୍ଯ୍ୟନ୍ତ ଏହା ଚେନ୍ନଇର ମଦୁରାଇରେ ଖେଳାଯିବ। ତେବେ ଏହି ମେଗା ଇଭେଣ୍ଟକୁ ପାକିସ୍ତାନ ଦଳ ବୟକଟ୍ କରିବ ବୋଲି ଜଣାପଡ଼ିଛି। 'ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି ରହିଛି। ଏଭଳି ସ୍ଥିତିରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ' ବୋଲି ପାକିସ୍ତାନ ହକି ମହାସଂଘର ସଭାପତି ତାରିକ ବଗତି କହିଛନ୍ତି। ଲାହୋରରେ ଗଣମାଧ୍ୟମ ସହ ଆଲୋଚନା ଅବସରରେ ତାରିକ କହିଛନ୍ତି, 'ଏଭଳି ଉତ୍ତେଜନାମୂଳକ ପରିସ୍ଥିତିରେ ଭାରତ ଯାଇ ଚଳିତ ଏସିଆ କପ୍ ଖେଳିବା ସମ୍ଭବପର ନ ଥିଲା। ଉଭୟ ପାର୍ଶ୍ୱରେ ବର୍ତ୍ତମାନ ଯୁଦ୍ଧଭଳି ସ୍ଥିତି। ଏଭଳି ସମୟରେ ବର୍ତ୍ତମାନ କି ନିକଟ ଭବିଷ୍ୟତରେ ଆମେ ଭାରତ ଗସ୍ତ କରିପାରିବୁ ନାହିଁ। ସେହିଭଳି ଯଦି ଭାରତୀୟ କ୍ରିକେଟ୍ ଦଳ ଏଠାକୁ ଆସିପାରୁ ନାହିଁ ତେବେ ପାକିସ୍ତାନ ହକି ଦଳ ଭାରତ ଗସ୍ତରେ ମଧ୍ୟ ଯିବ ନାହିଁ।' ଅପରପକ୍ଷରେ ପାକିସ୍ତାନ ବିଶ୍ୱକପରେ ଭାଗନେବ କି ନାହିଁ ତାହା ଅନିଶ୍ଚିତତା ମଧ୍ୟରେ ରହିଛି ବୋଲି ଭାରତୀୟ ହକି ମହାସଂଘର ସମ୍ପାଦକ ଭୋଲାନାଥ ସିଂ କହିଛନ୍ତି।

# ଜର୍ସି ସ୍ପନସର ବିନା ଏସିଆ କପ୍ ଖେଳିବ ଭାରତ

ନୂଆଦିଲ୍ଲୀ,୩।୯ (ଏଜେନ୍ସି): ୟୁଏଇରେ ସେପ୍ଟେମ୍ବର ୯ରୁ ୮ଟି ଦଳକୁ ନେଇ ଆରମ୍ଭ ହେବ ଏସିଆ କପ୍ ଟି-୨୦ କ୍ରିକେଟ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଭାରତ ସମସ୍ତ ପ୍ରକାର ପ୍ରସ୍ତୁତି ଚଳାଇଥିଲେ ମଧ୍ୟ ଜର୍ସି ଓ କିଟ୍ ସ୍ପନସର ବିନା ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବ ବୋଲି ନିଶ୍ଚିତ ହୋଇଛି। ଅନ୍‌ଲାଇନ୍ ଗେମିଂ ପ୍ଲାଟଫର୍ମକୁ ଭାରତ ସରକାର ବାସନ୍ଦ କରିବା ପରେ ଜର୍ସି ସ୍ପନସରରୁ ବାଦ୍ ପଡ଼ିଥିଲା ଡ୍ରିମ-୧୧। ଏହି ସ୍ଥାନ ପୂରଣ ଲାଗି ବିସିସିଆଇ ଟେଣ୍ଡର ଆହ୍ୱାନ କରିଛି। ଏତେ ଶୀଘ୍ର ଏହା ପୂରଣ ହୋଇପାରିବ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ଜର୍ସି ସ୍ପନସର ନ ଥାଇ ଖେଳିବ ବୋଲି ସ୍ପଷ୍ଟ ହୋଇଛି। ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଖେଳିବ। ୧୦ରେ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ଓମାନ ସହ ଗ୍ରୁପ୍-ଏ' ମୁକାବିଲାରେ ଭାରତ ଅବତୀର୍ଣ୍ଣ ହେବ।

# ଆଜିଠାରୁ ଦୁଲୀପ ଟ୍ରଫି ସେମିଫାଇନାଲ ଲଢ଼େଇ

ବେଙ୍ଗାଲୁରୁ,୩।୯ (ଏଜେନ୍ସି): ଆନ୍ତଃଜୋନ୍ ଦୁଲୀପ୍ ଟ୍ରଫି କ୍ରିକେଟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ମୁକାବିଲା ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଜାତୀୟ ଦଳକୁ ଫେରିବା ଲାଗି ଆଶାୟୀ ଥିବା ଖେଳାଳିଙ୍କ ଲାଗି ଏହା ବେଶ ସହାୟକ ହେବ। ଆସନ୍ତାକାଲିର ସେମିଫାଇନାଲ ମୁକାବିଲାରେ ପଶ୍ଚିମାଞ୍ଚଳ ସହ କେନ୍ଦ୍ରାଞ୍ଚଳ ଖେଳିବ। ଏସିଆ କପ୍ ଦଳରୁ ବାଦ୍ ପଡ଼ି ଚର୍ଚ୍ଚାରେ ଥିବା ଶ୍ରେୟସ ଆୟର, ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ଏଠାରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିବେ। ରଜତ ପାଟିଦାରଙ୍କ ନେତୃତ୍ୱରେ କେନ୍ଦ୍ରାଞ୍ଚଳ ଜୋରଦାର ମୁକାବିଲା କରିବ ବୋଲି ଆଶା କରାଯାଉଛି। ସେହିପରି ଦ୍ୱିତୀୟ ସେମିଫାଇନାଲ ଉତ୍ତରାଞ୍ଚଳ ଓ ଦକ୍ଷିଣାଞ୍ଚଳ ମଧ୍ୟରେ ଖେଳାଯିବ।

# ୟୁଏସ୍ ଓପନ୍ | ସେମିରେ ଜୋକୋଭିଚ୍-ଆଲ୍‌କାରାଜ୍

ନ୍ୟୁୟର୍କ,୩।୯ (ଏଜେନ୍ସି):





ବିଶ୍ୱର ନଂ-୨ ଖେଳାଳି ସ୍ପେନ୍‌ର କାର୍ଲୋସ ଆଲକାରାଜ ଓ ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ଲାଗି ଆଶାୟୀ ଥିବା ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ୟୁଏସ୍ ଓପନ ୨୦୨୫ ପୁରୁଷ ଏକକ ସେମିଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ମଙ୍ଗଳବାର ରାତିରେ ଅନୁଷ୍ଠିତ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ୱାର୍ଟରଫାଇନାଲ ମୁକାବିଲାରେ ଜୋକୋଭିଚ୍ ୬-୩, ୭-୫, ୩-୬, ୬-୪ ସେଟ୍‌ରେ ଚତୁର୍ଥ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍‌ଟି ୩ଘଣ୍ଟା ୪୨ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଫଳରେ ୩୮ ବର୍ଷୀୟ ଜୋକୋଭିଚ ବୟସ ଓ କ୍ଲାନ୍ତହୀନତାକୁ ପଛରେ ପକାଇ ଏହି ମ୍ୟାଚ୍ ଜିତିନେଇଥିଲେ। ଏଠାରେ ୪ଥର ଟାଇଟଲ ଜିତିଥିବା ଜୋକୋଭିଚ୍ ୧୪ଥର ଲାଗି ସେମିଫାଇନାଲରେ ପ୍ରବେଶ କରି ଜିମି କନ୍ନର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ଅନ୍ୟ ପକ୍ଷରେ ପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଆଲକାରାଜ ୩-୦ ସେଟ୍‌ରେ ନଂ-୨୦ ସିଡ ଜିରି ଲେହେକାଙ୍କୁ ପରାସ୍ତ କରି ପ୍ରଥମ ଖେଳାଳିଭାବେ ସେମିଫାଇନାଲରେ ପ୍ରବେଶ କରିଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ସହ ମୁକାବିଲା ଲାଗି ସେ ନିଜକୁ ଭଲ ଭାବେ ପ୍ରସ୍ତୁତ କରିନେଇଥିଲେ। ଜୋକୋଭିଚ୍‌ଙ୍କ ସହ ୭ଥର ମେଜର ମୁକାବିଲାରେ ଆଲକାରାଜ ହାରିନାହାନ୍ତି। କିନ୍ତୁ ଏଟିପି ମୁକାବିଲାରେ ଜୋକୋଭିଚ୍ ୩-୨ରେ ଆଗୁଆ ରହିଛନ୍ତି। ଆଲକାରାଜ ଓ ନଂ-୧ ଜାନିକ ସିନ୍ନରଙ୍କ ମଧ୍ୟରେ ଫାଇନାଲ ଲଢ଼େଇର ମୁଖ୍ୟ ପ୍ରତିବନ୍ଧକ ଭାବେ ମୁଁ ରହିଛି। ଏବେ ଉଭୟ ବିଶ୍ୱର ଶ୍ରେଷ୍ଠ ଖେଳାଳି। କିନ୍ତୁ ସେମିଫାଇନାଲ ମୁକାବିଲାରେ ମୁଁ ଖେଳ ଦେଖିବାକୁ ଯିବି ନାହିଁ, ଖେଳିବି ବୋଲି ସେମିଫାଇନାଲରେ ପ୍ରବେଶ କରିବା ପରେ କହିଛନ୍ତି ଜୋକୋଭିଚ୍।

ପୁରୁଷ ବିଭାଗର ଅନ୍ୟ ଦୁଇଟି କ୍ୱାର୍ଟର ଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବ। କ୍ୱାର୍ଟରରେ ୮ ନମ୍ବର ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ଓ କାନାଡାର ଫେଲିକ୍ସ ଅଗର-ଆଲିଆସିମେଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟର ଇଟାଲୀର ଜାନିକ ସିନ୍ନର ସେମିଫାଇନାଲ ସ୍ଥାନ ଲାଗି ୧୦ ନମ୍ବର ସିଡ ତଥା ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କ ସହ ମୁକାବିଲା କରିବେ।

### ଓହରିଲେ ଭୋଣ୍ଡ୍ରୋଉସୋଭା, ସେମିରେ ସାବାଲେଙ୍କା

ମଙ୍ଗଳବାର ରାତିରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ଓ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କ ମଧ୍ୟରେ ମହିଳା ଏକକ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ଆଘାତ ଲାଗିଥିବା ଆଣ୍ଠୁରେ ଯନ୍ତ୍ରଣା ଅଧିକ ହେବାରୁ ଭୋଣ୍ଡ୍ରୋଉସୋଭା ଏହି ମ୍ୟାଚ୍‌ରୁ ଓହରିଯାଇଥିଲେ। ଏହା ଫଳରେ ବିନା ଲଢ଼େଇରେ ନଂ-୧ ସାବାଲେଙ୍କା ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିରେ ତାଙ୍କର ମୁକାବିଲା ହେବ ନଂ-୪ ସିଡ୍ ଆମେରିକାର ଜେସିକା ପେଗୁଲାଙ୍କ ସହ। ପେଗୁଲା ଏକ ସହଜ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ଆଉ ଜଣେ ଖେଳାଳି ବାର୍ବରା କ୍ରେଜିକୋଭାଙ୍କୁ ୬-୩, ୬-୩ ସିଧାସଳଖ ସେଟ୍‌ରେ ପରାସ୍ତ କରି ସେମିରେ ପ୍ରବେଶ କରିଥିଲେ। ସେହିପରି ମହିଳା ଏକକ ବିଭାଗର ଅନ୍ୟ ଦୁଇ କ୍ୱାର୍ଟରଫାଇନାଲ ଆଜି ବା ବୁଧବାର ରାତିରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ନଂ-୨ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ନଂ-୮ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କର ମୁକାବିଲା ହେବ। ଗୁରୁବାର ସକାଳେ ନଂ-୧୧ ସିଡ୍ ଚେକ୍ ରିପବ୍ଲିକ୍‌ର କାରୋଲିନା ମୁଚୋଭାଙ୍କ ସହ ଫର୍ମକୁ ଫେରିଥିବା ନଂ-୨୩ ସିଡ୍ ଜାପାନର ନାଓମି ଓସାକାଙ୍କ ସହ ମୁକାବିଲା ହେବ।

### ପୁରୁଷ ଯୁଗଳ କ୍ୱାର୍ଟରରେ ଭାମ୍ବ୍ରୀ-ଭେନସ

ଭାରତର ଯୁକି ଭାମ୍ବ୍ରୀ ଓ ତାଙ୍କ ନ୍ୟୁଜିଲାଣ୍ଡ ଯୋଡି ମାଇକେଲ ଭେନସ ୟୁଏସ୍ ଓପନ ପୁରୁଷ ଯୁଗଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯାଇଥିବା ପ୍ରି-କ୍ୱାର୍ଟର ଫାଇନାଲ ମୁକାବିଲାରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଚତୁର୍ଥ ସିଡ ଜର୍ମାନୀର ଟିମ୍ ପୁଏଜ୍ ଓ କେଭିନ କ୍ରୱିଏଜଙ୍କୁ ୬-୪, ୬-୪ ସିଧାସଳଖ ସେଟ୍‌ରେ ହରାଇଥିଲେ। ଏହି ମୁକାବିଲା ଦୀର୍ଘ ଏକ ଘଣ୍ଟା ୨୩ ମିନିଟକାଳ ଚାଲିଥିଲା। ଏହି ବିଜୟ ଫଳରେ ଭାରତର ଭାମ୍ବ୍ରୀ ଯେ କୌଣସି ଗ୍ରାଣ୍ଡସ୍ଲାମ୍ ଇଭେଣ୍ଟରେ ପ୍ରଥମଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇଛନ୍ତି। ଆସନ୍ତାକାଲି ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲରେ ଭାମ୍ବ୍ରୀ-ଭେନସଙ୍କ ଯୋଡି ଏକାଦଶ ସିଡ୍ କ୍ରୋଏସିଆର ନିକୋଲା ମେକ୍ଟିକ୍ ଓ ଆମେରିକାର ଭେଟେରାନ ଖେଳାଳି ରାଜୀବ ରାମଙ୍କୁ ନେଇ ଗଠିତ ଯୋଡିଙ୍କୁ ଭେଟିବେ।

# ସିଏସ୍‌କେକୁ ଏନ୍ ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ



ଚେନ୍ନଇ, ୩।୯ (ଏଜେନ୍ସି): ଦୀର୍ଘ ବର୍ଷର ବ୍ୟବଧାନ ପରେ ବରିଷ୍ଠ କ୍ରିକେଟ୍ ପ୍ରଶାସକ ତଥା ବିସିସିଆଇର ପୂର୍ବତନ ସଭାପତି ଏନ୍ ଶ୍ରୀନିବାସନ ପାଞ୍ଚଥରର ଆଇପିଏଲ୍ ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍‌ସ (ସିଏସ୍‌କେ) ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶ୍ରୀନିବାସନଙ୍କ ସମେତ ତାଙ୍କ ଝିଅ ରୂପା ଗୁରୁନାଥଙ୍କୁ ଚେନ୍ନାଇ ସୁପର୍ କିଙ୍ଗ୍‌ସ କ୍ରିକେଟ୍ ଲିମିଟେଡ୍ (ସିଏସ୍‌କେସିଏଲ୍)ର ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ତେବେ ବୟସକୁ ଦୃଷ୍ଟିରେ ରଖି ଯାତ୍ରାକୁ ସୀମିତ ରଖିବା ଲାଗି ୮୦ ବର୍ଷୀୟ ଶ୍ରୀନିବାସଙ୍କୁ ସିଏସ୍‌କେର ପରାମର୍ଶଦାତା ଭୂମିକାରେ ଦେଖିବାକୁ ମିଳିବ। ସିଏସ୍‌କେର ସିଇଓ କାଶୀ ବିଶ୍ୱନାଥନ ଏହି ସୂଚନା ଦେଇଛନ୍ତି। ତାଙ୍କର ଉପସ୍ଥିତି ସିଏସ୍‌କେର ରଣନୀତି ଓ ପରିଚାଳନା ଦକ୍ଷତାକୁ ବୃଦ୍ଧି କରିବ ବୋଲି ସେ କରିଛନ୍ତି। ଭାରତୀୟ କ୍ରିକେଟ୍‌ରେ ଦଶନ୍ଧିରୁ ଊର୍ଦ୍ଧ୍ୱ ବର୍ଷର ଅଭିଜ୍ଞତା ଥିବା ଶ୍ରୀନିବାସନଙ୍କ ପ୍ରତ୍ୟାବର୍ତ୍ତନ ଚେନ୍ନଇ ସୁପର୍ କିଙ୍ଗ୍‌ସକୁ ଏଭଳି ସମୟରେ ହୋଇଛି ଯେତେବେଳେ ଦଳ ଗତ ଆଇପିଏଲ୍ ବିପର୍ଯ୍ୟୟରୁ ମୁକୁଳିବା ଲାଗି ଚେଷ୍ଟା କରୁଛି। ଆଇପିଏଲ୍ ଇତିହାସରେ ସିଏସ୍‌କେ ପ୍ରଥମଥର ଲାଗି ଗତ ଆଇପିଏଲ୍‌ରେ ସର୍ବନିମ୍ନ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ୨୦୦୮ରେ ସିଏସ୍‌କେ ଗଠନ ପଛରେ ଶ୍ରୀନିବାସନ ପ୍ରମୁଖ ଭୂମିକା ରହିଥିଲେ। କିନ୍ତୁ ସେ କେବେ ମଧ୍ୟ ଅଫିସିଆଲ୍ ଭାବେ ସିଏସ୍‌କେ ଫ୍ରାଞ୍ଚାଇଜର କୌଣସି ପଦବୀରେ ରହି ନ ଥିଲେ।

# ଦକ୍ଷିଣ ଆଫ୍ରିକାର ନେତୃତ୍ୱ ନେବେ ଲୌରା

**ମହିଳା ଦିନିକିଆ ବିଶ୍ୱକପ୍**

ଜୋହାନ୍ସବର୍ଗ, ୩।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ନଭେମ୍ବର ୨ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ଏହି ମେଗା ଇଭେଣ୍ଟ ଲାଗି ବୁଧବାର ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯୁବ ବ୍ୟାଟର୍ ଲୌରା ୱଲଭାର୍ଡଟଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ସେହିଭଳି ସୁନେ ଲସ୍, ମାରିଜାନ୍ନେ କାପ୍ପ, କ୍ଲୋଏ ଟ୍ରାୟନ ଓ ଆୟାବୋଙ୍ଗା ଖାକାଙ୍କ ଭଳି ଅଭିଜ୍ଞ ଖେଳାଳି ଦଳରେ ସ୍ଥାନ ବଜାୟ ରଖିଛନ୍ତି। ଅକ୍ଟୋବର ୩ରେ ଇଂଲଣ୍ଡ ବିପକ୍ଷରେ ଖେଳି ବିଶ୍ୱକପ୍‌ରେ ଅଭିଯାନ ଆରମ୍ଭ କରିବ।

**ଘୋଷିତ ଦକ୍ଷିଣ ଆଫ୍ରିକା ଦଳ:** ଲୌରା ୱଲଭାର୍ଡଟ୍ (ଅଧିନାୟିକା), ଆନେକ ବୋଶ୍ଚ, ତାଜମିନ ବ୍ରିଟ୍ସ, ନାଦିନେ ଡି କ୍ଲେର୍କ, ଆନେରି ଡେର୍କେସନ, ସିନାଲୋ ଜାଫତା, ମାରିଜାନ୍ନେ କାପ୍ପ, ଆୟାବୋଙ୍ଗା ଖାକା, ମାସାବାତା କ୍ଲାସ, ସୁନେ ଲସ୍, କାରାବୋ ମେସୋ, ନୋଙ୍କୁଲୁଲେକୋ ମାଲବା, ତୁମି ସେଖୁଖୁନେ, ନୋନ୍ଦୁମିସୋ ଶାଙ୍ଗାସୋ ଓ କ୍ଲୋଏ ଟ୍ରାୟନ।

# ଡବଲ୍ ସ୍ୱର୍ଣ୍ଣ ବିଜୟିନୀ ରଶ୍ମିତା ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩।୯ (ସମିସ): ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିବା ରଶ୍ମିତା ସାହୁଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଟ୍‌ରେ ଅଧ୍ୟୟନ କରୁଥିବା ରଶ୍ମିତାଙ୍କୁ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ବୁଧବାର ଆର୍ଥିକ ପ୍ରୋତ୍ସାହନ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ରଶ୍ମିତାଙ୍କୁ ଆଗାମୀ କ୍ରୀଡ଼ା କ୍ୟାରିୟରରେ ସମସ୍ତ ସହଯୋଗ ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୋଗାଇ ଦେବାକୁ ଶ୍ରୀ ସାମନ୍ତ ପ୍ରତିଶ୍ରୁତି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଶ୍ରୀନଗରରେ ଶେଷ ହୋଇଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ାରେ ଚୌଦ୍ୱାରର ରଶ୍ମିତା ୨୦୦ ମିଟର କାନୋଇଂ-୧ ଓ ୫୦୦ ମିଟର କାନୋଇଂ-୨ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ରବିବାର 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ରଶ୍ମିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ଉଦ୍‌ଯାପିତ




ଭୁବନେଶ୍ୱର, ୩।୯ (ସମିସ): ସ୍ଥାନୀୟ ପାଣ୍ଡରାସ୍ଥିତ ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀରେ ଦୁଇ ଦିନିଆ ୨୩ତମ ଜିଲ୍ଲାସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୫ଟି ଏକାଡେମୀର ୨୮୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିନୋରୀ ଟାଏକ୍ୱୋଣ୍ଡୋ ଏକାଡେମୀର ୪୧ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୩ ଜଣ ସ୍ୱର୍ଣ୍ଣ, ୭ ଜଣ ରୌପ୍ୟ ଏବଂ ୧୦ ଜଣ କାଂସ୍ୟ ପଦକ ଜିତିବାରେ ସଫଳ ହୋଇଥିଲେ। ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ୧୯ ନମ୍ବର ୱାର୍ଡର କର୍ପୋରେଟର ସ୍ମୃତିଶିଖା ବରିସାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ।

**ଏସିଆ କପ୍ ହକି ସୁପର-୪ ମୁକାବିଲା**

# ଚୀନ୍‌କୁ ୨-୦ ଗୋଲ୍‌ରେ ହରାଇଲା ମାଲେସିଆ

ରାଜଗିର,୩।୯ (ଏଜେନ୍ସି):

ଏଠାରେ ଆଜିଠାରୁ ଆରମ୍ଭ ହୋଇଛି ଏସିଆ କପ୍ ପୁରୁଷ ହକିର ସୁପର-୪ ମୁକାବିଲା। ଏହି ପର୍ଯ୍ୟାୟର ବୁଧବାର ଖେଳାଯାଇଥିବା ପ୍ରଥମ ମୁକାବିଲାରେ ମାଲେସିଆ ୨-୦ ଗୋଲରେ ଚୀନ୍‌କୁ ହରାଇ ପୂରା ପଏଣ୍ଟ ସଂଗ୍ରହ କରିଛି। ଦଳ ପକ୍ଷରୁ ଏକ ନମ୍ବର ଜର୍ସି ପରିହିତ ଖେଳାଳି ସୟଦ ଚୋଲାନ ପେନାଲ୍ଟି କର୍ଣ୍ଣରରୁ ଓ ୧୧ ନମ୍ବର ଅଖିମୁଲ୍ଲା ଅନୁଆର ଗୋଟିଏ ଫିଲ୍ଡ ଗୋଲ କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଉଭୟ ଦଳ ଗୋଲ ସ୍କୋର କରିବାରେ ସମର୍ଥ ହୋଇ ନ ଥିଲେ। ଟୁର୍ଣ୍ଣାମେଣ୍ଟରେ ୩ଟି ଯାକ ଲିଗ୍ ମୁକାବିଲାକୁ ସହଜରେ ଜିତିଥିବା ମାଲେସିଆ ପକ୍ଷରୁ ତୃତୀୟ ଓ ଚତୁର୍ଥ କ୍ୱାର୍ଟରରେ ଗୋଟିଏ ଲେଖାଏଁ ଗୋଲ କରିବାରେ ସମର୍ଥ ହୋଇଥିଲା। ଆସନ୍ତାକାଲି ସୁପର-୪ର ଦ୍ୱିତୀୟ ମୁକାବିଲାରେ ଭାରତ ସହ ଖେଳିବ ମାଲେସିଆ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ଏଯାଏ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଆସିଛନ୍ତି। ସୁପର-୪ ମୁକାବିଲା ପୂର୍ବରୁ ଖେଳାଯାଇଥିବା କ୍ଲାସିଫିକେସନ ମୁକାବିଲାରେ ଜାପାନ ୨-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରିଛି। ଆସନ୍ତାକାଲି ବାଂଲାଦେଶ ଓ କାଜାଖସ୍ଥାନ ମଧ୍ୟରେ ମୁକାବିଲା ହେବ।




### ଭାରତ-କୋରିଆ ମୁକାବିଲାରେ ବର୍ଷା ପ୍ରତିବନ୍ଧକ

ମାଲେସିଆ-ଚୀନ୍ ସୁପର-୪ ମୁକାବିଲା ପରେ ଏଠାରେ ପ୍ରବଳ ବର୍ଷା ହୋଇଥିଲା। ଅଧଘଣ୍ଟା ପ୍ରବଳ ବର୍ଷିବା ଫଳରେ ପଡ଼ିଆର ଚାରିଆଡ଼େ ପାଣି ଜମିଯାଇଥିଲା। ଏଣୁ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସୁପର-୪ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଆରମ୍ଭ ହୋଇ ପାରି ନ ଥିଲା। ପଡ଼ିଆକୁ ସ୍ୱେଚ୍ଛାସେବୀମାନେ ଶୁଖାଇବା ଲାଗି ଆପ୍ରାଣ ଉଦ୍ୟମ କରିବା ପରେ ଖେଳ ଆରମ୍ଭ ହୋଇଥିଲା। ପ୍ରଥମ କ୍ୱାର୍ଟର ସୁଦ୍ଧା କୋରିଆ ୨-୧ରେ ଆଗୁଆ ଥିଲା।

ଏହା ପୂର୍ବରୁ ଲିଗ୍ ପର୍ଯ୍ୟାୟରେ ଭାରତ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଗ୍ରୁପ୍-ଏ'ରେ ପ୍ରଥମସ୍ଥାନ ଅଧିକାର କରି ସୁପର-୪ରେ ପ୍ରବେଶ କରିଥିଲା। ଦଳ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୨-୧ ଓ କାଜାକସ୍ଥାନକୁ ୧୫-୦ ଗୋଲରେ ପରାସ୍ତ କରିଥିଲା। ଦଳ କିନ୍ତୁ ଚୀନ୍ ଓ ଜାପାନ ବିପକ୍ଷରେ ବିଶ୍ୱସନୀୟ ଖେଳ ପ୍ରଦର୍ଶନ କରିବାରେ ସମର୍ଥ ହୋଇ ନ ଥିଲା। ଆଜିର ଦକ୍ଷିଣ କୋରିଆ ମୁକାବିଲା ପରେ ଆସନ୍ତାକାଲି ମାଲେସିଆ ସହ ଓ ଶନିବାର ଚୀନ ସହ ସୁପର-୪ ମ୍ୟାଚ୍ ଖେଳିବ। ଅନ୍ୟପକ୍ଷରେ ଦକ୍ଷିଣ କୋରିଆ ଏକମାତ୍ର ମାଲେସିଆଠାରୁ ମ୍ୟାଚ୍ ହାରିଥିବାବେଳେ ବାଂଲାଦେଶ ଓ ଚାଇନିଜ୍ ତାଇପେକୁ ସହଜରେ ପରାସ୍ତ କରିଥିଲା।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS